

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୨୮୪ ● ୧୨ ନଭେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-284 ● 12th November 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

DSPL-344



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ






ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ
# ଉଦ୍‌ଘାଟନୀ ଉତ୍ସବ



**ମୁଖ୍ୟ ଅତିଥି**

## ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ



**ଗରିମାମୟ ଉପସ୍ଥିତି**

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ଅନନ୍ତ ନାରାୟଣ ଜେନା**
ବିଧାୟକ, ଭୁବନେଶ୍ୱର (ମଧ୍ୟ)

**ଶ୍ରୀ ସୁଶାନ୍ତ କୁମାର ରାଉତ**
ବିଧାୟକ, ଭୁବନେଶ୍ୱର (ଉତ୍ତର)

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର, ଭୁବନେଶ୍ୱର

୧୨ ନଭେମ୍ବର ୨୦୨୫
କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ଭୁବନେଶ୍ୱର

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**





# କେନ୍ଦ୍ରାପଡ଼ାରେ ବ୍ରାଉନ୍ ସୁଗାର ଓ ଚୋରା ମଦ କାରବାର ବଢୁଛି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ନିଶା କାରବାର ଦିନକୁ ଦିନ ବଢି ଚାଲିଛି । ଏହାର ପ୍ରଭାବ ମାତ୍ରାଧିକ ପରିମାଣରେ ଯୁବ ପିଢିଙ୍କ ଉପରେ ପଡୁଥିବା ବେଳେ ଜିଲ୍ଲା ସାରା ଚୋରା ମଦ ଓ ବ୍ରାଉନ୍ ସୁଗାର କାରବାର ଦ୍ରୁତ ଗତିରେ ବଢି ଚାଲିଛି । ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ଚୋରା ମଦ ବ୍ୟବସାୟ ଓ ବ୍ରାଉନ୍ ସୁଗାର କାରବାର କରି ବ୍ୟବସାୟୀମାନେ ବଡ ବଡ ଅଟ୍ଟାଳିକା ତିଆରି କରିଛନ୍ତି । ଏହାର ମୁଖ୍ୟ କାରଣ ହେଉଛି ସରଳ ଆଇନ୍ । ଚୋରା କାରବାର କରୁଥିବା ବ୍ୟବସାୟୀମାନେ ଗିରଫ ହେବାପରେ ସହଜରେ ଜାମିନ୍ ପାଇ ପୁନର୍ବାର ସେହି ବ୍ୟବସାୟରେ ନିଜକୁ ନିୟୋଜିତ କରୁଛନ୍ତି । ଚୋରା ଦେଶୀ ରନ୍ଧା ମଦ ଏବଂ ବ୍ରାଉନ୍ ସୁଗାର ବେପାର ପାଇଁ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଦିନକୁ ଦିନ କେନ୍ଦ୍ରାପଡ଼ାରେ ମଦ ଓ ବ୍ରାଉନ୍ ସୁଗାର ବ୍ୟାପାର କାୟା ବିସ୍ତାର କରିବାରେ ଲାଗିଛି । ଜିଲ୍ଲାର ଭବିଷ୍ୟତ ଏହା କବଳରେ ପଡ଼ି ଚାଲିଛି । ତୁରନ୍ତ କୋହଳ ଆଇନ୍ ପରିବର୍ତ୍ତେ କଡ଼ା ଆଇନ୍ ପ୍ରଣୟନ କରିବା ପାଇଁ ବୁଦ୍ଧିଜୀବୀ ଓ ଆଇନଜୀବୀମାନେ ମତାମତ ଦେଇଛନ୍ତି । ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ଏହି ନିଶା କବଳରେ ପଡି ନିଜର ଭବିଷ୍ୟତକୁ ଅନ୍ଧକାର କରୁଥିବା ଉଦ୍‌ବେଗର ଘଟଣା ପାଲଟିଛି । ବିଭିନ୍ନ ଷ୍ଟେସନାରୀ ଦୋକାନରେ ବିକ୍ରି ହେଉଥିବା ବିଭିନ୍ନ ପ୍ରକାରର ନିଶା ସେଣ୍ଟ ଓ ଗୋଗୋ କାଗଜରେ ଗଞ୍ଜେଇ ପୁରାଇ ଟାଣିବା ସହ ଡେନ୍‌ଡ୍ରାଇଟ୍ ଅଠା ଶୁଙ୍ଘି, କୋରେକ୍ସ କଫ୍ ସିରପ୍ ପିଇବା ଦ୍ୱାରା ଧିରେ ଧିରେ ନିଶାଗ୍ରସ୍ତ ହେବାରେ ଲାଗିଛନ୍ତି । ନାବାଳକ ଓ କମ୍ ବୟସ୍କ ହୋଇଥିବାରୁ ଏମାନଙ୍କ ବୁଝିବାର ଶକ୍ତି ନଥିବାରୁ ସାଙ୍ଗ ସାଥୀଙ୍କ ଦ୍ୱାରା ପ୍ରଭାବିତ ହୋଇ ନିଶା ସେବନକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଜିଲ୍ଲାର ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡା ପୌରାଞ୍ଚଳ ସହିତ ଆଳି, ରାଜନଗର, ମହାକାଳପଡା, ରାଜକନିକା, ଗରଦପୁର, ଡେରାବିଶ,




ମର୍ଶାଘାଇ ପ୍ରଭୃତି ଅଞ୍ଚଳରେ ଯୁବକମାନେ ବ୍ରାଉନ୍ ସୁଗାର ବ୍ୟବସାୟକୁ ଆପଣେଇ ନେଇଛନ୍ତି । ୨୦୨୨-୨୩ ମସିହାରେ ଅବକାରୀ ବିଭାଗ ୧୦୧୫ଟି ମାମଲା ରୁଜୁ କରି ୪୦୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୨୦୨୩-୨୪ରେ ୧୨୬୯ ମାମଲା ରୁଜୁ କରି ୧୩୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୨୦୨୪-୨୫ରେ ୧୨୯୯ ମାମଲା ରୁଜୁ କରି ୬୧୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୨୦୨୫-୨୬ ନଭେମ୍ବର ମାସ ସୁଦ୍ଧା ୮୪୨ ମାମଲା ରୁଜୁ କରି ୪୦୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅବକାରୀ ବିଭାଗ ରିପୋର୍ଟ ଅନୁସାରେ ପ୍ରତ୍ୟେକ ବର୍ଷ ଜିଲ୍ଲାରେ ଚୋରା ମଦ ଓ ବ୍ରାଉନ୍ ସୁଗାର ବ୍ୟବସାୟୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ନିଶା ନିବାରଣର କୋହଳ ଆଇନ୍ ଯୋଗୁ ଗିରଫ ହେଉଥିବା ବ୍ୟକ୍ତିମାନେ ୨-୪ ଦିନରେ ଜାମିନ୍‌ରେ ଆସି ପୁଣି ଚୋରା ନିଶା କାରବାର କରି ପ୍ରଚୁର ମୁନାଫା କମାଇବା ସହ ଯୁବ ପିଢିଙ୍କୁ ବିଭ୍ରାନ୍ତ କରିଥିବା ଜଣାପଡିଛି । ଚୋରା ବ୍ୟବସାୟୀ ଗିରଫ କରିବା ସହ ଶହ ଶହ ସଂଖ୍ୟାରେ ମୋଟର ସାଇକେଲ ଓ ଚାରି ଚକିଆ ଯାନକୁ ମଧ୍ୟ ଜବତ କରାଯାଇଛି । ଅବକାରୀ ବିଭାଗ ସହିତ ଜିଲ୍ଲାର ଥିବା ପ୍ରତ୍ୟେକ ଥାନା ଗୁଡିକରେ ମଧ୍ୟ ଚୋରା ମଦ ଓ ବ୍ରାଉନ୍ ସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଛି । କେନ୍ଦ୍ରାପଡା ଜିଲ୍ଲାରେ ୨୪୯ଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତରେ ଚୋରା ମଦ କାରବାର ବୃଦ୍ଧି ପାଉଛି । ଏହାକୁ ବନ୍ଦ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ମହିଳା ସମିତି ମାନେ ଉଦ୍ୟମ କରି କରି ଚୋରା ବେପାରୀଙ୍କ ଆକ୍ରମଣର ଶିକାର ହେଉଛନ୍ତି । ଚୋରା ମଦ ବ୍ୟବସାୟୀମାନେ ଅନ୍‌ଲାଇନ୍ ଅର୍ଡର୍ ନେଇ ଘରେ ଘରେ ମଦ ପହଞ୍ଚାଇବା ବ୍ୟବସ୍ଥା କରିଥିବା ଯୋଗୁ ଅବକାରୀ ବିଭାଗ ଓ ପୋଲିସ ମଧ୍ୟ ଏହାର ଟେର୍ ପାଇପାରୁନାହାନ୍ତି । ଜିଲ୍ଲାରେ ସରକାରୀ ଭାବେ ୬୭ଟି ଠିପି ବନ୍ଦ ଓ ୨୦ଟି ଠିପି ଖୋଲା ମଦ ଦୋକାନ ରହିଛି । ଏହି ଲାଇସେନ୍ସ ପ୍ରାପ୍ତ ମଦ ଦୋକାନୀ ମାନେ ନିଜର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ମଦ ଦୋକାନ ନଥିବା ଅଞ୍ଚଳରେ ପାନ ଦୋକାନ, ଚାହା ଦୋକାନ ଭଳି ଛୋଟ ଛୋଟ ଦୋକାନୀ ମାନଙ୍କୁ ପ୍ରଲୋଭିତ କରି ସେମାନଙ୍କ ନିକଟରେ ମଦ ପହଞ୍ଚାଇ ପ୍ରଚୁର ମୁନାଫା କମାଉଥିବା ବେଳେ ନିଜ ବ୍ୟବସାୟକୁ ବଢାଇ ଚାଲିଛନ୍ତି । ଏଥିପାଇଁ ପ୍ରତି ଗାଁରେ ମଦୁଆଙ୍କ ସଂଖ୍ୟା ବୃଦ୍ଧିପାଇ ନାନା ପ୍ରକାର ବିଶୃଙ୍ଖଳା, ହିଂସାକାଣ୍ଡ ଓ ଅସାମାଜିକ କାର୍ଯ୍ୟକଳାପ ଓ ବିଶୃଙ୍ଖଳା ବଢି ଚାଲିଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ କଠୋର ଆଇନ୍ ଆଣିବା ସହ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଆଇନ୍ ଆଣିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରୁଛନ୍ତି । ଯେମିତି ଗଞ୍ଜେଇ ବେପାର ପାଇଁ ସର୍ବାଧିକ ମାସେ ଜେଲ୍‌ରେ ରହିବାକୁ ହୁଏ ସେହିପରି ମଦ ପାଇଁ ସ୍ୱତନ୍ତ୍ର ଆଇନ୍ ଆବଶ୍ୟକ । ଜିଲ୍ଲା ଅବକାରୀ ନିରୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି ଆମେ ଚଳିତବର୍ଷ ଏପ୍ରିଲ ମାସରୁ ଆଜି ପର୍ଯ୍ୟନ୍ତ ଅର୍ଥାତ୍ୟ ଅକ୍ଟୋବର ମାସ ଶେଷ ସୁଦ୍ଧା (୭ମାସ) ମୋଟ୍ୟ ୬୭୦ ଗ୍ରାମୟ ବ୍ରାଉନୟ ସୁଗାର ଜବତ କରିଛୁ । ଯାହାର ଆନୁମାନିକ ସରକାରୀ ମୂଲ୍ୟ ୬୭ ଲକ୍ଷ ଟଙ୍କା ହେବ । ଏନେଇ ୧୦ଟି ମାମଲା ରୁଜୁ କରାଯାଇ ୧୨ ଜଣଙ୍କୁ ଗିରଫ କରାଯାଇଛି । ଏହା ସହିତ କାର୍ ଓ ବାଇକ୍ ଜବତ କରାଯାଇଛି । ଗତ ୭ ମାସ ମଧ୍ୟରେ ପାଖାପାଖି ୧୧ ହଜାର ଲିଟର ରନ୍ଧା ମଦ ଜବତ କରିଛୁ । ଯେଉଁମାନଙ୍କ ଲାଇସେନ୍ସ ନଥାଇ ସେମାନେ ବିଦେଶୀ ମଦ ବ୍ୟବସାୟ କରୁଛନ୍ତି ଆମେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ । ୧୯,୯୮୬ ଲିଟର ଚୋରା ବିଦେଶୀ ମଦ ଜବତ କରିଛୁ । ଜିଲ୍ଲା ଅବକାରୀ ନିରୀକ୍ଷକ ଏପ୍ରିଲରୁ ଆଜି ପର୍ଯ୍ୟନ୍ତ ଏହି ଲାଇସେନ୍ସ ନପାଇ ଚୋରାରେ ବିଦେଶୀ ମଦ ବେପାର କରୁଥିବା ୬୯୦ ଜଣ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅଦ୍ୟାବଧି ୧୯,୯୮୬ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି । ଯେତେ ଥର ଗିରଫ ହେଲେ ମଧ୍ୟ ଦିନକ ପରେ ଜାମିନରେ ଆସି ପୁଣି ବେପାର କରୁଛନ୍ତି ଏହି ଅପରାଧୀ । ଅଭିଯୁକ୍ତଙ୍କ ଦଣ୍ଡ ବିଧାନକୁ ବଢାଇବା ପାଇଁ ଆମେ ମନ୍ତ୍ରୀଙ୍କ ସହିତ କମିଶନରଙ୍କ ମିଟିଂରେ ମଧ୍ୟ ଅନୁରୋଧ କରିଛୁ । କେନ୍ଦ୍ରାପଡା ଜିଲ୍ଲାରେ ଯୁବ ପିଢିଙ୍କୁ ଏଥିରୁ ଉଦ୍ଧାର କରିବା ପାଇଁ ଅଧିକରୁ ଅଧିକ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

## ଶେଷରେ ଦାରୁଠେଙ୍ଗ ଖଣିରୁ ଧରାହେଲା ମଗର ପ୍ରଜାତିର କୁମ୍ଭୀର

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ପ୍ରାୟ ବର୍ଷେ ହେଲା ଦାରୁଠେଙ୍ଗ ଯୁଝଗଡ଼ ଅଞ୍ଚଳର ଲୋକେ ଅଭିଯୋଗ କରୁଥିଲେ ଯେ ଖଣିରେ କୁମ୍ଭୀର ଅଛି । ମାତ୍ର ବନ ବିଭାଗ ଲୋକଙ୍କ କଥାକୁ ଗୁଜବ ବୋଲି କହି ଫାଙ୍କି ଦେଇଥିଲା । ଏମିତିକି ଯୁବକମାନେ ମୋବାଇଲ୍‌ରେ ଫଟୋ ଉଠାଇ ବନ ବିଭାଗକୁ ଦେଇଥିଲେ ମଧ୍ୟ ତାହାକୁ କେହି ବିଶ୍ୱାସ କରିନଥିଲେ । ଖଣିରେ ବଢୁଥିବା କୁମ୍ଭୀରଟି ଦିନକୁ ଦିନ ବଡ଼ ହେବା ସହ ବାଛୁରୀ, ବତକ, ହଂସ ଓ କୁକୁର ମାରି ଖାଇବା ପରେ ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଲା ଏବଂ ବନ ବିଭାଗ ଉପରେ ଚାପ ପଡ଼ିଲା । ଶେଷରେ ଲୋକଙ୍କ ଅଭିଯୋଗ ସତ ପ୍ରମାଣିତ ହେଲା ଏବଂ ମଗର ପ୍ରଜାତିର କୁମ୍ଭୀରଟି ଧରାପଡ଼ିଲା । ବନ ବିଭାଗ କୁମ୍ଭୀରକୁ ନେଇ ଡେରାସ ଲାଞ୍ଜିଆରେ ଛାଡ଼ିବା ପରେ ଦାରୁଠେଙ୍ଗ ଯୁଝଗଡ଼ ଅଞ୍ଚଳରେ ଲୋକେ ଆଶ୍ୱସ୍ତ ହୋଇଛନ୍ତି । ଦାରୁଠେଙ୍ଗ ଯୁଝଗଡ଼ ବନଦୁର୍ଗା ମନ୍ଦିର ନିକଟ ପଥର ଖଣିରେ କୁମ୍ଭୀରଟିଏ ଥିବା ନେଇ ଗତବର୍ଷ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ । ଖଣି କୂଳରେ କୁମ୍ଭୀରଟି ଖରାକୁ ପିଠି କରି ଶୋଇଥିବା ବେଳେ ରିଲ୍ସ କରୁଥିବା କିଛି ଯୁବକ ଦେଖିଥିଲେ ଏବଂ ମୋବାଇଲ୍‌ରେ ଫଟୋ ଉଠାଇଥିଲେ । କିନ୍ତୁ ବନ ବିଭାଗ ମାନିନଥିଲା । ବନ ବିଭାଗର କର୍ମଚାରୀ ମାନେ, ଖଣିକୁ କୁମ୍ଭୀର କୁଆଡୁ ଆସିଲା ବୋଲି କହି କଥାକୁ ଫାଙ୍କି ଦେଇଥିଲେ । ଏମିତିକି ଏହା ଏକ ଗୁଜବ ବୋଲି ପ୍ରଚାରିତ ହେଲା । କିନ୍ତୁ ଗତ କିଛି ଦିନ ହେଲା ଖଣିକୁ ଯାଉଥିବା ସ୍ଥାନୀୟ ଲୋକଙ୍କ କିଛି ବତକ ମରିବା ପରେ କୁମ୍ଭୀର ଥିବା ନେଇ ଲୋକେ ନିଶ୍ଚିତ ହୋଇଥିଲେ । ସ୍ଥାନୀୟ ଲୋକେ ବନ ବିଭାଗକୁ ବାରମ୍ବାର ଅଭିଯୋଗ କଲେ । ତେଣୁ ଚନ୍ଦକା ରେଞ୍ଜ୍ ଅଧିକାରୀ ଓ କର୍ମଚାରୀମାନେ ଜାଲୁଆ ଡାକି କୁମ୍ଭୀରକୁ ଧରିବା ଲାଗି ଉଦ୍ୟମ କରିଥିଲେ । ଖଣିରେ ବଡ଼ ଜାଲ ପକାଇବା ପରେ କୁମ୍ଭୀରଟି ଧରାପଡ଼ିଥିଲା । ପ୍ରାୟ ସାଢ଼େ ୫ଫୁଟ୍‌ର କୁମ୍ଭୀରଟି ମଗର ପ୍ରଜାତିର ବୋଲି ବନ ବିଭାଗ କହିଛି । ସୂଚନାଯୋଗ୍ୟ ଯେ ଗତ କିଛି ବର୍ଷ ହେଲା ମେଣ୍ଢାଶାଳ ଅଞ୍ଚଳରୁ ବିଭିନ୍ନ ଜଳାଶୟରୁ କୁମ୍ଭୀର ଧରା ହୋଇଛନ୍ତି । ମେଣ୍ଢାଶାଳ ହଦ, କଳାଝରର ପୋଖରୀ ଓ ଗୁପ୍ତପଡ଼ାରୁ କୁମ୍ଭୀର ଧରାହୋଇଛନ୍ତି । ଚନ୍ଦକା ଅଭୟାରଣ୍ୟର କୁମାରଖୁଣ୍ଟି, ଡେରାସ ଜଳ ଭଣ୍ଡାରରେ ଛଡ଼ାଯାଇଥିବା କୁମ୍ଭୀର ବର୍ଷା ଦିନେ ଜଳସ୍ରୋତରେ ବାହାରି ଆସୁଥିବା କୁହାଯାଉଛି । ପୂର୍ବରୁ ଘଡ଼ିଆଳ ଧରାପଡ଼ିଥିଲେ । ଏଥର ମଗର ଧରାପଡ଼ିଛି ।

## ଜମୁଛି କଟକ ବାଲିଯାତ୍ରା:୫ଦିନରେ ଓରମାସ୍‌ର ବେପାର ୨୩ କୋଟି

**କଟକ, ନ୍ୟୁଜ୍ ବ୍ୟୁରୋ**

ବାଲିଯାତ୍ରାରେ ଗତ ୫ ଦିନ ଭିତରେ ଓରମାସ୍ ପକ୍ଷରୁ ଚାଲିଥିବା ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳାରେ ୨୩ କୋଟି ୧୨ ଲକ୍ଷ ୬୬ ହଜାର ଟଙ୍କାର ବ୍ୟବସାୟ କରିଛି । ପ୍ରଥମ ଦିନ ବେପାର ମାନ୍ଦା ଥିଲା ବେଳେ ୮୯ ଲକ୍ଷ ୩୬ ହଜାର ଟଙ୍କାର ବ୍ୟବସାୟ ହୋଇଥିଲା । ତେବେ ଏହାପରଠୁ ପ୍ରତ୍ୟେକ ଦିନ ବ୍ୟବସାୟ ବୃଦ୍ଧି ହୋଇଛି । ଗୁରୁବାର ୨କୋଟି ୧୩ ଲକ୍ଷ ଟଙ୍କା, ଶୁକ୍ରବାର ୩ କୋଟି ୯୧ ଲକ୍ଷ ୮୭ ହଜାର ଟଙ୍କାର ବେପାର ହୋଇଥିଲା । ଶନିବାର ଓ ରବିବାର ଲୋକଙ୍କ ସଂଖ୍ୟା ଢେର ବୃଦ୍ଧି ପାଇଥିଲା । କେବଳ ଏହି ଦୁଇ ଦିନରେ ପାଖାପାଖି ୧୬ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା । ଶନିବାର ୬ କୋଟି ୮୩ ଲକ୍ଷ ୪୭ ହଜାର ଏବଂ ରବିବାର ୯ କୋଟି ୩୪ ଲକ୍ଷ ୯୬ ହଜାର ଟଙ୍କାର ବ୍ୟବସାୟ ହୋଇଛି । ଓରମାସ୍‌ରେ ଏଥର ପାଖାପାଖି ୫୦୦ ଷ୍ଟଲ୍ ପଡ଼ିଥିଲା ବେଳେ ୨୫ ଟି ଫୁଡ୍‌କୋର୍ଟ ରହିଛି । ଫୁଡ୍‌କୋର୍ଟରେ ପ୍ରଥମ ଦୁଇ ଦିନ ବେପାର ମାନ୍ଦା ଥିଲାବେଳେ ସପ୍ତାହନ୍ତରେ କିନ୍ତୁ ପ୍ରବଳ ଜନସମାଗମ ହୋଇଥିଲା । ସେହିପରି ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ହାତ ତିଆରି ସାମଗ୍ରୀ ସହିତ ଆଚାର, ଶାଢ଼ି, ଝୋଟ ସାମଗ୍ରୀ, କନ୍ଧମାଳ, କୋରାପୁଟ ଆଦି ସ୍ଥାନର ମାଣ୍ଡିଆ ଜାତୀୟ ସାମଗ୍ରୀ, ଚାଉଳ, ହଳଦି, ଘରକରଣା ସାମଗ୍ରୀ ଇତ୍ୟାଦି ଅଧିକ ମାତ୍ରାରେ ବିକ୍ରି ହୋଇଛି । ପୁଣି ୨୫ ରାଜ୍ୟରୁ ହସ୍ତତନ୍ତ ସାମଗ୍ରୀ ଅଣାଯାଇଥିବା ବେଳେ ସେଗୁଡ଼ିକ ମଧ୍ୟ ବେଶ୍ ଆଦୃତ ପାଇଛି । ଏ ସଂକ୍ରାନ୍ତରେ ଓରମାସ୍‌ର ଯୁଗ୍ମ ସିଇଓ ବିପିନ ରାଉତ କହିଛନ୍ତି, ଘରେ ନିତ୍ୟ ବ୍ୟବହାର କରିବା କିମ୍ବା ସୋ'କେସ୍‌ରେ ସଜାଇବା ଭଳି ସାମଗ୍ରୀ ଆସିଥିବାରୁ ସେଗୁଡ଼ିକୁ କିଣିବାକୁ ଲୋକମାନେ ପସନ୍ଦ କରୁଛନ୍ତି । ଏଥିସହିତ ମା'ମାନଙ୍କ ଆୟ ବୃଦ୍ଧି ହୋଇଥିଲା ବେଳେ ଏବେ ସେମାନଙ୍କୁ ଡିଜିଟାଲ୍ କ୍ଷେତ୍ରରେ ସାକ୍ଷର କରାଯାଇଛି । ତେଣୁ ସେମାନେ ନିଜ ସାମଗ୍ରୀକୁ ମେଳାରେ ବିକ୍ରି କରିବା ସହିତ ଆଗକୁ ସୋସିଆଲ୍ ମିଡିଆ କିମ୍ବା ୱେବ୍‌ସାଇଟ୍ ମାଧ୍ୟମରେ ମଧ୍ୟ ବିକ୍ରି କରିପାରିବେ ।

## 'ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ, ଭଦ୍ରକ ଭୂଖଣ୍ଡର ଅସ୍ମିତା'

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭାରତ ବର୍ଷ ତଥା ସମଗ୍ର ଓଡ଼ିଶା ରାଜ୍ୟରେ ଭଦ୍ରକ ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର । ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ମଣିଷମାନେ ଯୋଗଦେଇ ଯେପରି ଅଦମ୍ୟ ସାହସ ପ୍ରଦର୍ଶନ କରି ବଳିଦାନ ଦେଇଛନ୍ତି । ସେପରି ଏହି ମାଟି ସଂସ୍କୃତି, ସାହିତ୍ୟ, ଐତିହ୍ୟର ଗୌରବ ଗୀତିକା ଗାଉଛି । ଏହି ମାଟିର ମଣିଷ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ନୂତନ ଓଡ଼ିଶା ଗଠନରେ ଯେପରି ନେତୃତ୍ୱ ନେଇଥିଲେ ସେପରି ଏହି ମାଟିର ଅମର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ରଚନା ବନ୍ଦେ ଉତ୍କଳ ଜନନୀ.... ଆମ ରାଜ୍ୟର ଜାତୀୟ ସଂଗୀତ ହୋଇ ଆମ ମାଟିର ଅସ୍ମିତାକୁ ଉର୍ଦ୍ଧ୍ୱକୁ ଟେକି ଧରିଛି । ଏଣୁ ଭାରତର ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ ଏହି ଭୂମିର ଅସ୍ମିତା ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆ ଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ



ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍ଘାଟିତ

ପୁସ୍ତକ ମେଳା ଉଦ୍ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ଏବଂ ପୁସ୍ତକର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ବକ୍ତା, ଚରମ୍ପା ଆଇ.ଟି.ଆଇ. ଅଧକ୍ଷା ତଥା 'ନୂଆ ଯୁଗର ନୂଆ ସକାଳ' ସମ୍ପାଦିକା କବୟିତ୍ରୀ ଅବନ୍ତୀ ମଲ୍ଲିକ, ରୋଟାରିୟାନ ଶିଶିର କୁମାର ମିଶ୍ର, ଅଧ୍ୟାପକ ରୋଟାରିୟାନ ଶେଖ୍ ନାଶିର ବକ୍ସ, କବୟିତ୍ରୀ ନିରୁପମା ମିଶ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମହୋତ୍ସବ ଆବାହକ ଅଧ୍ୟାପକ ନିହାର ରଞ୍ଜନ କର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଦେଇଥିବା ବେଳେ ମହୋତ୍ସବ ଓ ପୁସ୍ତକ ମେଳାର ସମ୍ପାଦକ ରବିନାରାୟଣ ଖିଲାର ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଡା. ଅନିଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସହ ସମ୍ପାଦିକା କଳ୍ପନା ଜେନା ଅତିଥି ମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ଓ ଅଧକ୍ଷା ଦିପ୍ତୀମୟୀ ସାହୁ, କବୟିତ୍ରୀ ତଥା ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ସଂଯୁକ୍ତା ବଳ, ମମତା ଦାଶ ଓଡ଼ିଶା ଜାତୀୟ ସଂଗୀତ ପରିବେଷଣ କରିଥିଲେ । ସୁଶ୍ରୀ ଅଞ୍ଜନା ମିଶ୍ର, କବୟିତ୍ରୀ ଚୈତାଳି ଖିଲାର, ଆଡଭୋକେଟ୍ ଅଞ୍ଜୁବାଳା ରାଉତ, ସୁପ୍ରଭା ମିଶ୍ର, ସୁମିତ୍ରା ପାଣି, ଶଶିକଳା ମିଶ୍ରଙ୍କ ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ । ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଉତ୍ସବ ଡ୍ୟାନ୍ସ ଗ୍ରୁପର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ନଭେମ୍ବର ୧୦ରୁ ୨୩ ପର୍ଯ୍ୟନ୍ତ ୧୪ ଦିନ ଧରି ଅନୁଷ୍ଠିତ ଉକ୍ତ ସାରସ୍ୱତ ଓ ସାଂସ୍କୃତିକ ସମାବେଶରେ ଓଡ଼ିଶା ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲାର ବହୁ କଳାକାର ଓ ପୁସ୍ତକ ପ୍ରକାଶକ ଅଂଶଗ୍ରହଣ କରିବେ ବୋଲି ମହୋତ୍ସବ କମିଟିର ମିଡିଆ ସେଲ୍ ଅଧକ୍ଷ ପ୍ରମୋଦ ରାୟ ପ୍ରକାଶ କରିଛନ୍ତି ।

## ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ

**କୁଟିଣ୍ଡା, ନ୍ୟୁଜ୍ ବ୍ୟୁରୋ**

ଉଷାକୋଠି ଅଭୟାରଣ୍ୟ କୁତବ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏଠାରେ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଘଟଣାକୁ ନେଇ ପୋଲିସ ଓ ବନ ବିଭାଗ ତଦନ୍ତ ଆରମ୍ଭ କରିଛନ୍ତି । କୁଚିଣ୍ଡା ଉପଖଣ୍ଡ ବାମରା ବନଖଣ୍ଡ ଅନ୍ତର୍ଗତ ବଡ଼ରମା ରେଞ୍ଜ ଉଷାକୋଠି ଅଭୟାରଣ୍ୟ ଭିତରେ ରହିଥିବା କୁତବ ଗ୍ରାମରେ ହାତୀ ଆକ୍ରମଣରେ ଦୁଇଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । କୁଚିଣ୍ଡା ଉପଖଣ୍ଡ ବିଭିନ୍ନ ଜଙ୍ଗଲ ନିକଟସ୍ଥ ଗ୍ରାମରେ ମଣିଷ-ହାତୀ ଲଢ଼େଇ ଏକ ନିତିଦିନିଆ ଘଟଣା । କେତେବେଳେ ଏହି ଲଢ଼େଇରେ ହାତୀ ତ କେତେବେଳେ ମଣିଷର ଜୀବନ ହାନି ହୋଇଥାଏ । ଜଙ୍ଗଲ ଭିତରେ ହାତୀର ଖାଦ୍ୟ ଅଭାବ ଯୋଗୁ ହାତୀ ଗ୍ରାମ ଅଭିମୁଖ ହୋଇ ଫସଲ ହାନି କରିବା ସହିତ ଖାଇଥାନ୍ତି । ବର୍ତ୍ତମାନ ଉପଖଣ୍ଡ ଚାଷୀଙ୍କ ଏକମାତ୍ର ଆମଦାନୀର ଉତ୍ସ ଖରିଫ ଧାନ । ଧାନର ଆମଳ ଚାଲିଛି । ବାର୍‌ହା, ହାତୀ ଓ ବନ୍ୟା ଜୀବଜନ୍ତୁ ଏହା ଖାଇବାକୁ ଗାଁକୁ ପଶୁଛନ୍ତି । ମଣିଷ ମଧ୍ୟ ଏହାକୁ ରକ୍ଷା କରିବା ପାଇଁ ଫସଲ ଜଗୁଛନ୍ତି । ଏହି ସମୟରେ ହାତୀ ଓ ମଣିଷ ମଧ୍ୟରେ ଛକାପଞ୍ଝା ଚାଲିଥାଏ । ହାତୀ ଆସିବା ଖବରପାଇ ଲୋକେ ମେଳି କରି ବାଜା ବଜାଇ ବାଣ ଫୁଟାଇ ହାତୀକୁ ଘଉଡ଼ାଇ ଥାଆନ୍ତି । ଏଣେ କୁତବ ନିକଟରେ ଦୁଇ ଜଣ ବ୍ୟକ୍ତିଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ଜଣାପଡିଛି । ଖବରପାଇ ପୋଲିସ ଓ ବନ ବିଭାଗ ଘଟଣା ସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି । ବନ୍ଧମୁଣ୍ଡା ଠାରେ ସୋମବାର ମଧ୍ୟ ରାତି ପ୍ରାୟ ଗୋଟିଏ ବେଳେ ଗୋଟିଏ ଜଙ୍ଗଲି ହାତୀ ଅଚାନକ୍ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ସହରର ମୁଖ୍ୟ ରାସ୍ତାରେ ଆସି ପହଞ୍ଚିଥିଲା । ସ୍ଥାନୀୟ ଲୋକମାନେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ, କିନ୍ତୁ ବନ କର୍ମଚାରୀମାନେ ପହଞ୍ଚିବା ପୂର୍ବେ ହାତୀଟି ଡିଜେଲ୍ କଲୋନୀ ରେଳ ଫାଟକ ଅତିକ୍ରମ କରି ବନ୍ଧମୁଣ୍ଡା ରେଳବାଇ ୟାର୍ଡକୁ ଯାଇ ପହଞ୍ଚିଥିଲା । ମଧ୍ୟରାତି ପର୍ଯ୍ୟନ୍ତ ବନ ବିଭାଗର ଟିମ୍ ହାତୀକୁ ଘଉଡ଼ାଇବାରେ ବ୍ୟସ୍ତ ଥିଲେ । ଶେଷରେ ରାତି ପ୍ରାୟ ୨.୩୦ଟା ସମୟରେ ହାତୀଟି ରେଳୟାର୍ଡରୁ ବାହାରି ରାଉରକେଲା-ଦୁର୍ଗାପୁର ରାସ୍ତା ଦେଇ ରାଉରକେଲା ଏନ୍.ଆଇ.ଟି ମୁଖ୍ୟ ଦ୍ୱାର ହୋଇ କୋଏଲ୍‌ନଗର ସି-ବ୍ଲକ୍‌କୁ ପହଞ୍ଚିଲା । ସେଠାରେ ପ୍ରାୟ ୩ଟା ସମୟରେ ୭୯ ବର୍ଷ ବୟସ୍କା ବୃଦ୍ଧା ପୂର୍ଣ୍ଣିମା ଦାସ୍ତିଆ ନିଜ ଘର ସାମ୍ନାରେ ଫୁଲ ତୋଳୁଥିଲେ । ଏହି ସମୟରେ ଅଚାନକ ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ ଜୋର୍‌ରେ କଚାଡ଼ି ଦେଇଥିଲା । ଯାହାଯୋଗୁ ଉକ୍ତ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଏହି ହୃଦୟବିଦାରକ ଘଟଣା ଶୁଣିବା ପରେ ସ୍ଥାନୀୟ ଲୋକମାନେ ଭୟ ଓ ଆତଙ୍କରେ ରହିଛନ୍ତି । ସୋମବାର ରାତି ପ୍ରାୟ ୧୧ଟା ସମୟରେ ହାତୀମାନଙ୍କ ଏକ ପଲ ବନ୍ଧମୁଣ୍ଡାର ବରକାଣି ଗାଁ ପର୍ଯ୍ୟନ୍ତ ଆସି ପହଞ୍ଚିଥିଲା, ଯାହାକୁ ବନ ବିଭାଗ ଅନେକ ପ୍ରଚେଷ୍ଟା ପରେ ଜଙ୍ଗଲ ଦିଗକୁ ଫେରାଇ ଦେଇଥିଲେ । କିନ୍ତୁ ରାତି ସମୟରେ ରାଉରକେଲା ଫର୍ଟିଲାଇଜର ଅଞ୍ଚଳର ସୋନାପର୍ବତରୁ ଗୋଟିଏ ହାତୀ ବନ୍ଧମୁଣ୍ଡାକୁ ଆସି ପ୍ରବେଶ କରିଥିଲେ ।

# ୮ ଚାଷୀଙ୍କୁ ମାନପତ୍ର ସହ ଅର୍ଥ ରାଶି ପ୍ରଦାନ କଲେ ଗଣଶିକ୍ଷାମନ୍ତ୍ରୀ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ମିନି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି ବ୍ଲକ ସ୍ତରୀୟ ମତ୍ସ୍ୟ ପ୍ରାଣୀ ସମ୍ପଦ ମେଳା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରୀତି ସ୍ନିଗ୍ଧା ମହାପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ବ୍ଲକ ଉପାଧ୍ୟକ୍ଷା ଦିନେଶ୍ୱରୀ ଗଣ୍ଡଙ୍କ ସମେତ ଚାରିଟି ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ, ୨୬ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଏବଂ



ସମିତି ସଭ୍ୟ ଉପସ୍ଥିତ ରହିବା ସହ ସଂଯୋଜକ ଏଡିଓ ଆଶିଷ ରଞ୍ଜନ ପଣ୍ଡା ଏବଂ ଅଶ୍ୱିନୀ କୁମାର ଜେନା, ମଞ୍ଚ ପରିଚାଳନା ନବରଙ୍ଗପୁର ଭିଏସ୍ ପ୍ରଜ୍ଞା ପରିମିତା ପଣ୍ଡା କରିଥିଲେ । ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ ଆଗରୁ ଏହି କାର୍ଯ୍ୟକ୍ରମ ଜିଲ୍ଲା ସ୍ତରରେ କରାଯାଉଥିଲା ଯାହାଫଳରେ ଗ୍ରାମାଞ୍ଚଳ ଲୋକେ ସରକାରୀ ଯୋଜନା ଏବଂ ତାଲିମ୍ ଠିକ୍ ରୂପେ ପାଇପାରୁନଥିଲେ । ବର୍ତ୍ତମାନ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ହେବା ଦ୍ୱାରା ସାଧାରଣ ଲୋକେ ଏହାର ସୁଯୋଗ ନେବା ସହ ସ୍ୱାବଲମ୍ବୀ ହୋଇପାରିବେ ଏବଂ ବର୍ତ୍ତମାନ ସରକାରଙ୍କ ତରଫରୁ ସୁଭଦ୍ରା ଯୋଜନାରେ ଦିଆ ଯାଉଥିବା ୫୦ ହଜାର ଟଙ୍କା ଏହିପରି ଚାଷ କରି କିପରି ସ୍ୱାବଲମ୍ବୀ ହୋଇ ଲକ୍ଷପତି ଦିଦି ହୋଇପାରିବେ ବୋଲି ନିଜ ଅଭିଭାଷଣରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ୮ ଜଣ ଚାଷୀଙ୍କୁ ଏକ ହଜାର ଟଙ୍କା ଅର୍ଥ ରାଶି ସହ ମାନପତ୍ର ପ୍ରଦାନ କରିଥିଲେ ମନ୍ତ୍ରୀ ଶ୍ରୀ ଗଣ୍ଡ । ତତ୍ ସହିତ ଯେଉଁ ଚାଷୀମାନେ ନିଜର ଦୃଢ଼ ଶକ୍ତି, ଉଦ୍ୟମ ଓ ଅକ୍ଳାନ୍ତ ପରିଶ୍ରମ ମାଧ୍ୟମରେ ମାଛ ଚାଷ ଓ ପ୍ରାଣୀ ପାଳନ କରି ନିଜେ ଆତ୍ମନିର୍ଭର ହେବାସହ ନିଜ ଅଞ୍ଚଳବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ସେମାନେ । ହେଲେ କୁମୁଲି ଗ୍ରାମରେ ଡାଇରୀ ଫାର୍ମ କରିଥିବା ଚାଷୀ ପ୍ରଦୀପ କୁମାର ନାଥ, ଡୋଲ୍ଲାପାରା ଗ୍ରାମରେ ଛେଳି ଚାଷ କରି ସ୍ୱାବଲମ୍ବୀ ହୋଇଥିବା ଭାଗିରଥି ଗଣ୍ଡ, ମାରିଗାଁ ଗ୍ରାମର ୨ ହଜାର ବ୍ରଏଲର ଫାର୍ମ କରିଥିବା ଜୟ ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ରାଇଘର ଗ୍ରାମର ନମିତା ରାୟ, ମାଛ ଚାଷ କରି ସ୍ୱାବଲମ୍ବୀ ହୋଇଥିବା ଭିମାଭାଟା ଗ୍ରାମର ମହୀରାମ ଗଣ୍ଡ, ପାୱାରବେଲ ଗ୍ରାମର ନରେଶ ବୈରାଗୀ, ପରଚିପାରା ଗ୍ରାମର ମାନସ ମିସ୍ତ୍ରୀ, କୁନ୍ଦେଇ ଗ୍ରାମର ଜୟ ମାତାଦି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ । ଚାଷୀମାନଙ୍କ ପାଇଁ କୃଷି ବିଭାଗ, ମହିଳା ଓ ଶିଶୁ ବିଭାଗ, ଓମ୍ଫେଡ, ପ୍ରାଣୀ ଧନ ବିଭାଗ, କୃଷି ଯାନ୍ତ୍ରିକୀ କରଣ ବିଭାଗ, ମିଲ୍କାନା କମ୍ପାନୀ ଦ୍ୱାରା ୧୨ଟି ଷ୍ଟଲ୍ ଲଗାଯାଇଥିଲା । ୫୫୦ ଜଣ ଚାଷୀଙ୍କୁ ପଞ୍ଜି କରଣ କରାଯାଇଥିଲା । ଆସିଥିବା ଅତିଥି ଏବଂ ଚାଷୀ ଭାଇ ମାନଙ୍କ ମନୋରଞ୍ଜନ ପାଇଁ ବିକେଏସ୍‌ଏସ୍ ଗ୍ରୁପ୍ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



## ଶଙ୍କର୍ଷଣ ପରିଡ଼ାଙ୍କ ଏକାଦଶାହ ଅବସରରେ ନିରବ ପ୍ରାର୍ଥନା ଓ ଶୋକସଭା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ କବି, ଯୁବ ଲେଖକ ସମ୍ମିଳନୀର ସଭାପତି, ବିଶିଷ୍ଟ ରାଜନେତା ତଥା ପୂର୍ବତନ ପୁରୀ ଜିଲ୍ଲା ପରିଷଦର ଅଧ୍ୟକ୍ଷ ସ୍ୱର୍ଗତ ଶଙ୍କର୍ଷଣ ପରିଡାଙ୍କର ଏକାଦଶାହ ଅବସରରେ ଆମ୍ଭେ ଫରେଷ୍ଟ ପାର୍କ ୱାକର୍ସ ଆସୋସିଏସନ୍‌ର ସଦସ୍ୟମାନେ, ସକିଲ, କେରା, ବାପି, ଦୁର୍ଯ୍ୟୋଧନ, ଦିଲା, ଅଶୋକ, ବାବୁଲି, ରାଜେନ୍ଦ୍ର, ବଗଲା, ଆଇଚ, ବିଙ୍କ, ନାରାୟଣ, ପପୁ, ପୂର୍ଣ୍ଣ, ଟୋପି ସାହୁ, ସୋନୁ, ସୂର୍ଯ୍ୟ, ଦେବ, ସୁଜିତ, ବିଭୁତି, ଚିତ୍ତ, ବୁଦ୍ଧଦେବ, ସୋମନାଥ, ଭକ୍ତି, ଶ୍ରୀନିବାସ, ରଜନୀକାନ୍ତ, ଅରୁଣ, ସଚି ପ୍ରମୁଖ ଉପସ୍ଥିତ ରହି ତାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା, ଶୋକସଭା ସ୍ମୃତିଚାରଣ, ଶ୍ରଦ୍ଧାଞ୍ଜଳି ସକାଳ ୯.୩୦ ମିନିଟ୍‌ରେ ଫରେଷ୍ଟ ପାର୍କ ଭିତରେ ପାଳନ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା ।

## ଯଜ୍ଞ ମଣ୍ଡପରେ ଅଗ୍ନିକାଣ୍ଡ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସଦର ଥାନା ଅଧିନ ଭରତପୁର ପଞ୍ଚାୟତର ପାରାଚକ ଗ୍ରାମରେ ଯଜ୍ଞ ଚାଲିଥିବା ବେଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଯଜ୍ଞ ମଣ୍ଡପ ପୋଡିଯାଇଥିବା ଜଣାପଡିଛି । ଘଟଣା ମୁତାବକ ଏହି ଗ୍ରାମରେ ସରକାରୀ ଜାଗାରେ ନୂତନ ଭାବେ ଶିବ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ କାର୍ଯ୍ୟ ଗ୍ରାମବାସୀଙ୍କ ଦ୍ୱାରା କରାଯାଉଥିଲା । ସୋମବାର ଅପରାହ୍ନରେ ଆକସ୍ମିକ ଭାବେ ଯଜ୍ଞରୁ ନିଆଁ ଉଠି ଚାଳ ଛପରର ମଣ୍ଡପଟି ପୋଡିଯାଇଛି । ତେବେ କୌଣସି ପ୍ରକାର ଅଘଟଣ କିମ୍ବା ଜୀବନହାନୀ ଘଟିନଥିବା ଜଣାପଡିଛି । ଖବରପାଇ ଅଗ୍ନିଶମ ବିଭାଗ ପକ୍ଷରୁ ୨ଟି ଯାନ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୨।୧୧।୨୦୨୫, କାର୍ତ୍ତିକ ଦି୨୬ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୫୩।୨୭ ଚନ୍ଦ୍ରୋଦୟ-ରାଘ୧୧।୫୭।୧୨**

**ଅଷ୍ଟମୀ-** ରାଘ ୧୦।୫୯ ପର୍ଯ୍ୟନ୍ତ । **ଅଶ୍ଳେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର-** ସଂଘ ୬।୩୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । ସଂଘ ୬।୩୫ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସଂଘ ୬।୩୫ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-**ନଡିଆ ରାଘ ୧୦।୫୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୭ ଗତେ ଘ ୮।୧୧ ମଧ୍ୟେ । ଦିଘ୧।୨୧ ଗତେ ଘ ୩।୩୫ ମଧ୍ୟେ । **ପର୍ବୋତ୍ସବ-** ପ୍ରଥମାଷ୍ଟମୀ ।

**ମେଷ:** ମନରେ ସରସତା ରହିବା ସହିତ କର୍ମକ୍ଷେତ୍ରରେ ଅଗ୍ରଗତି । ପରିଶ୍ରମର ପରିମାଣ ଅତି ମାତ୍ରରେ ବଢିବ । ପାରିବାରିକ ଶାନ୍ତି ଲାଭ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଦୂରଯାତ୍ରା କରିପାରନ୍ତି । ମନ ଭଲ ରହିବ ।

**ବୃଷ:** କର୍ମକ୍ଷେତ୍ରରେ ବିରକ୍ତି ବଢିବ । ସହଯୋଗୀମାନଙ୍କ ସହଯୋଗ ମତିଭ୍ରମ କରିବେ । ପଥଭ୍ରଷ୍ଟର ସମ୍ଭାବନା । ଆୟର ପରିମାଣ ବଢିବ । ପରିବାରରେ କଳହ ସୃଷ୍ଟିର ଆଶଙ୍କା । ଅସବଧାନତାରୁ ଦ୍ରବ୍ୟ ନଷ୍ଟ ହେବାର ସୂଚନା ।

**ମିଥୁନ:** ଭୟ ଉପରେ ଆପଣ ବିଜୟ ହାସଲ କରିବେ । ଉତ୍ତମ ଫଳ ଲାଭ ହେବ । ଆୟର ପରିମାଣ କମିଯିବ । ପାରିବାରିକ ଆନନ୍ଦ ବଜାୟ ରହିବ । ପରିଶ୍ରମ ଅଧିକ ହେବ । ଶତ୍ରୁ ନାଶ ହେବାର ସୂଚନା ରହିଛି ।

**କର୍କଟ:** ମନରେ ଆନନ୍ଦ ଆସିବ । କର୍ମକ୍ଷେତ୍ରରେ ପ୍ରସନ୍ନ ଭାବ ରହିବ । ସାହାଯ୍ୟ ସହଯୋଗ ପାଇ ପ୍ରଗତି ପଥେ ଅଗ୍ରସର ହେବେ । ଆୟ ବଢିବ । ପରିବାରରେ ସୁଖ ଶାନ୍ତି ଲାଭ କରିବାର ସୂଚନା ।

**ସିଂହ:** କର୍ମକ୍ଷେତ୍ରରେ କର୍ମଚାରୀ ତଥା ଭାଇମାନଙ୍କ ସାହାଯ୍ୟ ସହାନୁଭୂତି ଲାଭ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଦ୍ୱନ୍ଦର ସୂଚନା । ମନରେ ବିରକ୍ତି ଭାବ ଜାଗ୍ରତ ହେବ । ମହିଳାମାନେ ସୁଖୀ ହେବେ ।

**କନ୍ୟା:** ସୁସ୍ଥତା ଅନୁଭବ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସା ଲାଭ । ବନ୍ଧୁ ସହଯୋଗ ପ୍ରାପ୍ତି ହେବ । ବିଶ୍ରାମ ନେବାକୁ ପସନ୍ଦ କରିବେ । ଆୟ ମଧ୍ୟମ ଧରଣର ହେବ । ଗୃହେ ଆନନ୍ଦ ।

**ତୁଳା:** କର୍ମକ୍ଷେତ୍ରରେ ଅଶାନ୍ତି । କାର୍ଯ୍ୟ କରିବେ ନାହିଁ । ମନରେ ବାଧା ଆସିବ । ଶାରୀରିକ ଅସୁସ୍ଥ ଭୋଗିବେ । ବ୍ୟୟର ପରିମାଣ ବଢିବ । ଆୟ ସ୍ଥିର ରହିବ । କୌଣସି ସୁସମ୍ବାଦ ପ୍ରାପ୍ତିର ସମ୍ଭାବନା ରହିଛି ।

**ବିଛା:** ଆଜି ଦିନଟି ସେତେ ଭଲରେ ଯିବ ନାହିଁ । ଘାତ ଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । କର୍ମହାନୀ ଅଯଥା ବାଦବିବାଦରେ ସମ୍ମୁଖୀନ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଜଞ୍ଜାଳ ।

**ଧନୁ:** ମନରେ ଅହଂକାର ଆସିବ । ସହଯୋଗୀ ବା କୁଟୁମ୍ବେ କ୍ରୋଧ ସୃଷ୍ଟି ହେବ । ଆଶାନତି ବଢିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିଲେ ମଧ୍ୟ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ । ମହିଳାମାନେ ଗର୍ବୀ ହେବେ ।

**ମକର:** ନୀତି ବହିର୍ଭୂତ କାର୍ଯ୍ୟ କରିବେ । କୂଟ ନୀତିରେ ସଫଳ ପ୍ରାପ୍ତ ହେବ । ଦୂର ସ୍ଥାନକୁ ଯାତ୍ରା କରିବେ । ଲାଭବାନ୍ ହେବେ । ରୋଜଗାର ଭଲ ହେବ । ପରିବାରରେ ଶାନ୍ତି ପାଇବେ । ଦେହ ଓ ମନ ଭଲ ରହିବ ।

**କୁମ୍ଭ:** ଦିନଟି ସେତେ ଭଲ ନୁହେଁ । ପରିଶ୍ରମ ତୁଳନାରେ ଫଳ ପ୍ରାପ୍ତି ହେବ ନାହିଁ । ଦୂରଯାତ୍ରା କିନ୍ତୁ କାର୍ଯ୍ୟହାନି । ଆୟରେ ଅଗ୍ରଗତି ହେବ । ପରିବାର ମଧ୍ୟରେ ଜଞ୍ଜାଳ ରହିବ ନାହିଁ । ମହିଳାମାନେ ସୁଖୀ ହେବେ ।

**ମୀନ:** ହସ ଖୁସିରେ ଦିନ କାଟିବେ । କର୍ମକ୍ଷେତ୍ରରେ ସାଫଲ୍ୟତା ପ୍ରାପ୍ତି ହେବ । ଦୂର ଯାତ୍ରା କରି ଆୟରେ ପ୍ରଗତି ଘଟାଇବେ । ଲୋକପ୍ରିୟତା ବୃଦ୍ଧି ପାଇବ । ପରିବାରରେ ଦୁଶ୍ଚିନ୍ତାର ଆଶଙ୍କା । ମନ ଅସ୍ଥିର ରହିବ ।

## ଆଗାମୀ କାଲିର ପଞ୍ଜିକା

ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୩।୧୧।୨୦୨୫, କାର୍ତ୍ତିକ ଦି୨୮ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୫୪।୦୧ ଚନ୍ଦ୍ରୋଦୟ- ରାଘ୧୨।୪୦।୦୮**

**ନବମୀ-** ରାଘ୧୧।୩୪ ପର୍ଯ୍ୟନ୍ତ । **ମଘା ନକ୍ଷତ୍ର-** ରାଘ ୭।୩୯ପର୍ଯ୍ୟନ୍ତ । **ସିଂହଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୧୧।୩୪ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୮ ଗତେ ଘ ୭।୨୬ ମଧ୍ୟେ । ସଂଘ ୫।୫୬ ଗତେ ରାଘ ୯।୨୨ ମଧ୍ୟେ । **ପର୍ବୋତ୍ସବ-** କାଞ୍ଜିଅଂଳା ଓଷା ।

୬
## ଆନ୍ତଃ ଉଚ୍ଚ ମାଧ୍ୟମିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ହାଇଟେକ ଭୁବନେଶ୍ୱର ଚାମ୍ପିଅନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
ପୃଷ୍ଠା-୩
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
● ବର୍ଷ-୩୨ ● ସଂଖ୍ୟା-୨୮୪ ● ୧୨ ନଭେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-284 ● 12th November 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ନୂଆପଡ଼ା ଉପ ନିର୍ବାଚନ: ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ

# ସନ୍ଧ୍ୟା ୭ଟା ସୁଦ୍ଧା ମତଦାନ ୭୭.୯୩%, ୧୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍

**ନୂଆପଡା/ଭୁବନେଶ୍ୱର, ୧୧।୧୧**
**ନ୍ୟୁଜ୍ ବ୍ୟୁରୋ**

ଶାନ୍ତିଶୃଙ୍ଖଳାର ସହ ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା ବେଳେ ୮ଟି ଅତିସମ୍ବେଦନଶୀଳ ବୁଥ୍‌ରେ ଅପରାହ୍ନ ୪ଟାରେ ମତଦାନ ଶେଷ ହୋଇଥିଲା। ୪୭ଟି ସମ୍ବେଦନଶୀଳ ବୁଥ୍‌ରେ ମତଦାନ ଅପରାହ୍ନ ୫ଟା ପର୍ଯ୍ୟନ୍ତ କରାଯାଇଥିଲା। ମିଳିଥିବା ସୂଚନା ଅନୁସାରେ ସନ୍ଧ୍ୟା ୭ଟା ସୁଦ୍ଧା ମୋଟ ମତଦାନ ହାର ୭୭. ୯୩% ହୋଇଛି। ତେବେ ଅଧିକାଂଶ ମତଦାନ କେନ୍ଦ୍ରରେ ଭୋଟରଙ୍କ ଲମ୍ବା ଲାଇନ୍ ରହିଥିବାରୁ ମତଦାନ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହି ଉପନିର୍ବାଚନରେ ମତଦାନ ଶେଷ ହେବା ସହିତ ୧୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଆସନ୍ତା ୧୪ ତାରିଖ ଭୋଟ ଗଣତି ସହ ନିର୍ବାଚନ ଫଳାଫଳ ଘୋଷଣା କରାଯିବାକୁ ନିର୍ଦ୍ଧାରିତ ହୋଇଛି।



ଅନ୍ୟପକ୍ଷରେ ମତଦାନ ଶେଷ ପରେ ସୁନାବେଡ଼ାରୁ ଫେରିଆସିଛନ୍ତି ପୋଲିଂ ଟିମ୍। ୮ଟି ସମ୍ବେଦନଶୀଳ ବୁଥ୍‌ରେ ମତଦାନ ଶେଷ ପରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ପୋଲିଂ ପାର୍ଟି ଫେରିଛନ୍ତି। ତେବେ ଭୋଟ୍ ବାକ୍ସ ସହ ଗୋତମା ଏୟାରଷ୍ଟ୍ରିପ୍‌ରେ ସେମାନେ ପହଞ୍ଚିଛନ୍ତି।

ସୂଚନାଯୋଗ୍ୟ, ମାଓପ୍ରଭାବିତ ବୁଥ୍ ମଧ୍ୟରୁ ୩୨୦-ସୋସେଙ୍ଗ, ୩୨୧-ସୋସେଙ୍ଗ(୨), ୩୨୨ ଦେଓସିଲ, ୩୨୪ ସୁନାବେଡ଼ା(୧), ୩୨୫ ସୁନାବେଡ଼ା ୧(କ), ୩୨୬ ଜାମଗାଁ, ୩୨୭ ଗୋଟିବେଡ଼ା ଓ ୩୨୮ ଗୋଟିବେଡା(୨) ରହିଥିଲା। ଏହି ବୁଥ୍‌ଗୁଡ଼ିକ ଅତି ସମ୍ବେଦନଶୀଳ ହୋଇଥିବାରୁ ପୋଲିଂପାର୍ଟି ସୁରକ୍ଷିତ ଯିବା ସହିତ ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ କରି ଫେରିବା ପାଇଁ ଭାରତୀୟ ବାୟୁସେନାର ବିମାନ ଉପଯୋଗ କରାଯାଇଥିଲା। ମାଓବାଦୀ ପ୍ରଭାବିତ ୮ ବୁଥ୍ ଲାଗି *(ପୃଷ୍ଠା ୭ରେ)*

## ବିହାର ମତଦାନ ସନ୍ଧ୍ୟା ସୁଦ୍ଧା ୬୮.୫୨% ଭୋଟିଂ

# ଏକଜିଟ୍ ପୋଲ୍ ସୂଚନା : ଏନ୍‌ଡିଏକୁ ମିଳିପାରେ ସ୍ପଷ୍ଟ ବହୁମତ

**ପାଟଣା, ୧୧।୧୧**

ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପରେ ବିହାର ନୂଆ ରେକର୍ଡ କରିଛି। ସନ୍ଧ୍ୟା ସୁଦ୍ଧା ଭୋଟିଂରେ ଆକଳନ ୬୮.୫୨ ପ୍ରତିଶତରୁ ଊର୍ଦ୍ଧ୍ୱ ହୋଇଥିବା ସୂଚନା ମିଳିଛି। ୨୦୦୦ ମସିହା ବିଧାନସଭା ନିର୍ବାଚନରେ ୬୮.୫୨ ପ୍ରତିଶତ ମତଦାନ ହୋଇଥିଲା। ୧୯୯୮ ଲୋକସଭା ନିର୍ବାଚନରେ ୬୪.୬ ପ୍ରତିଶତ ମତଦାନ ହୋଇଥିଲା। ତେବେ ଚଳିତ ବିଧାନସଭା ନିର୍ବାଚନରେ ସନ୍ଧ୍ୟା ସୁଦ୍ଧା ୬୮.୫୨ ପ୍ରତିଶତ ମତଦାନ ହୋଇଛି। ଏହି ପର୍ଯ୍ୟାୟରେ ପ୍ରାୟ ୩ କୋଟି ୭୦ ଲକ୍ଷରୁ ଅଧିକ ମତଦାତା ୧୨୨ ଆସନରେ ୧୩୦୨ ପ୍ରାର୍ଥୀଙ୍କ ଭାଗ୍ୟର ନିଷ୍ପତ୍ତି ଇଭିଏମରେ କଏଦ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୪୫,୩୯୯ ମତଦାନ କେନ୍ଦ୍ରରେ ଭୋଟ ଦିଆଯାଇଛି ଯେଉଁଥିରୁ ୪୦,୦୭୩ ମତଦାନ କେନ୍ଦ୍ର ଗ୍ରାମାଞ୍ଚଳରେ ରହିଥିଲା। ମୋଟ ମତଦାତାଙ୍କ ମଧ୍ୟରେ କେବଳ ୧.୭୫ କୋଟି ମହିଳା ଭୋଟର ସାମିଲ ଥିଲେ। ପ୍ରଥମ ପର୍ଯ୍ୟାୟରେ ୧୨୧ ଆସନ ପାଇଁ ମତଦାନ ହୋଇଥିଲା ଯେଉଁଥିରେ ୬୮ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା। ବିହାର ହୋଇଥିବା ବିଧାନସଭା ନିର୍ବାଚନରେ ଏକ୍‌ଜିଟ୍ ପୋଲ୍‌ର ସୂଚନା ଅନୁସାରେ ଏନ୍‌ଡିଏ ମେଣ୍ଟକୁ ସ୍ପଷ୍ଟ ବହୁମତ ମିଳିପାରେ। ଅନ୍ୟପକ୍ଷରେ ବିରୋଧୀ ମହାଗଠବନ୍ଧନକୁ ଦ୍ୱିତୀୟ ସ୍ଥାନରେ ରହିଥିବା ସୂଚନା ମିଳିଛି।

**ବିହାର ଏକ୍‌ଜିଟ୍ ପୋଲ୍**

| ୨୪୩ | ଚାଣକ୍ୟ | ଦୈନିକ ଭାସ୍କର | ମାଟ୍ରିଜ |
|---|---|---|---|
| ଏନଡିଏ + | ୧୩୦-୧୩୮ | ୧୪୫-୧୬୦ | ୧୪୭-୧୬୭ |
| ମହାମେଣ୍ଟ + | ୧୦୦-୧୦୮ | ୭୫-୯୧ | ୭୦-୯୦ |
| ଜେଏସପି + | - | ୦ | ୦-୨ |
| ଅନ୍ୟାନ୍ୟ + | ୩-୫ | ୫-୧୦ | ୨-୮ |

# ବିପଦର ମୁକାବିଲା ପାଇଁ ସରକାର ପ୍ରସ୍ତୁତ

**ପୁରୀ, ୧୧।୧୧**
**ନ୍ୟୁଜ୍ ବ୍ୟୁରୋ**

ଦିଲ୍ଲୀରେ ବିସ୍ଫୋରଣ ପରେ ଓଡିଶାରେ ହାଇ ଆଲର୍ଟ ଜାରି ହୋଇଛି। ପୁଲିସ୍ ବିଭାଗ ସହ ଆଲୋଚନା କରି ସବୁ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ଭାବରେ ସୁରକ୍ଷାକୁ ଅଧିକ ମାତ୍ରାରେ ବୃଦ୍ଧି କରାଯାଇଛି। ରାଜ୍ୟର ସମସ୍ତ ରେଲୱେ ଷ୍ଟେସନ, ବିମାନ ବନ୍ଦରରେ ମଧ୍ୟ ସୁରକ୍ଷା ବୃଦ୍ଧି କରାଯାଇଛି। ସମସ୍ତ ପର୍ଯ୍ୟଟନସ୍ଥଳୀ ଏବଂ ସ୍ଥପତି ନିକଟରେ ମଧ୍ୟ ସୁରକ୍ଷା ବଢାଯିବ। ସ୍ଥାନୀୟ ଜିଲ୍ଲା ପ୍ରଶାସନକୁ ଚେକିଂ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡିଶା ଉପରେ ବିପଦ ନାହିଁ, ଆମେମାନେ ସୁରକ୍ଷିତ ଅଛୁ। ସମସ୍ତ ବିପଦର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଶ୍ରୀଜଗନ୍ନାଥ ମନ୍ଦିର ଚାରି ପ୍ରବେଶ ଦ୍ୱାରରେ ସୁରକ୍ଷା ଯାଞ୍ଚ କଡ଼ାକଡ଼ି କରାଯାଇଛି। ବୋମା ନିଷ୍କ୍ରିୟକାରୀ ଦଳ ଓ ସନ୍ଧାନୀ କୁକୁର ମନ୍ଦିର ଚାରିପଟେ ତନଖି କରୁଛନ୍ତି। ୱାଚ୍ ଟାୱାରଗୁଡ଼ିକରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ରେଳ ଷ୍ଟେସନ ଓ ପୌର ବସ୍‌ଷ୍ଟାଣ୍ଡରେ ପୁଲିସ ଫୋର୍ସ ମୁତୟନ କରାଯାଇଛି।



# ରାଜ୍ୟରେ ହାଇଆଲର୍ଟ ଜାରୀ : ଜଳପଥ ଓ ସ୍ଥଳପଥ ସୀମାରେ ୨୪ ଘଣ୍ଟିଆ ପାଟ୍ରୋଲିଂ

**ଭୁବନେଶ୍ୱର, ୧୧।୧୧**
**ନ୍ୟୁଜ୍ ବ୍ୟୁରୋ**

ଦିଲ୍ଲୀ ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ପରେ ଦେଶରେ ହାଇଆଲର୍ଟ । ଓଡ଼ିଶାରେ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଏଡିଜି ଆଇନ ଶୃଙ୍ଖଳା ସଞ୍ଜୟ କୁମାର କହିଛନ୍ତି । ଏନେଇ ପୋଲିସ ଡିଜି ଏବଂ ଏଡିଜିଙ୍କ ମଧ୍ୟରେ ଆଲୋଚନା ହୋଇଛି। ଭୁବନେଶ୍ୱର ବିମାନ ବନ୍ଦର ସହ ରାଜ୍ୟରେ ଥିବା ବିଭିନ୍ନ ଏୟାରଷ୍ଟ୍ରିପ୍ ଏବଂ ରେଳ ଷ୍ଟେସନରେ ହାଇଆଲର୍ଟ । ଟର୍ମିନାଲ ଏବଂ ଷ୍ଟେସନର ଭିତରେ ଓ ବାହାରେ ସୁରକ୍ଷା କର୍ମୀ ଆଲର୍ଟ ଅଛନ୍ତି । ସନ୍ଧାନୀ କୁକୁର ଏବଂ ମେଟାଲ ଡିଟେକ୍ଟର ଦ୍ୱାରା ସନ୍ଦିଗ୍ଧଙ୍କ ଉପରେ ନଜର ରହିଛି । ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ସିକ୍ୟୁରିଟି ଆରେଞ୍ଜମେଣ୍ଟକୁ ବଢାଇ ଦିଆଯାଇଛି ।

## ଆଜିର ମୁଖ୍ୟ ଖବର

- ଗର୍ଭବତୀ କିଶୋରୀ ହତ୍ୟା ମାମଲାରେ ଆସାମରେ ଜଣେ ନକଲି ଧର୍ମଗୁରୁ ଗିରଫ।
- ଦିଲ୍ଲୀ ବିସ୍ଫୋରଣ ପରେ ପୁରୀ ଓ ହୀରାକୁଦ ଅଞ୍ଚଳରେ ହାଇଆଲର୍ଟ।
- ଓଡ଼ିଶା ଝିଅ ମଧ୍ୟପ୍ରଦେଶ ବିକ୍ରି। ପୁଲିସ ଉଦ୍ଧାର କରି ତିନି ଅଭିଯୁକ୍ତଙ୍କୁ ଗିରଫ କଲେ।
- ଦିଲ୍ଲୀ ବିସ୍ଫୋରଣ ପରେ ଆମେରିକା ଦୂତାବାସ ଭାରତୀୟ ନାଗରିକଙ୍କ ପାଇଁ ସୁରକ୍ଷା ସଚେତନତା ଜାରି କରିଛି।
- ଓଡ଼ିଶାର ୫ ଜିଲ୍ଲାକୁ ପୁରସ୍କୃତ କରିବେ ରାଷ୍ଟ୍ରପତି।
- ବିଜାପୁରରେ : ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିହତ।
- ଭାରତ ଓ ଭୁଟାନ ମଧ୍ୟରେ ରିନ୍ୟୁଏବଲ୍ ଏନର୍ଜି କ୍ଷେତ୍ରରେ ସମନ୍ୱୟ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ।
- ନଭେମ୍ବର ମାସରୁ ବ୍ୟାଙ୍କ ଓ ଆଧାର ନିୟମରେ ନୂଆ ପରିବର୍ତ୍ତନ ଲାଗୁ।
- ଦିଲ୍ଲୀ ବିସ୍ଫୋରଣ ପରେ ମୁମ୍ବାଇ ପୁଲିସ ଡ୍ରୋନ ବ୍ୟବହାର ଓ ବଡ଼ ସମାବେଶ ଉପରେ ନିଷେଧ ଜାରି କଲା।

# ଷଡଯନ୍ତ୍ରକାରୀଙ୍କୁ ଛଡାଯିବ ନାହିଁ

**ନୂଆଦିଲ୍ଲୀ, ୧୧।୧୧**

ଦିଲ୍ଲୀ ବିସ୍ଫୋରଣକୁ ନେଇ କଡା ମନ୍ତବ୍ୟ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଭୁଟାନଗସ୍ତରେ ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ଯେଉଁମାନେ ଦିଲ୍ଲୀ ଘଟଣାରେ ଦାୟୀ ସେମାନଙ୍କୁ ଛଡାଯିବନି। ଏହି ଘଟଣା ତାଙ୍କୁ ବ୍ୟଥିତ କରିଛି। ଦେଶ ମଧ୍ୟ ଏଥିରେ ବ୍ୟଥିତ ହୋଇଛି। ଷଡଯନ୍ତ୍ର ପଛରେ ଯେଉଁମାନେ ଅଛନ୍ତି, ସେମାନଙ୍କୁ ଛଡାଯିବନି। ପୀଡିତ ପରିବାରର ଦୁଃଖକୁ ସେ ଅନୁଭବ କରୁଛନ୍ତି। ପୁରା ଦେଶ ସେମାନଙ୍କ ସହ ଅଛି। ସାରା ରାତି ଅଧିକାରୀ ଓ ବିଭିନ୍ନ ଏଜେନ୍ସି ସହ ଯୋଗାଯୋଗରେ ଥିଲି। ଷଡଯନ୍ତ୍ରର ମୂଳ ପର୍ଯ୍ୟନ୍ତ ଯିବୁ, କାହାକୁ ଛଡାଯିବ ନାହିଁ ବୋଲି ସେ କହିଛନ୍ତି।



ସେପଟେ ଦିଲ୍ଲୀ ବିସ୍ଫୋରଣ ଘଟଣାରେ ପୁଲିସ୍ ମାମଲା ରୁଜୁ କରିଛି । ସୋମବାର ଲାଲକିଲ୍ଲା ନିକଟରେ କାର୍ ବିସ୍ଫୋରଣ ହୋଇଥିଲା । ଯେଉଁଥିରେ ସରକାରୀ ତଥ୍ୟ ଅନୁଯାୟୀ ୯ ଜଣଙ୍କର ଜୀବନ ଯାଇଥିଲା । ଏହି ଘଟଣାକୁ ନେଇ ଦିଲ୍ଲୀ ପୁଲିସ ୟୁଏପିଏ ଏବଂ ବିସ୍ଫୋରକ ଆଇନ ଅନୁଯାୟୀ ଏତଲା ପଞ୍ଜିକୃତ କରିଛି । ବିସ୍ଫୋରଣ ପରେ ଦିଲ୍ଲୀ ସମେତ ଦେଶର ଅନେକ ସହରରେ ସତର୍କତା ଜାରି ହେବା ସହ ପୁଲିସ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ବିମାନବନ୍ଦର, ରେଳ ଷ୍ଟେସନ ଏବଂ ବସ୍ ଟର୍ମିନାଲରେ କଡ଼ା ସତର୍କତା ଅବଲମ୍ବନ ସହିତ ଦିଲୀକୁ ହାଇ ଆଲର୍ଟରେ ରଖାଯାଇଛି ।

# ଦିଲ୍ଲୀ ବିସ୍ଫୋରଣ ମାମଲାର ତଦନ୍ତ କରିବ ଏନଆଇଏ

**ନୂଆଦିଲ୍ଲୀ, ୧୧।୧୧**

ସୋମବାର ସନ୍ଧ୍ୟାରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଘଟିଥିବା କାର ବୋମା ବିସ୍ଫୋରଣର ତଦନ୍ତ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ)କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି।

କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ଦିଲ୍ଲୀ ପୋଲିସ କମିଶନର ଏବଂ ଏନଆଇଏର ମହାନିର୍ଦ୍ଦେଶକ ବୈଠକରେ ଉପସ୍ଥିତ ଥିଲେ, ଯେତେବେଳେ ଜମ୍ମୁ ଏବଂ କଶ୍ମୀରର ପୋଲିସ ମହାନିର୍ଦ୍ଦେଶକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ।

ସୂଚନା ଅନୁଯାୟୀ ବୈଠକରେ ତଦନ୍ତର ପ୍ରାରମ୍ଭିକ ଅଗ୍ରଗତି ଏବଂ ବିସ୍ଫୋରଣର ସମ୍ଭାବ୍ୟ ଆତଙ୍କବାଦୀ ଦୃଷ୍ଟିକୋଣ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହା ପରେ, ଏକ ସମ୍ପୂର୍ଣ୍ଣ ଏବଂ ବ୍ୟାପକ ତଦନ୍ତ ପାଇଁ ମାମଲାକୁ ଏନଆଇଏକୁ *(ପୃଷ୍ଠା ୭ରେ)*

# ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତିର ଅନୁସନ୍ଧାନ କରିବ ସିବିଆଇ

**ଭୁବନେଶ୍ୱର, ୧୧।୧୧**
**ନ୍ୟୁଜ୍ ବ୍ୟୁରୋ**

ଓଡିଶା ପୋଲିସ ସବ୍-ଇନ୍‌ସ୍ପେକ୍ଟର ନିଯୁକ୍ତି ପରୀକ୍ଷାର ତଦନ୍ତ କେନ୍ଦ୍ରୀୟ ଅନୁସନ୍ଧାନ ସଂସ୍ଥା ସିବିଆଇ ଦ୍ୱାରା କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଆବଶ୍ୟକ ଅନୁମୋଦନ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ପୋଲିସ ସବ୍-ଇନ୍‌ସ୍ପେକ୍ଟର ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ହେବା ପରେ ରାଜ୍ୟ ସରକାରଙ୍କ କ୍ରାଇମ ବ୍ରାଞ୍ଚ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଉଥିଲା। ତେବେ ଏହି ତଦନ୍ତରୁ ଦୁର୍ନୀତିର ଚେର ଆନ୍ଧ୍ର ପ୍ରଦେଶ, ପଶ୍ଚିମ ବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପି ଥିବାର ସନ୍ଦେହ କରାଯାଉଛି। ଏଥିରେ ଆନ୍ତରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ଥିବାର ସନ୍ଦେହ ମଧ୍ୟ ରହିଛି।




ତେଣୁ ଏହାର ଉପଯୁକ୍ତ ବିସ୍ତୃତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି କେନ୍ଦ୍ର ସରକାର ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଦୁର୍ନୀତି ପାଇଁ ହୋଇଥିବା ଉଦ୍ୟମ, ପ୍ରୋତ୍ସାହନ ଓ ଷଡଯନ୍ତ୍ର ସମ୍ପର୍କରେ ସିବିଆଇ ତଦନ୍ତ କରିବ।

# ଇସଲାମାବାଦ ବିସ୍ଫୋରଣ ମୃତ୍ୟୁ ସଂଖ୍ୟା ୧୨କୁ ବୃଦ୍ଧି

**ଏସ୍‌ଲାମାବାଦ୍, ୧୧।୧୧**
**ନ୍ୟୁଜ୍ ବ୍ୟୁରୋ**

ପାକିସ୍ତାନର ଇସଲାମାବାଦସ୍ଥିତ ଜିଲ୍ଲା କୋର୍ଟ ନିକଟରେ ଘଟିଥିବା ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ଏହା ଏକ ଆତ୍ମଘାତୀ ବିସ୍ଫୋରଣ ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଏବଂ ରାଷ୍ଟ୍ରପତି ଆସିଫ ଅଲ ଜର୍ଦ୍ଦାରୀ କହିଛନ୍ତି। କୋର୍ଟ ନିକଟରେ ରହିଥିବା ଏକ କାରରେ ବିସ୍ଫୋରଣ ପରେ ସେଥିରେ ନିଆଁ ଲାଗିଯାଇଥିଲା, ଯାହାଫଳରେ ତାହା ଚାରିଆଡକୁ ବ୍ୟାପିଯାଇଥିଲା। ଘଟଣା ପରେ ପୁଲିସ ଏବଂ ସୁରକ୍ଷାକର୍ମୀ *(ପୃଷ୍ଠା ୭ରେ)*


## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୫୮୪ (+୨୦୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୩୫ (+୧୮୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୪୩୮ (+୧୫୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୭୦ (+୧)

## ଏକାଳ ପଖାଳ



ଯିଏ ବି କରିଛି ଏଇ ଆତଙ୍କ
କରିଅଛି ବିସ୍ଫୋରଣ
ଶୀର୍ଷ କ୍ଷମତାଙ୍କୁ ଏଇ ଅନୁରୋଧ
ଧରିକି ସାମ୍‌ନାକୁ ଆଣ
ବାଘଭଳି ତାକୁ ଝୁଣ
ସୁରକ୍ଷା ଦେଶରେ କେମିତିକା ଅଛି
କର ଏବେ ବିଶ୍ଳେଷଣ

# ମହିଳା ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟରେ ଅସୁରକ୍ଷିତ ମହିଳା



**କୋଲକାତା, ୧୧।୧୧**

କୋଲକାତାରେ ପୁଣି ଲଜ୍ଜା । ମାସେ ନପୂରୁଣୁ ପୁଣି ଅସୁରକ୍ଷିତ ନାରୀ । ବାରମ୍ବାର ପଶ୍ଚିମବଙ୍ଗରେ ଦୁଷ୍କର୍ମର ଖବର ଆସୁଥିବା ବେଳେ ଜଣେ ନାରୀ ମୁଖ୍ୟମନ୍ତ୍ରୀ ଥିବା ରାଜ୍ୟରେ ନାରୀଟିଏ କେତେ ଅସୁରକ୍ଷିତ ବୋଲି ପ୍ରଶ୍ନ ଉଠିଛି । ଯଦିଓ ଦୁର୍ଗାପୁର ଗଣଦୁଷ୍କର୍ମ ଘଟଣାରେ ମମତା ବାନାର୍ଜୀ ଝିଅ ପିଲା ରାତିରେ କଣ ପାଇଁ ବାହାରକୁ ବାହାରୁଛନ୍ତି ବୋଲି ପ୍ରଶ୍ନ ଉଠାଇଥିଲେ । ଯାହା ଫଳରେ ତାଙ୍କ ବୟାନକୁ ନେଇ ବିବାଦ ବଢିଥିଲା । ହେଲେ ଗତ ଦୁଇ ଦିନ ତଳେ ପୁଣି ପଶ୍ଚିମବଙ୍ଗରେ ଗୋଟେ ୪ ବର୍ଷର ଶିଶୁକୁ ଦୁଷ୍କର୍ମ ଘଟଣା ସମସ୍ତଙ୍କୁ ଚକିତ କରି ଦେଇଛି ।

କୋଲକାତା ଆରଜି କର ମେଡିକାଲ କଲେଜରେ ଦୁଷ୍କର୍ମ ପରେ ଯୁବତୀଙ୍କ ମୃତ୍ୟୁ ଏବଂ ପରେ ଦୁର୍ଗାପୁରରେ ଓଡିଆ ଡାକ୍ତରୀ ଛାତ୍ରୀଙ୍କୁ କ୍ୟାମ୍ପସ ବାହାରେ ଥିବା ଜଙ୍ଗଲିଆ ଅଞ୍ଚଳରେ ନିଜ ବୟଫ୍ରେଣ୍ଡ ଏବଂ ଅନ୍ୟମାନଙ୍କ ଦ୍ୱାରା ଗଣଦୁଷ୍କର୍ମ ଘଟଣା ପୂରା ଦେଶକୁ ଦୋହଲାଇ ଦେଇଥିଲା । ଯଦିଓ କଡା ଆକ୍ସନ ପରେ ଦୋଷୀଙ୍କୁ ବନ୍ଧା ଯାଇଥିଲା ଆଉ ଲାଗୁଥିଲା ଏବେ ପଶ୍ଚିମବଙ୍ଗରେ ଏମିତି ଆଉ ଲଜ୍ଜା ଘଟିବନି ବୋଲି । ହେଲେ ହୁଗୁଳିର ହୃଦୟ ବିଦାରକ ଘଟଣା ସବୁ ସୀମା ପାର କରିଦେଇଛି । ଯେଉଁଠି ଜଣେ ବୃଦ୍ଧ *(ପୃଷ୍ଠା ୭ରେ)*

# ହାଇକୋର୍ଟରେ କ୍ଷମା ମାଗିଲେ ବ୍ରହ୍ମପୁର ଏସ୍‌ପି



**ବ୍ରହ୍ମପୁର, ୧୧।୧୧ : ନ୍ୟୁଜ୍ ବ୍ୟୁରୋ**

ପୀତବାସ ପଣ୍ଡା ହତ୍ୟା ମାମଲାରେ ବିବାଦୀୟ ବୟାନ ଦେଇ ହାଇକୋର୍ଟରେ ମଙ୍ଗଳବାର କ୍ଷମା ମାଗିଛନ୍ତି ବ୍ରହ୍ମପୁର ଏସପି ଶ୍ରବଣା ବିବେକ ଏମ୍ । ମଙ୍ଗଳବାର ବ୍ୟକ୍ତିଗତ ଭାବେ ହାଜର ହୋଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି ଏସପି । ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପରେ *(ପୃଷ୍ଠା ୭ରେ)*

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଷ୍ଟାର୍ଟଅପଗୁଡ଼ିକୁ ପାଣ୍ଠି ଯୋଗାଣ ଆବଶ୍ୟକ

ପାଣ୍ଠିର ଅଭାବ ଓ ପ୍ରତିଷ୍ଠାତାଙ୍କ ଧୈର୍ଯ୍ୟର ଅଭାବ। ଏହି ଦୁଇ କାରଣ ପାଇଁ ଚଳିତ ବର୍ଷ ଦେଶରେ ୧୧,୨୨୩ଟି ଷ୍ଟାର୍ଟଅପ୍ ବନ୍ଦ ହୋଇଯାଇଛି। କିଛି ସଂସ୍ଥା ଚାରି ପାଞ୍ଚ ବର୍ଷ ଧରି ଉଦ୍ୟମ କରିବା ପରେ ବିଫଳ ହୋଇ ନିଜର ଯାତ୍ରା ଶେଷ କରିଛନ୍ତି। ଆଉ କିଛି ଷ୍ଟାର୍ଟଅପ୍ ପ୍ରତିଷ୍ଠା ହେବାର କିଛି ମାସ ଭିତରେ ବନ୍ଦ ହୋଇଯାଇଛି। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଯେତିକି ଷ୍ଟାର୍ଟଅପ୍ ବନ୍ଦ ହୋଇଛି ତାହା ୨୦୨୪ର ସାରା ବର୍ଷ ରେ ବନ୍ଦ ହୋଇଥିବା ୮୬୪୯ ଷ୍ଟାର୍ଟଅପ୍ ତୁଳନାରେ ୩୦ ପ୍ରତିଶତ ଅଧିକ। ବର୍ଷ ଶେଷ ହେବାକୁ ଥିବାରୁ ଏହି ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଲେଅଫ୍ ଡଟ୍ ଏଫ୍ୱାଇଆଇ ତଥ୍ୟ ଅନୁସାରେ ହାଇକ୍, ବିଫ୍‌କାର୍ଟ, ଆଷ୍ଟ୍ରା, ଓହମ୍ ମୋବିଲିଟି, କୋଡ୍ ପ୍ୟାରୋଟ୍, ବ୍ଲିପ୍, ସବ୍‌ଟଲ୍ ଏଆଇ, ଓଟିପାଏ, ଲଗ୍ ୯ ମାଟେରିଆଲ୍ ଓ ଏଏନ୍ଏସ୍ କମର୍ସ ଭଳି ଷ୍ଟାର୍ଟଅପ୍ ନାମ ବନ୍ଦ ତାଲିକାରେ ରହିଛି। ବି୨ସି ଇ-କମର୍ସ କ୍ଷେତ୍ରରେ ସର୍ବାଧିକ ୫୭୭୬ଟି ଷ୍ଟାର୍ଟଅପ୍ ବନ୍ଦ ହୋଇଥିବା ବେଳେ ଏଣ୍ଟରପ୍ରାଇଜ୍ ସଫ୍ଟୱେରରେ ୪୧୭୪ ଓ ସଫ୍ଟୱେର ଆଜ୍ ଏ ସର୍ଭିସ୍ (ସାସ୍) କ୍ଷେତ୍ରରେ ୨୭୮୫ଟି ଷ୍ଟାର୍ଟଅପ୍ ବନ୍ଦ ହୋଇଛି। ଏହି ସଂସ୍ଥାଗୁଡ଼ିକ ବନ୍ଦ ହେବା ପଛର କାରଣଗୁଡ଼ିକ ହେଉଛି ବଜାରକୁ ସୁହାଇବା ଭଳି ଉତ୍ପାଦ ଆଣି ନ ପାରିବା, ସ୍ଥାନୀୟ ବ୍ୟବସାୟ ମଡେଲ୍ ଗଠନରେ ବିଫଳତା, ଗ୍ରାହକ ଯୋଡ଼ିବାରେ ଅତ୍ୟଧିକ ଖର୍ଚ୍ଚ, ସୀମିତ ରାଜସ୍ୱ ଏବଂ ପାଣ୍ଠିର ଘୋର ଅଭାବ। ଫ୍ୟାସନ୍ କ୍ଷେତ୍ରରେ ୮୪୦, ମାନବ ସମ୍ବଳ ପ୍ରଯୁକ୍ତି କ୍ଷେତ୍ରରେ ୮୪୬, ଶିକ୍ଷା ପ୍ରଯୁକ୍ତିରେ ୫୪୯ଟି ଷ୍ଟାର୍ଟଅପ୍ ବନ୍ଦ ହୋଇଛି। ଏହି ସଂସ୍ଥାଗୁଡ଼ିକ ଏଭଳି ସମାଧାନ ବିକାଶ କରିଥିଲେ ଯାହା ବାସ୍ତବ ଦୁନିଆ ସମସ୍ୟା ପାଇଁ ଉଦ୍ଦିଷ୍ଟ ନଥିଲା। ସ୍ୱାସ୍ଥ୍ୟସେବା ବୁକିଂ ପ୍ଲାଟଫର୍ମରେ ୭୬୨, ନିବେଶ ପ୍ରଯୁକ୍ତିରେ ୫୭୯, ଇଣ୍ଟରନେଟ୍ ପ୍ରଥମ ବ୍ରାଣ୍ଡ୍ କ୍ଷେତ୍ରରେ ୮୧୭ଟି କମ୍ପାନି ବନ୍ଦ ହୋଇଛି। ଭାରତରେ ଷ୍ଟାର୍ଟଅପ୍ କ୍ଷେତ୍ରରେ ବିପ୍ଳବ ଆଣିଥିଲା ଇ-କମର୍ସ। ଚଳିତ ବର୍ଷ ସେହି କ୍ଷେତ୍ରରେ ସର୍ବାଧିକ ଷ୍ଟାର୍ଟଅପ୍ ବନ୍ଦ ହୋଇଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ କେବଳ ଗ୍ରାହକଙ୍କୁ ରିହାତି ଦେଇ ଓ ନିବେଶକଙ୍କ ଟଙ୍କା ଉପରେ ସଦାସର୍ବଦା ଭରସା କରି ସଫଳ ଷ୍ଟାର୍ଟଅପ୍ ଗଠନ କରାଯାଇପାରିବ ନାହିଁ। ୨୦୨୫ରେ ୭ଟି ଷ୍ଟାର୍ଟଅପ୍ ବର୍ଷକ ଭିତରେ ବନ୍ଦ ହୋଇଯାଇଛି। ୨୦୨୪ରେ ମାତ୍ର ଗୋଟିଏ ଷ୍ଟାର୍ଟଅପ୍ ଏଭଳି ଅଳ୍ପ ସମୟରେ ବନ୍ଦ ହୋଇଥିଲା। ରାଜ୍ୟରେ ନବସୃଜନ ଓ ଔଦ୍ୟୋଗିକ ସଂସ୍କୃତିକୁ ପ୍ରୋତ୍ସାହନ ଲାଗି ଏମ୍ଏସ୍ଏମ୍ଇ ବିଭାଗ 'ଷ୍ଟାର୍ଟଅପ୍ ଓଡ଼ିଶା' କାର୍ଯ୍ୟକ୍ରମ ଗ୍ରହଣ କରିଥିଲା । ୨୦୨୫ ସୁଦ୍ଧା ୫ ହଜାର ଷ୍ଟାର୍ଟଅପ୍ ସ୍ଥାପନ ଲକ୍ଷ୍ୟ ରହିଲା । ମାତ୍ର ଏହି ଲକ୍ଷ୍ୟ ପୂରଣ ଏବେ କାଠିକର ପାଠ ହୋଇଛି । ଉଚିତ୍ ମାର୍ଗଦର୍ଶନ ଅଭାବରୁ ଅଧିକାଂଶ ଷ୍ଟାର୍ଟଅପ୍ ଉଦ୍ୟୋଗୀ ପାଣ୍ଠି ପାଉନାହାନ୍ତି। ଫଳରେ ମୂଳ ଲକ୍ଷ୍ୟଠୁ ବହୁ ଦୂରରେ ରହିଛି ରାଜ୍ୟର ଷ୍ଟାର୍ଟଅପ୍ ଉଦ୍ୟୋଗ। ଆମ ରାଜ୍ୟରେ ଅଛି ୨୩୬୨ ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ୍ । ମାତ୍ର ପାଣ୍ଠି ସହ ଅନ୍ୟାନ୍ୟ ଅନେକ ସମସ୍ୟା ଯୋଗୁ ବହୁ ସଂଖ୍ୟାରେ ଷ୍ଟାର୍ଟଅପ୍ ବନ୍ଦ ହୋଇଯାଉଛି। ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ଉଦ୍ୟୋଗୀ । ଇଲେକ୍‌ଟ୍ରୋନିକ୍ସ ଓ ମାନୁଫାକ୍‌ଚରିଂ ସହ ଏଆଇ, ଡାଟା ସାଇନ୍ସ, ମେସିନ ଲର୍ଣ୍ଣିଂ ଭଳି ନୂଆ ଜ୍ଞାନକୌଶଳ କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଛି । ଏହାକୁ ନଜରରେ ରଖି ଓଡ଼ିଶା ନୂଆ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ନୀତି ଆଣିଛି । ଷ୍ଟାର୍ଟଅପ୍‌ଗୁଡ଼ିକ ଲାଗି ଏ କ୍ଷେତ୍ରରେ ବଡ଼ ସୁଯୋଗ ରହିଛି । ମାତ୍ର ଷ୍ଟାର୍ଟଅପ୍ ଇକୋସିଷ୍ଟମ ଦୃଢ଼ ନ ହେଲେ ଏ କ୍ଷେତ୍ରରେ ରାଜ୍ୟ ପଛୁଆ ହୋଇଯିବାର ଆଶଙ୍କା ରହୁଛି । ରାଜ୍ୟରେ ଷ୍ଟାର୍ଟଅପ ସଂସ୍କୃତି ଆଗକୁ ଯିବାକୁ ହେଲେ ବିଶେଷଜ୍ଞଙ୍କ ମତରେ ତୃଣମୂଳ ସ୍ତରରେ ଏ ଗୁଡିକର ଉଚିତ୍ ମାର୍ଗଦର୍ଶନ ଆବଶ୍ୟକ । ଷ୍ଟାର୍ଟଅପ୍‌ଗୁଡ଼ିକର ନିବେଶକଙ୍କୁ ଆକୃଷ୍ଟ କରିବା ସ୍ତର ଦୃଢ଼ ରହିବା ଆବଶ୍ୟକ । ମାତ୍ର ଏଥିପାଇଁ ଆମ ରାଜ୍ୟରେ ଇକୋସିଷ୍ଟମ ଆଖିଦୃଶିଆ ବିକଶିତ ହୋଇ ପାରିନାହିଁ । ଫଳରେ ବେଶି ଷ୍ଟାର୍ଟଅପ୍ ସଫଳତା ପାଇପାରୁ ନାହାନ୍ତି । ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଷ୍ଟାର୍ଟଅପ୍ ଅଭିବୃଦ୍ଧି ପାଣ୍ଠିର ବ୍ୟବସ୍ଥା କରିଛନ୍ତି । ମାତ୍ର ଅଧିକାଂଶ ଷ୍ଟାର୍ଟଅପ୍ ନିବେଶଯୋଗ୍ୟ ସ୍ତର ଯାଏ ଅଭିବୃଦ୍ଧି କରିପାରୁ ନାହାନ୍ତି । ଫଳରେ କ୍ୱଚିତ୍ ଷ୍ଟାର୍ଟଅପ୍ ହିଁ ଭେଞ୍ଚର କ୍ୟାପିଟାଲ୍ ପାଣ୍ଠି କିମ୍ବା ଷ୍ଟାର୍ଟଅପ୍ ନୀତିର ଫାଇଦା ପାଉଛନ୍ତି । ଆଇଓଟି ଷ୍ଟାର୍ଟଅପ୍ ଡେଟମ୍ବର ପ୍ରତିଷ୍ଠାତା ଅମୀୟ ସାମନ୍ତରାୟ କହିଛନ୍ତି, ଷ୍ଟାର୍ଟଅପ୍ କେବଳ ରାଜ୍ୟ ସରକାରଙ୍କ ଉପରେ ନିର୍ଭରଶୀଳ ନ ହୋଇ କେନ୍ଦ୍ର ସରକାରଙ୍କ ସ୍କିମ୍ ଏବଂ ଅନ୍ୟ ବିକଳ୍ପ ଉତ୍ସରୁ ପାଣ୍ଠି ସଂଗ୍ରହ କରନ୍ତୁ । ଭଲ କାମ କରୁଥିବା ଷ୍ଟାର୍ଟଅପ୍ ସହ ଯୋଡ଼ି ହୋଇ ପରାମର୍ଶ ନିଅନ୍ତୁ । ରାଜ୍ୟର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଦୃଢ଼ କରିବା ଲାଗି ସବୁ ଅଂଶୀଦାର ଆଗେଇ ଆସିବା ଉଚିତ୍ । କ୍ଷୁଦ୍ର ଶିଳ୍ପ ସଂଘ ଓସ୍ମୀର ମହାସଚିବ ସାତ୍ତ୍ୱିକ ସ୍ୱାଇଁ କହିଛନ୍ତି, ଷ୍ଟାର୍ଟଅପ୍ ବିପ୍ଳବାତ୍ମକ, ଅଭିନବ ଚିନ୍ତାଧାରା ସହ କିଛି ବଡ଼ କରିବା ଲକ୍ଷ୍ୟ ରଖନ୍ତୁ। ପାଣ୍ଠି ପାଇବା ସବୁବେଳେ ଏକ ଚ୍ୟାଲେଞ୍ଜିଂ ବ୍ୟାପାର । ମାତ୍ର ଉଚିତ ଢଙ୍ଗରେ ନିରନ୍ତର କାମ କଲେ ନିଶ୍ଚିତ ପକ୍ଷେ ଷ୍ଟାର୍ଟଅପ୍‌ଗୁଡ଼ିକ ଅଭିବୃଦ୍ଧି କରିପାରିବେ । ଗେମିଂ ଷ୍ଟାର୍ଟଅପ୍ ଗୌରବ ଗୋଗେମ୍ବର ପ୍ରତିଷ୍ଠାତା ଏସ୍.ରବି ଶଙ୍କର କହିଛନ୍ତି, ରାଜ୍ୟ ଷ୍ଟାର୍ଟଅପ୍ ନୀତିକୁ ଆହୁରି ଅନୁକୂଳ କରାଯାଉ। ଷ୍ଟାର୍ଟଅପ୍ ପାଣ୍ଠି ପାଇବାରେ ୩ ବର୍ଷ ଲାଗିଯାଉଛି। ଷ୍ଟାର୍ଟଅପ୍ ଓଡ଼ିଶା ବିଲ୍ଡିଂରେ ରାଜ୍ୟ ବାହାରର ବଡ଼ କମ୍ପାନିଙ୍କୁ ସ୍ଥାନ ମିଳିଛି । ଇନ୍‌କ୍ୟୁବେସନ ସେଣ୍ଟରଗୁଡ଼ିକ କେବଳ ଏକ ପ୍ରମାଣପତ୍ର ଦେଇ ବସି ଯାଉଛନ୍ତି। ରାଜ୍ୟରେ ଭେଞ୍ଚର କ୍ୟାପିଟାଲ ନେଟୱର୍କରେ ମଧ୍ୟ ସମସ୍ୟା ରହୁଛି। ଷ୍ଟାର୍ଟଅପ୍ ୩୩ କ୍ରୋରସର ପ୍ରତିଷ୍ଠାତା ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଷ୍ଟାର୍ଟଅପ୍ ନୀତି ଏତେଟା ଆକର୍ଷକ ହୋଇପାରି ନାହିଁ । ଷ୍ଟାର୍ଟଅପ୍ ସହ ମିଶି କାମ କରିବା ମନୋବୃତ୍ତି ମଧ୍ୟ ପ୍ରଶାସନିକ ସ୍ତରରେ ନାହିଁ । ଷ୍ଟାର୍ଟଅପ୍ ସଂସ୍କୃତିର ପ୍ରୋତ୍ସାହନ ଲାଗି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଲୋଡ଼ା । ଷ୍ଟାର୍ଟଅପ୍ ବଢ଼ିଲେ ଓଡ଼ିଶାର ଅଭିବୃଦ୍ଧିରେ ଯୋଗଦାନ ହେବ । ଏ ନେଇ ଷ୍ଟାର୍ଟଅପ୍ ଓଡ଼ିଶାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିନାହିଁ। ବର୍ତ୍ତମାନ ଷ୍ଟାର୍ଟଅପ୍ ଅନୁଦାନରେ ବିଳମ୍ବ, ଇନକ୍ୟୁବେସନ କେନ୍ଦ୍ରରେ ସ୍ଥାନ ନ ମିଳିବା ଏବଂ ରିସ୍କ କ୍ୟାପିଟାଲ ପାଇବା, ଷ୍ଟାର୍ଟଅପ୍ ନୀତିର ପ୍ରକୃତ କାର୍ଯ୍ୟାନ୍ୱୟନ ହୋଇପାରୁ ନଥିବା ଅଭିଯୋଗ ହେଉଛି । ଷ୍ଟାର୍ଟଅପ୍‌ଗୁଡ଼ିକୁ ପାଣ୍ଠି ଯୋଗାଣ ଓ ସହାୟତା ଲାଗି ରାଜ୍ୟ ସରକାର ନୀତିଗତ ଦିଗ ଉପରେ ଧ୍ୟାନ ଦେବା ଆବଶ୍ୟକ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ
### ଭଗବାନ

ହେ ପ୍ରଭୁ ଜଗତ ନାଥ
ମୁଁ
ଇଣ୍ଡରୁ ପିଣ୍ଡ ପରିଯନ୍ତେ
ଘୁରୁଛି ମୁହିଁ ଦିବା ରାତ୍ରେ
(୧)
ନାହିଁ ମୋହର ଠାବରାବ
ଭକତ ମୋର ମନ ଭାବ
(୨)
ଦେଖିଲି ସକଳ ଅନ୍ତରେ
ମାୟା ମୋହରେ
ନିରନ୍ତରେ (୩)
ଆକେଶେ ଉଡି ମୁଁ
ବୁଲୁଛି
ଜଳରେ ବୁଡି ମୁଁ ବୁଲୁଛି
(୪)
ସ୍ଥଳରେ ସଦା ଭ୍ରମୁଅଛି
ଅନଳେ ସଦା ସାକ୍ଷୀଅଛି
(୫)
ବାୟୁରେ ସର୍ବଦା ଘୁରୁଛି
ପ୍ରାଣୀର ହୃଦେ ଭ୍ରମୁଅଛି
(୬)
ମୋ ମାୟା ମୋତେ
ଅଗୋଚର
କାହୁଁ ଜାଣିବେ ନର
ଛର (୭)
ଜୀବ ଜଗତ ମାୟା ଘର
ସେ କାହୁଁ ଭଜିବ
ଠାକୁର (୮)

# ସ୍ୱାଧୀନତାର ସଂଜ୍ଞା


ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସ୍ୱାଧୀନତାର ପ୍ରକୃତ ଅର୍ଥ କ'ଣ ତାହା ସମ୍ଭବତଃ ଭାରତର ଅନେକ ନାଗରିକମାନଙ୍କୁ ଜଣାନାହିଁ। ନିଜକୁ ଭାବୁଛନ୍ତି ଯେ ସେମାନେ ପରାଧୀନ। ଯୁବକଯୁବତୀମାନଙ୍କ ମଧ୍ୟରେ ସ୍ୱାଧୀନତାର ସଜ୍ଞା କ'ଣ ତାହା ମଧ୍ୟ ପ୍ରସାରିତ ହୋଇନାହିଁ ଯାହାକି କେବଳ ଶିକ୍ଷାର ଅଭାବ ବୋଲି ହିଁ କହିବାକୁ ପଡ଼ିବ।

ପରାଧୀନ ଥିବା ଭାରତବର୍ଷରେ ବ୍ରିଟିଶ ଶାସକମାନେ ଦେଶର ଶାସନ ଚଳାଉଥିଲେ। ସେମାନଙ୍କର ମତ ଅନୁଯାୟୀ ଶାସନ ଚାଲୁଥିଲା ଏବଂ ସେପରି ଶାସନକୁ ବିରୋଧ କରାଗଲେ ନିଶ୍ଚିତ ଦଣ୍ଡ ମିଳୁଥିଲା। ସେତେବେଳେ ଯେଉଁ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା ସେଥିରେ ବହୁ ଦେଶବାସୀ ଝାସ ଦେଇଥିଲେ ଓ ତାହା ଏକ ଗଣସଂଗ୍ରାମରେ ପରିଣତ ନହୋଇଥିଲେ ଦେଶ ଆଜି ବିଦେଶୀମାନଙ୍କ କବଳରୁ କେବେହେଲେ ମୁକ୍ତ ହୋଇପାରିନଥାନ୍ତା। କେବଳ କେତେଜଣ ନେତୃବର୍ଗଙ୍କ ଯୋଗୁଁ ଯେ ସ୍ୱାଧୀନତା ଆସିଗଲା ତାହା କହିଲେ ଠିକ୍ ହେବନାହିଁ। କାରଣ ସେମାନଙ୍କ ସହିତ ଯୋଗ ଦେଇଥିଲେ ଭାରତର ଜନଗଣ। ଯେଉଁମାନେ ଏହାର ନେତୃତ୍ୱ ନେଇଥିଲେ ପରବର୍ତ୍ତୀ କାଳରେ ସେମାନେ ହିଁ ଶାସନର ଡୋରି ଧରିଥିଲେ। ଯେଉଁମାନେ ଶାସନରେ କୌଣସି ସୁବିଧା ପାଇପାରିଲେ ନାହିଁ ସେମାନେ କର୍ମକୁ ଆଦରି ଗ୍ରାମାଞ୍ଚଳରେ ରହିଗଲେ। ବୟସ ବଢ଼ିବା ସହିତ ସେମାନଙ୍କର ଚଳିବାର ଶକ୍ତି ମଧ୍ୟ ହଜିଗଲା। ଯେଉଁ ନେତୃବର୍ଗମାନେ ସ୍ୱାଧୀନତାର ନେତୃତ୍ୱ ନେଇଥିଲେ ସେମାନଙ୍କର ପିଲାମାନେ ସେହିଭଳି ଶାସନ ଡୋରିକୁ ପରବର୍ତ୍ତୀ କାଳରେ ନିଜ ନେତୃତ୍ୱରେ ରଖିନେଲେ। ତେଣୁ ଜନସାଧାରଣଙ୍କ ମଧ୍ୟରେ ସ୍ୱାଧୀନତା ନିମନ୍ତେ ଯେଉଁ ପ୍ରକାରର ଭାବ ବିକଶିତ ହୋଇଥିଲା ତାହା କ୍ରମଶଃ ଲୁଚିଗଲା ଓ ଉତ୍ତରପୁରୁଷମାନେ ସେ ଦିଗରେ କିଛିଟା ଜାଣିପାରିଲେ ନାହିଁ କି ସେମାନଙ୍କୁ ଜଣାଇଦିଆଗଲା ନାହିଁ। ସ୍ୱାଧୀନତା ଓ ପରାଧୀନତା ମଧ୍ୟରେ ଫରକ କ'ଣ ସେମାନେ ଯଦି ଇତିହାସରୁ ଜାଣିପାରନ୍ତେ ତେବେ ସେମାନଙ୍କର ଦେଶାତ୍ମବୋଧତା ନିଶ୍ଚିତ ଭାବରେ ସୃଷ୍ଟି ହୋଇପାରିଥାନ୍ତା।

ପରାଧୀନ ଅର୍ଥ ଜଣେ ମାଲିକର ଆଦେଶକୁ ପାଳନ କରି ତାହା ପାଖରେ ଚାକିରି କରିବା ଓ ଆଜିର ଶିକ୍ଷା ମଧ୍ୟ ସେହିଭଳି ଚାକିରି ଆଭିମୁଖ୍ୟକୁ ନେଇ ଆଗେଇ ଚାଲିଛି ଏବଂ ସେପରି ଶିକ୍ଷା ମଧ୍ୟ ଦିଆଯାଉଛି ଯାହା ଫଳରେ ପିଲାମାନଙ୍କ ମଧ୍ୟରେ ଚାକିରି କରିବାର ମନୋବୃତ୍ତି ବିଶେଷ ଭାବରେ ବଢ଼ିଉଠୁଛି। ଏହା ଫଳରେ ସେମାନଙ୍କର ପାରଙ୍ଗମତା ଓ ଆତ୍ମବିଶ୍ୱାସ ଜାଗ୍ରତ ହୋଇପାରୁନାହିଁ। ଆତ୍ମବିଶ୍ୱାସ ବିନା ଯୁବକମାନେ ନିଜର ଭବିଷ୍ୟତ କେବେହେଲେ ଗଢ଼ିପାରିବେ ନାହିଁ କି ଏକ ସଫଳ ଗଣତନ୍ତ୍ର ମଧ୍ୟ ତିଷ୍ଠିପାରିବ ନାହିଁ। ଏହି ଦେଶ ଆମର ଓ ଏହାର ସୁରକ୍ଷା ଆମଦ୍ୱାରା ହେବ ଏବଂ ଏଥିରେ ବାସ କରୁଥିବା ପ୍ରତ୍ୟେକ ଲୋକ ଆମ ନିଜର, ଏପରି ଭାବନା ଜାଗ୍ରତ ହେବା ନିମନ୍ତେ କୌଣସି ପ୍ରକାରର ଉଦ୍ୟମ ମଧ୍ୟ ପ୍ରଚଳିତ ଶିକ୍ଷାଦ୍ୱାରା ସମ୍ଭବ ହୋଇପାରୁନାହିଁ। ବର୍ତ୍ତମାନର ରାଜନେତାମାନେ ଜାତି, ଧର୍ମ ଓ ସାମ୍ପ୍ରଦାୟିକତାକୁ ନେଇ ଯେଉଁଭଳି ବିଷାକ୍ତ ଭାବନା ଯୁବଶକ୍ତି ମଧ୍ୟରେ ଭରିଦେଇ ସାରିଲେଣି ଏଥିରେ ଦେଶର ଉନ୍ନତି ସମ୍ଭବପର ନୁହେଁ। କେବଳ ନିଜ ଦଳର ଭୋଟ ପାଇଁ ବା ଶାସନକୁ ଧରିରଖିବା ନିମନ୍ତେ ଏପରି ଭାବନାର ସୃଷ୍ଟି ହୋଇଛି। ସେହିଭଳି ଜାତିଭେଦ ଦୂର ହେବ କ'ଣ ତାହା କ୍ରମଶଃ ବଢ଼ିବାରେ ଲାଗିଛି। ଜାତିକୁ ନେଇ ଚାକିରି, ବିଦ୍ୟାଳୟରେ ନାମଲେଖା ଓ ପଦ ପଦବୀରେ ସଂରକ୍ଷଣ ପ୍ରଭୃତି ଏପରି ଉଗ୍ର ରୂପ ଧାରଣ କଲାଣି ଯେ ତାହା ନିଶ୍ଚିତ ଭାବେ ଦିନେ ଏକ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ। ଏହାକୁ କେବଳ ବର୍ତ୍ତମାନର କେତେକ ରାଜନେତା ନିଜର ସ୍ୱାର୍ଥ ପାଇଁ କରିଚାଲିଛନ୍ତି। ସେମାନେ ଜାଣୁନାହାନ୍ତି ଯେ ବିଦେଶୀମାନଙ୍କ ହାତରୁ ଦେଶକୁ ସ୍ୱାଧୀନ କରିବା ନିମନ୍ତେ ଯେଉଁମାନେ କଠୋର ଆନ୍ଦୋଳନ କରିଥିଲେ ଏବଂ ଅକଥନୀୟ ଯନ୍ତ୍ରଣା ଭୋଗିଥିଲେ ସେମାନଙ୍କର ଉଦ୍ଦେଶ୍ୟ କ'ଣ ଏପରି ଥିଲା? ଆର୍ଥିକ କ୍ଷେତ୍ରରେ ମଧ୍ୟ ସେହିଭଳି ଅସମାନତା ଦେଖାଦେଇଛି। ରାଜନୀତିରେ ପ୍ରବେଶ କରି ଜଣେ କୋଟିପତି ହେବା ଓ ବିପୁଳ ଅଧ୍ୟବସାୟ ଫଳରେ ଜଣେ ଚାକିରି ନପାଇବା ବା ସଫଳ ଉଦ୍ୟୋଗପତିଟିଏ ନହେବା ହିଁ ଲୋକମାନଙ୍କ ମଧ୍ୟରେ ନିରାଶ ଓ ବିଦ୍ୱେଷ ଭାବ ସୃଷ୍ଟି କରୁଛି। ସେହିଭଳି ରାଜନୀତି କରୁଥିବା ବ୍ୟକ୍ତିମାନଙ୍କର ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା ଥିବାବେଳେ ଅନ୍ୟ ଜଣଙ୍କର ବ୍ୟାଙ୍କ ଋଣ କରି ତାହା ପିଲାଙ୍କ ପାଠପଢ଼ା ବା ବ୍ୟବସାୟ ପ୍ରଭୃତି କରୁଛି। ଏପରି ଭାବନା ଯେତେବେଳେ ଯୁବ ମନରେ ଆନ୍ଦୋଳିତ ହୋଇ ଉଠିବ ସେତେବେଳେ ତାହା ବିଦ୍ରୋହର ରୂପ ନେବ ଓ ଦେଶର ସ୍ୱାଧୀନତା ନିଶ୍ଚିତ ଭାବେ ବିପନ୍ନ ହୋଇପଡ଼ିବ। ପରାଧୀନ ହୋଇ ଚାକିରି କଲେ ଜୀବନ ବିତାଇବାର ଦାୟିତ୍ୱ ଅବଶ୍ୟ ମାଲିକର ଥାଏ। ତେଣୁ ମାଲିକ ଯାହା କହିବ ବା କରିବ ସେପରି ପନ୍ଥା ଅନୁସରଣ କରିବା ତାହା ପାଖରେ ଚାକିରି କରୁଥିବା ବ୍ୟକ୍ତିଟିର କର୍ତ୍ତବ୍ୟ। ତେଣୁ ତା'ର ଜୀବନ ଏପରି ଭାବରେ ଗଢ଼ା ହୋଇଯାଏ ଯାହା ଦେଶ ଗଠନରେ ତାହା ମନରେ କୌଣସି ଭାବନା ଜାଗରିତ କରିପାରିନଥାଏ। ତେବେ ମାଲିକମାନଙ୍କର ଦାୟିତ୍ୱ ମଧ୍ୟ କମ୍ ନୁହେଁ। ସେମାନଙ୍କ ପାଖରେ ଏହି ରାଜନେତାମାନେ ପହଞ୍ଚି ବିଭିନ୍ନ ପ୍ରକାରର ଆର୍ଥିକ ସାହାଯ୍ୟର ସୁବିଧା ନେଇଥାନ୍ତି। ତେଣୁ ମାଲିକ ହେବାଠାରୁ ଚାକିରିଆଟିଏ ହେବା ଭଲ। କାରଣ ସେଥିରେ କୌଣସି ଝାମେଲା ନାହିଁ। କେବଳ ଜଣେ ଲୋକର କଥାକୁ ମାନିନେଲେ ତାହାର ସବୁ ଠିକ୍ ଅଛି ବୋଲି ସେ ଧରିନେଇଥାଏ। ମାତ୍ର ସ୍ୱାଧୀନ ହେଲେ ସେପରି ଚଳିବା ଏତେ ସହଜ ନୁହେଁ। ସ୍ୱାଧୀନ ବ୍ୟକ୍ତିଟି ଅନେକ ଶୃଙ୍ଖଳା ଭିତରେ ଗତି କରିଥାଏ। ଏଠାରେ ମହାଭାରତର ଗୋଟିଏ ଗପ ଉତ୍ଥାପନ କରାଗଲା।

ଶରଶଯ୍ୟାରେ ଶୋଇଥିବା ପିତାମହ ଭୀଷ୍ମଙ୍କୁ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ପଚାରିଲେ ଯେ ଆପଣ ଉଭୟ କୁରୁପାଣ୍ଡବଙ୍କର ପିତାମହ ହେବା ସହ ଜଣେ ଜ୍ଞାନବନ୍ତ ବ୍ୟକ୍ତି ଭାବେ ଦୁଇ କୁଳର ପରମ ସମ୍ମାନିତ ଥିଲେ। ଆପଣଙ୍କ ପରି ଜଣେ ଜ୍ଞାନୀ ପୁରୁଷ କୌରବମାନଙ୍କୁ ସମର୍ଥନ ଦେବାର ତାତ୍ପର୍ଯ୍ୟ କ'ଣ ଥିଲା? କୌରବମାନଙ୍କୁ ସମର୍ଥନ ଦେବାର ଅର୍ଥ ଅହଂକାରକୁ ସମର୍ଥନ କରିବା। ପିତାମହ ଭୀଷ୍ମ ଏହାର ଉତ୍ତରରେ ମହାପ୍ରଭୁଙ୍କୁ କହିଥିଲେ ଯେ ମୁଁ କୁରୁକୁଳ ରାଜଶକ୍ତିର ଛତ୍ରଛାୟା ତଳେ ରହିଥିଲି। ତାଙ୍କର ଦେଉଥିବା ଅର୍ଥରେ ମୁଁ ଚଳୁଥିଲି ଓ ଗୃହରେ ରହୁଥିଲି। ତେଣୁ ମୁଁ କୁରୁ ରାଜଶକ୍ତିର ଆଜ୍ଞା ପାଳନ କରିବାକୁ ବାଧ୍ୟ ଥିଲି। ତେଣୁ ଯେତେ ସମ୍ମାନିତ ବ୍ୟକ୍ତି ହେଲେ ମଧ୍ୟ ଏପରି ଜଣଙ୍କଠାରୁ କ'ଣ ବା ଆଶା କରାଯାଇପାରେ। ଭୀଷ୍ମଙ୍କର ଏହି ମହାନ ବାକ୍ୟ ଯୁଗେ ଯୁଗେ ଅମର ହୋଇରହିଛି ଏବଂ ସମାଜକୁ ମଧ୍ୟ ଦିଗ୍‌ଦର୍ଶନ ଦେଇଆସୁଛି ଯେ ପରାଧିନ ଥିବା ଜଣେ ବ୍ୟକ୍ତିର ସ୍ୱାଧିନତା ଅତି ସୀମିତ। ତେଣୁ ତିନୋଟି ଅତ୍ୟାବଶ୍ୟକ କଥା ତଥା ଖାଇବା, ପିନ୍ଧିବା ଓ ରହିବାରେ ଯିଏ ଅନ୍ୟ ଉପରେ ନିର୍ଭର କରିନଥାଏ ସେ ହିଁ ପ୍ରକୃତରେ ସ୍ୱାଧୀନ। ଅବଶ୍ୟ ଏଥିପାଇଁ ଉପଯୁକ୍ତ କର୍ମକ୍ଷେତ୍ରର ଆବଶ୍ୟକତା ରହିଛି। ସେପରି କର୍ମକ୍ଷେତ୍ର ସୃଷ୍ଟି ନ ହୋଇପାରିଲେ ଉପର୍ଯ୍ୟୁକ୍ତ ଭାବନାର ସଫଳ ରୂପାୟନ ହୋଇପାରିବ ନାହିଁ। ସେପରି କର୍ମକ୍ଷେତ୍ର ସୃଷ୍ଟିର ଅର୍ଥ ବ୍ୟକ୍ତିଟି ଯେଉଁଠାରୁ ନିଜ ଆତ୍ମନିର୍ଭରଶୀଳତାର ପ୍ରେରଣା ପାଇପାରିବ ବା ସେଥିରୁ ଶିକ୍ଷାଲାଭ କରି ନିଜର ସେପରି କର୍ମକ୍ଷେତ୍ର ସୃଷ୍ଟି କରି ବଞ୍ଚିପାରିବ।

ରାଜନୈତିକ ଦଳମାନଙ୍କର ଦଳପତିମାନଙ୍କ ନେତୃତ୍ୱରେ ହିଁ ଦଳ କାର୍ଯ୍ୟ କରିଥାଏ। ମାତ୍ର କ୍ରମଶଃ ଦେଖାଯାଉଛି ଯେ ଦେଶପ୍ରୀତି ବା ନାଗରିକର ଚରିତ୍ର ଗଠନରେ ସେମାନଙ୍କର ଭୂମିକା ଆଦୌ ନାହିଁ କହିଲେ ଚଳେ। କେବଳ ନିଜେ ଓ ତାଙ୍କୁ ସମର୍ଥନ କରୁଥିବା ବ୍ୟକ୍ତିମାନଙ୍କର କଥାରେ ହିଁ ସେମାନେ ପରିଚାଳିତ ହୋଇଥାନ୍ତି। ନିରପେକ୍ଷ ଭାବେ ଗୁଣାତ୍ମକ ଭାବନାକୁ ଆଧାର କରି ସେମାନେ ମତ ଦେଇନଥାନ୍ତି। ପରସ୍ପର ଉପରକୁ 'କାଦୁଅ ଫୋପଡ଼ା' ରାଜନୀତି ପ୍ରତି ସେମାନେ ସର୍ବଦା ସଚେତନ। ସାଧାରଣ ନାଗରିକମାନଙ୍କ ଉନ୍ନତିକୁ ସେମାନେ ଧ୍ୟାନ ଦିଅନ୍ତି ନାହିଁ। ସେପରି ଉନ୍ନତିର ସ୍ଲୋଗାନ ଦେଇ ନିଜର କେବଳ କିପରି ଉନ୍ନତି ବା ନିଜେ କିପରି ଧନଶାଳୀ ହୋଇପାରିବେ ସେଥିପାଇଁ ସେମାନେ ସର୍ବଦା ବ୍ୟସ୍ତ। ସେମାନଙ୍କ ପରେ ତାଙ୍କ ଉତ୍ତରାଧିକାରୀ ଭାବେ ନିଜ ବଂଶର କାହାକୁ ଦଳପତି କରାଇବେ ସେଥିପ୍ରତି ସର୍ବଦା ସେମାନେ ଉଦ୍ୟମ ଜାରି ରଖିଥାନ୍ତି। ତେବେ ଏହା ହିଁ କ'ଣ ଭାରତବର୍ଷରେ ଆସିଥିବା ଗଣତନ୍ତ୍ରର ଉଦ୍ଦେଶ୍ୟ? ଏଥିପାଇଁ କ'ଣ ଥିଲା ମହାତ୍ମାଗାନ୍ଧୀ, ଅରବିନ୍ଦ ପ୍ରଭୃତି ମହାମନିଷୀମାନଙ୍କର ବ୍ରିଟିଶ ସରକାରଙ୍କ ସହ ଲଢ଼ିବାର ଉଦ୍ଦେଶ୍ୟ? ତେଣୁ ଯୁବଶକ୍ତି ଜାଗରିତ ନ ହେଲେ ଏ ଦେଶର ଗଣତନ୍ତ୍ରକୁ ବଞ୍ଚାଇବା କଷ୍ଟକର ହୋଇପଡ଼ିବ। ବିଗତ ଶତାବ୍ଦୀରେ ହୋଇଥିବା ସ୍ୱାଧୀନତା ଆନ୍ଦୋଳନ ଅର୍ଥ ହୀନ ହୋଇଯିବ।

# ଓଡ଼ିଆର ଆଦ୍ୟପର୍ବ


ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪



ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଯୁଗ ଯୁଗ ଧରି ପର୍ବ ପ୍ରଥା, ଓଷା ବ୍ରତ ଆମର କୃଷି ସଂସ୍କୃତିକୁ ନେଇ ଚଳି ଆସିଛି । ବର୍ଷକ ବାରମାସ ତନ୍ମଧ୍ୟରୁ ମାର୍ଗଶିର ମାସକୁ ଅତୀତରେ ବର୍ଷର ଆଦ୍ୟମାସ ବୋଲି ଗଣନା କରାଯାଇଛି । ଏହି ମାସରୁ ବର୍ଷ ଆରମ୍ଭ ହୋଇଥାଏ କାରଣ ମାର୍ଗଶୀର ମାସ ହେଉଛି ଧାନ ଅମଳର ମାସ କୃଷକ ଶସ୍ୟ ରୂପକ ସନ୍ତାନ ଲାଭ କରୁଥିବାରୁ ତା ମନ ଆନନ୍ଦ ଉଲ୍ଲାସରେ ଭରି ଯାଇଥାଏ । ଏହି ଅମଳ ଧାନରୁ ଯେଉଁ ନୂଆ ଚାଉଳ ବାହାରେ ତାକୁ ଭଗବାନଙ୍କୁ ଅର୍ପଣ କରାଯାଇଥାଏ। ତେଣୁ ଏହି ତିଥିକୁ ସୌଭାଗିନୀ ଅଷ୍ଟମୀ ବୋଲି କୁହାଯାଏ । ଆମେ ପାଳୁଥିବା ଅନେକ ପର୍ବ ମାନଙ୍କ ମଧ୍ୟରେ ପ୍ରଥମାଷ୍ଟମୀ ହେଉଛି କୃଷିଭିତ୍ତିକ ପର୍ବ ଏବଂ ପାରିବାରିକ ତଥା ସାମାଜିକ ସମ୍ପର୍କର ପର୍ବ । ପ୍ରଥମାଷ୍ଟମୀ ଦିନ ସକାଳରେ ପ୍ରଥମ ସୂର୍ଯ୍ୟକିରଣ ସ୍ପର୍ଶରେ ଘରର ଜ୍ୟେଷ୍ଠ ସନ୍ତାନକୁ ସ୍ନାନ କରାଇ, ମଥାରେ କୁଙ୍କୁମ ଚନ୍ଦନ ଲଗାଇ , ମାମୁଁଘରୁ ଆସିଥିବା ନୂତନ ପୋଷାକ ପିନ୍ଧାଇ, ପିଢା ଉପରେ ଦିଅଁଙ୍କ ସାମନାରେ ବସାଇ, କଳସୀ ଆମ୍ବପତ୍ର ଥୋଇ, ହୁଳହୁଳି ଦେଇ ବନ୍ଦାପନା କରାଯାଏ ଯାହାକୁ କି ପୋଢୁଆଁ ଅଷ୍ଟମୀ ବା ପ୍ରଥମାଷ୍ଟମୀ କୁହାଯାଏ । ହଳଦୀ ପତରରେ ମାମୁଁଘରୁ ଆସିଥିବା ନୂଆଚାଉଳ ବିରି, ଗୁଡ, ନଡିଆରେ ଏଣ୍ଡୁରୀ ପିଠା କରି ପୂଜା କରାଯାଏ । ଅନ୍ୟ କେଉଁ ପୂଜାରେ ହଳଦୀପତ୍ର ପିଠା ହୁଏନି । ତାପରେ ଜ୍ୟେଷ୍ଠ ସନ୍ତାନର ମଙ୍ଗଳ କାମନା କରାଯାଏ । ତା ମଥା ଉପରେ ଚାଉଳ ଦୁବ ପକାଇ ତାର ଦୀର୍ଘାୟୁ କାମନା କରି ଶୁଭ ଆଶୀର୍ବାଦ ଦିଆଯାଏ । ବନ୍ଦାପନା ପରେ ଷଠିଦେବୀଙ୍କୁ ମୁଣ୍ଡିଆ ମାରି ବଡମାନଙ୍କୁ ମୁଣ୍ଡିଆ ମାରିବା ପରେ ଘରର ପ୍ରଥମ ସନ୍ତାନ ହିସାବରେ ପ୍ରଥମ ପିଠା ଖାଇବାକୁ ଦିଆଯାଏ । ତାପରେ ଅନ୍ୟମାନଙ୍କୁ ଦିଆଯାଏ । ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାରମ୍ପରିକ ରୀତିରେ ଏହିପର୍ବ ପାଳନ କରାଯାଏ । ଘରର ଜ୍ୟେଷ୍ଠ ସନ୍ତାନକୁ ପୂଜା କରାଯାଏ । ଏହି ପୂଜା ଦ୍ୱାରା ମାମୁଁଘର ସହିତ ସାମାଜିକ, ପାରିବାରିକ ବନ୍ଧନ ସୁଦୃଢ ହୁଏ । ପିତାପରେ ପୂରା ଦାୟିତ୍ୱ ଜ୍ୟେଷ୍ଠ ସନ୍ତାନ ଉପରେ ନ୍ୟସ୍ତ ଥାଏ । ସେ ପିଣ୍ଡଦାନ କରେ । ପରିବାରର ପୃଷ୍ଠପୋଷକ ସାଜିଥାଏ । ତେଣୁ ତାକୁ ଯଥେଷ୍ଟ ସମ୍ମାନ ଦେବାର ଉଦ୍ଦେଶ୍ୟ ନେଇ ପାଳନ କରାଯାଏ ପ୍ରଥମାଷ୍ଟମୀ। ଓଡିଆ ସଂସ୍କୃତିରେ ବିଭିନ୍ନ ସଂକ୍ରାନ୍ତି, ବ୍ରତ ପର୍ବ ପାଳିତ ହୁଏ । ପ୍ରଥମାଷ୍ଟମୀ, ଜନ୍ମାଷ୍ଟମୀ, ପର୍ଶୁରାମାଷ୍ଟମୀ, ରାଧାଷ୍ଟମୀ, ମୂଳାଷ୍ଟମୀ, ମହାଷ୍ଟମୀ, ଗୋଷ୍ଠାଷ୍ଟମୀ , ଭୀଷ୍ମାଷ୍ଟମୀ, ଅଶୋକାଷ୍ଟମୀ ଇତ୍ୟାଦି । ମାର୍ଗଶୀର ମାସର କୃଷ୍ଣପକ୍ଷ ଅଷ୍ଟମୀକୁ କୁହାଯାଏ ପ୍ରଥମାଷ୍ଟମୀ । ପ୍ରଥମାଷ୍ଟମୀକୁ କାଳଭୈରବ ଅଷ୍ଟମୀ ମଧ୍ୟ କୁହାଯାଏ କାରଣ ସ୍କନ୍ଦପୁରାଣ ଅନୁସାରେ ଏହିଦିନ କାଳ ଭୈରବକୁ ପୂଜାକଲେ ସବୁ ପାପରୁ ମୁକ୍ତି ମିଳେ ବୋଲି କୁହାଯାଏ । ତେଣୁ କାଳଭୈରବ ଅଷ୍ଟମୀକୁ ପାପନାଶିନୀ ଅଷ୍ଟମୀ ମଧ୍ୟ କୁହାଯାଏ । ।

ଭଗବାନ ଶ୍ରୀକୃଷ୍ଣଙ୍କ ବିଭୁତି ଯୋଗରେ କୁହାଯାଇଛି 'ମାସାନାଂ ମାର୍ଗଶିର୍ଷଅହମୃତୁନାଂ କୁସୁମାକରଃ' ଅର୍ଥାତ ମାସମାନଙ୍କ ମଧ୍ୟରେ ମାର୍ଗଶୀର ଶ୍ରେଷ୍ଠ ଏବଂ ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ ହିଁ ଶ୍ରେଷ୍ଠ । ମାର୍ଗଶୀର ମାସରୁ ହିଁ ବର୍ଷର ଗଣନା ଆରମ୍ଭ ହୋଇଥିଲା ସେଥିଲାଗି ପ୍ରଥମ ତଥା ଆଦ୍ୟମାସର ପର୍ବ ଅନୁସାରେ ପ୍ରଥମାଷ୍ଟମୀ ଶବ୍ଦ ବ୍ୟବହୃତ ହୋଇଛି । ଉତ୍କଳୀୟ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି । ଏହିଦିନ ଭୋଗ ମଣ୍ଡପ ଉପରେ ତିନି ବାଡରେ ମଇଲମ ସାରି ମହାସ୍ନାନ ପରେ ଶ୍ରୀ ବିଗ୍ରହ ମାନଙ୍କୁ ନୂଆଲୁଗା ଲାଗି କରାଯାଏ । ଚନ୍ଦନ ଲାଗି ହୋଇ ଚନ୍ଦନ ବେଶ ହୁଅନ୍ତି , କର୍ପୂର ଲାଗି ହୁଅନ୍ତି । ତିନିବାଡରେ ବରୁଣ ପୂଜା ହୁଏ । ମଧ୍ୟାହ୍ନ ଧୂପ ଉଠିଲେ ତିନିବାଡରେ ବନ୍ଦାପନ ହେଇଥାଏ । ପୁରୀ ଠାରୁ ୪୦ କିମି ଦୂରରେ ପ୍ରାଚୀନଦୀ ତଟରେ ଥିବା ମାଧବ ଗ୍ରାମର ମାଧବାନନ୍ଦ ଶ୍ରୀ ଜଗନ୍ନାଥଙ୍କର ମାମୁଁଘର ରୂପେ ପରିଗଣିତ । ସେଠାରୁ ଆସିଥାଏ ଶ୍ରୀଜୀଉ ମାନଙ୍କ ଲାଗି ଅଙ୍ଗଲାଗି ପାଟବସ୍ତ୍ର ପୋଢୁଆଁ ଅଷ୍ଟମୀର ଭାର ଯଥା ଅରୁଆଚାଉଳ, ଗୁଡ ପାଚିଲାକଦଳୀ, ବିରି, ନଡିଆ । ଛତିଶା ସେବକ ନିଯୋଗ ସହ ହଜାର ହଜାର ଶ୍ରଦ୍ଧାଳୁ ନିଆଳି ମାଧବାନନ୍ଦ ମନ୍ଦିରରୁ ସଂକୀର୍ତ୍ତନ, ଢୋଲ ମହୁରୀର ତାଳେ ତାଳେ ଶ୍ରୀମନ୍ଦିରରେ ପହଞ୍ଚେ ଅଷ୍ଟମୀ ଭାର । । ପ୍ରଭୁ ହେଉଛନ୍ତି ମାନବୀୟ ଲୀଳାଖେଳାର ଠାକୁର ତାଙ୍କୁ ନେଇ ଆମର ଯେତେସବୁ ସଂସ୍କୃତି ଓ ପରମ୍ପରା ଚଳିଆସୁଅଛି । ସତ୍ୟଯୁଗରେ ଶ୍ରୀରାମଚନ୍ଦ୍ରଙ୍କୁ ଜ୍ୟେଷ୍ଠ କଳିଯୁଗରେ ବଡଭାଇ ବଳଭଦ୍ର ବୋଲି ମାନିଥାନ୍ତି। କିନ୍ତୁ ସମଗ୍ର ଉତ୍କଳୀୟର ପ୍ରାଣକେନ୍ଦ୍ର, ବିଶ୍ୱର ପ୍ରାଣକେନ୍ଦ୍ର ଶ୍ରୀ ଜଗନ୍ନାଥଙ୍କୁ ବଡଠାକୁର ବୋଲି ଧରାଯାଇଛି । ତାଙ୍କୁ ଭିତ୍ତି କରି ଆମର ଯେତେସବୁ ପୂଜା ଓ ପରମ୍ପରା ଅନୁଷ୍ଠିତ ହେଉଥିବାରୁ ପ୍ରାଚୀ ଅବବାହିକା ସ୍ଥିତ ନିଆଳିର ମାଧବାନନ୍ଦ ମନ୍ଦିର ଯେଉଁଠାରେ ନବକଳେବର ସମୟରେ ଦାରୁ ସଂଗ୍ରହ ପାଇଁ ମା ମଙ୍ଗଳା ପୀଠରେ ଅଧିଆ ପଡିଥାନ୍ତି ଦଇତାପତିମାନେ ଏବଂ ସ୍ୱପ୍ନାଦେଶ ପରେ ଯାଆନ୍ତି ଦାରୁ ଅନ୍ୱେଷଣରେ ସେହି ଇତିହାସକୁ ଭିତ୍ତିକରି ନିଆଳିର ମାଧବାନନ୍ଦ ମନ୍ଦିରକୁ ମାମୁଁଘର ବୋଲି ବିବେଚନା କରାଯାଏ । କୋଉ ଆବାହମାନ କାଳରୁ ଏହି ପ୍ରଥା ଅନୁସାରେ ମାଧବାନନ୍ଦ ମନ୍ଦିରରୁ ଭାର ଆସି ପହଞ୍ଚେ ଶ୍ରୀମନ୍ଦିରରେ ଶ୍ରୀ ବଳଭଦ୍ରଙ୍କ ପୋଢୁଆଁ ନିମନ୍ତେ ପାଟବସ୍ତ୍ର ଓ ଭୋଗରାଗ । ନୀତିକାନ୍ତି ଅନୁସାରେ ମହାପ୍ରଭୁଙ୍କ ଦ୍ୱାରଫିଟା ହେବାପରେ ମଇଲମ ହୁଏ ପ୍ରାତଃ ପୂଜାର୍ଚ୍ଚନା ପରେ ମହାସ୍ନାନ କରାଯାଇ ମାମୁଁଘର ବସ୍ତ୍ର ଦେଇ ପିଷ୍ଟକ ବ୍ୟଞ୍ଜନ ଲାଗି କରାଯାଏ । ଯେହେତୁ କଳିଯୁଗରେ ଆମେ ଜଗନ୍ନାଥଙ୍କୁ ବଡଠାକୁର ବୋଲି ମାନୁ ତେଣୁ ଭାବାତ୍ମକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ତାଙ୍କର ପ୍ରଥମାଷ୍ଟମୀ ପର୍ବ ଅନୁଷ୍ଠିତ ହୁଏ । ପୋଢୁଆଁ ହୁଅନ୍ତି ଜଗନ୍ନାଥ ଖଣ୍ଡୁଆପାଟ ବସ୍ତ୍ର ପିନ୍ଧାଯାଏ ଏବଂ ମାମୁଁଘରୁ ଆସିଥିବା ନୂଆ ଅରୁଆଚାଉଳ, ବିରି ହଳଦୀପତରରେ ଏଣ୍ଡୁରୀ ପିଠା କରି ଲାଗି କରାଯାଏ । ଏହି ଉତ୍ସବ ଦର୍ଶନ କଲେ ସମସ୍ତ ପାପତାପ ଦୂରିତ ହୋଇ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ବାମବେଦ ସଂହିତାରେ ଉଲ୍ଲେଖ ରହିଛି । ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀରେ ପ୍ରଭୁ ଲିଙ୍ଗରାଜଙ୍କର ମାମୁଁଘର କପାଳିମଠକୁ ଶ୍ରୀଲିଙ୍ଗରାଜଙ୍କର ପ୍ରତିମା ଯାଆନ୍ତି ଏବଂ ସେଠାରେ ମାମୁଁ ବରୁଣେଶ୍ୱର ଓ ମାଇଁ ବନଦେବୀଙ୍କ ତରଫରୁ ତାଙ୍କୁ ପାପନାଶିନୀ ପୁଷ୍କରିଣୀ ଜଳରେ ସ୍ନାନ କରାଇ ନୂତନବସ୍ତ୍ର ପିନ୍ଧାନ୍ତି ଓ ପୂଜା ଉପାସନା କରନ୍ତି । ଲିଙ୍ଗପୁରାଣ ଅନୁସାରେ ମାର୍ଗଶୀର ଅଷ୍ଟମୀରେ ଶ୍ରଦ୍ଧା ଓ ଭକ୍ତିର ସହିତ ବ୍ରତୀମାନେ ନାନା ଉପଚାର ସହିତ ପୁଷ୍ପ ଧୂପ ଦୀପରେ ଶିବଲିଙ୍ଗ ପୂଜନ କଲେ ଅନେକ ପୁଣ୍ୟ ମିଳିଥାଏ । ସାଧାରଣତଃ ଏହି ଅଷ୍ଟମୀକୁ ପୋଢୁଆଁ ଅଷ୍ଟମୀ କୁହାଯାଏ କାରଣ ଏଥିରେ ପାରିବାରିକ ବନ୍ଧନ କଥା ଉଲ୍ଲେଖ ରହିଛି ଯେ ଘରର ବଡ ପୁଅ ହେଉ କି ଝିଅକୁ ପ୍ରାଧାନ୍ୟ ଦେବା। ଘରର ଜ୍ୟେଷ୍ଠ ହିସାବରେ ତାଙ୍କୁ ଘରର ଦାୟିତ୍ୱ ବାପାଙ୍କ ଅନ୍ତେ ତୁଲାଇବାକୁ ପଡିଥାଏ । ବାପା ପରେ ସେ ଘରର ଭାବୀ ମୁରବୀ ହୋଇ ଘରର ସମସ୍ତ ଦୁଃଖ ସୁଖ ବୋଝକୁ ବୋହିଥାନ୍ତି ଅନ୍ୟ ଭାଇ ଭଉଣୀମାନଙ୍କୁ ପ୍ରତିପୋଷଣ କରିଥାନ୍ତି ସମସ୍ତ କ୍ରିୟାକର୍ମକୁ ତୁଲାଇଥାଆନ୍ତି । ପିତାଙ୍କ ଅନ୍ତେ ସେ ଘରର ମୁରବୀ ସାଜନ୍ତି । ଶ୍ରାଦ୍ଧ ଓ ପିଣ୍ଡଦାନ କାର୍ଯ୍ୟ କରନ୍ତି । ସାତପୁରୁଷକୁ ଶ୍ରାଦ୍ଧ ଓ ତିଳତର୍ପଣ କରନ୍ତି । ପୁଅ ହେଉ କି ଝିଅ ଏମାନେ ଶ୍ରାଦ୍ଧ ଦେଇପାରିବେ । ପରଗୋତ୍ରୀ ହେଲେ ବି ଝିଅ ଶ୍ରାଦ୍ଧ ଦେଇପାରିବେ। ତେଣୁ ସେମାନଙ୍କୁ ଘରର ମୁଖ୍ୟ ଭାବେ ସମ୍ମାନ ଦେବାର ପରମ୍ପରା ହେଉଛି ପ୍ରଥମାଷ୍ଟମୀ । ମନୁ ସଂହିତା ଅନୁସାରେ 'ପିତବେ ପାଳୟେତ୍ ପୁତ୍ରା ଜ୍ୟେଷ୍ଠୋ ଭ୍ରାତୃନ୍ୟବୀୟସ । ପୁତ୍ରବତଚାପି କର୍ତ୍ତେର ଜ୍ୟେଷ୍ଠ ଭ୍ରାତରି ଧର୍ମତଃ ।' ବଡଭାଇ ସାନଭାଇକୁ ପୁତ୍ର ପରି ପାଳନ କରିବାକୁ ସାନଭାଇ ବଡଭାଇକୁ ପିତା ବୋଲି ଧର୍ମଦୃଷ୍ଟିରୁ ମାନିଥାନ୍ତି । ମହର୍ଷି ବାଲ୍ମିକୀ ମଧ୍ୟ ଜ୍ୟେଷ୍ଠକୁ ଶ୍ରେଷ୍ଠସ୍ଥାନ ଦେଇଛନ୍ତି ତେଣୁ ଶ୍ରୀରାମଚନ୍ଦ୍ର ସବୁବେଳେ ମର୍ଯ୍ୟାଦାବନ୍ତ ଏବଂ ଏହାର ନିଦର୍ଶନ ଲାଗି ପ୍ରଥମାଷ୍ଟମୀର ସୃଷ୍ଟି । ପରିବାରର ଯାବତୀୟ ଦାୟିତ୍ୱ ପ୍ରତିପୋଷଣ ବଡପୁଅ ଉପରେ ପଡିଥାଏ ତେଣୁ ଏହିଦିନରେ ଜ୍ୟେଷ୍ଠ ବା ବଡପୁଅକୁ ବନ୍ଦାପନା କରିବାର ବିଧି ରହିଆସିଛି ।

ମାର୍ଗଶୀର ମାସ ହେଉଛି ଧାନ ଅମଳର ମାସ । ଚାଷୀ ମନ ନୂଆଧାନ ଦେଖି ଖୁସୀ ହୋଇଉଠେ । କୃଷକର ଶସ୍ୟ ରୂପକ ସନ୍ତାନକୁ ନୂତନବର୍ଷର ପ୍ରଥମ ମାସର ଅଭିବାଦନ ଜଣାଇବାକୁ ଗୃହସ୍ଥ ପାଳନ କରେ ଅଷ୍ଟମୀ ପର୍ବ । ଏହି ଅବସରରେ ଘରଦ୍ୱାର ଲିପାପୋଛା କରି ଜ୍ୟେଷ୍ଠ କନ୍ୟା ବା ପୁଅକୁ ସ୍ନାନ କରାଇ ସାଜସଜ୍ଜା କରାଯାଏ । ଷଠୀଦେବୀଙ୍କ ନିକଟରେ କଳସ ବସାଇ ବନ୍ଦାପନା କଲାପରେ ହଳଦୀପତ୍ରରେ ହୋଇଥିବା ଏଣ୍ଡୁରୀ ପିଠା ଓ ନୂଆଚାଉଳ କ୍ଷୀରୀ ଲାଗି ହେଲାପରେ ମାମୁଁଘରୁ ଆସିଥିବା ଅଷ୍ଟମୀ ଭାରରେ ନୂଆପୋଷାକ ପରିଧାନ କରାଯାଇ ବନ୍ଦାପନ କରାଯାଏ । ଏଥିରେ ମୁଖ୍ୟ କାମଟି ହେଉଛି ମାମୁଁଘରର । ମାମୁଁମାନେ ପୋଢୁଆଁ କରିଥାନ୍ତି ଭଣଜା ଭାଣିଜୀଙ୍କୁ ବିନିମୟରେ ଭଣଜା ଭାଣେଜୀଙ୍କ ଠାରୁ ମୃତ୍ୟୁ ଅନ୍ତେ ପାଇଥାନ୍ତି ଶ୍ରାଦ୍ଧ ଓ ତିଳତର୍ପଣ । ବଡ ଭଣଜା ଭାଣେଜୀ ମାନଙ୍କୁ ପୋଢୁଆଁ କରିବାକୁ ଆସୁଥିବାରୁ ତାଙ୍କୁ ଶ୍ରଦ୍ଧାରେ ଅଷ୍ଟମୀବନ୍ଧୁ ବୋଲି କୁହାଯାଏ । ଏହି ପର୍ବ ହେଲାପରେ ହିଁ ମାଣବସା ଗୁରୁବାର ପୂଜା ବିଧିପୂର୍ବକ ହୁଏ । ଯେହେତୁ ମାର୍ଗଶୀର ମାସ ଧାନ ଅମଳ ହୋଇ ନୂଆଧାନ ଘରକୁ ଆସିଥାଏ ତେଣୁ ପ୍ରଥମ ଏଣ୍ଡୁରୀ ଭୋଗ ପୂଜା କରାଯାଏ । ତାପରେ ଚିତା ଲେଖାଯାଏ । ମାଣ ବସାଯାଏ । ଲକ୍ଷ୍ମୀଙ୍କର ଗୁରୁବାର ପୂଜା ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ କରାଯାଏ । ଘରେ ଧାନର ବେଣ୍ଟି ଲଗାଯାଏ । ବଳରାମ ଦାସ ବିରଚିତ ଲକ୍ଷ୍ମୀପୁରାଣ ଘରେ ଘରେ ପଢାଯାଏ । ଓଡିଶା ଛାଡିଦେଲେ ଆଉ କେଉଁଠାରେ ବି ଏହିପରି ଲକ୍ଷ୍ମୀଙ୍କର ପୂଜା ଦେଖିବାକୁ ମିଳେନାହିଁ । ତେଣୁ ମାର୍ଗଶୀର ହେଉଛି ମାସ ମାନଙ୍କରେ ଶ୍ରେଷ୍ଠ । ପ୍ରଥମାଷ୍ଟମୀ ହେଉଛି ଓଡିଆ ଘରର ପାରମ୍ପରିକ ଆଦ୍ୟପର୍ବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୨ ନଭେମ୍ବର ୨୦୨୫ ବୁଧବାର

# ଆଭା

# ବ୍ରେନ ଷ୍ଟ୍ରୋକରେ ପ୍ରତି ୪ ସେକେଣ୍ଡରେ ଯାଏ ଜଣଙ୍କ ଜୀବନ : ସଚେତନତା ଜରୁରୀ




ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି ବ୍ରେନଷ୍ଟ୍ରୋକ । ଏମ୍ବର ସ୍ନାୟୁ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ପ୍ରତି ଚାରି ସେକେଣ୍ଡରେ ଜଣେ ବ୍ୟକ୍ତି ବ୍ରେନ୍ ଷ୍ଟ୍ରୋକ କାରଣରୁ ଜୀବନ ହରାଉଛନ୍ତି। ଏପରିକି ଦେଶର ମୃତ୍ୟୁହାରକୁ ଅନୁଧ୍ୟାନ କଲେ ଅଣ-ସଂକ୍ରାମକ ରୋଗ ଭାବରେ ଦୁର୍ଘଟଣା ପରେ ବ୍ରେନ୍ ଷ୍ଟୋକ ମୃତ୍ୟୁ ସଂଖ୍ୟା ବହୁ ମାତ୍ରାରେ ବୃଦ୍ଧି ପାଇବା ଚିନ୍ତାର କାରଣ ପାଲଟିଛି। ଏହାର ସଚେତନତା ମାଧ୍ୟମରେ ଏହାକୁ ରୋକା ଯାଇପାରିବ । ଏହି ରୋଗ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୯ରେ ବିଶ୍ୱ ଷ୍ଟ୍ରୋକ ଦିବସ ଭାବେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏହାକୁ ନେଇ କରାଯାଇଛି ବ୍ୟାପକ ସଚେତନତା । ବିଶ୍ୱରେ ପ୍ରତି ଚାରି ସେକେଣ୍ଡରେ ଜଣେ ବ୍ୟକ୍ତି ବ୍ରେନ୍ ଷ୍ଟ୍ରୋକ କାରଣରୁ ଜୀବନ ହରାଇବାକୁ ପଡୁଥିବା ବେଳେ ପ୍ରତ୍ୟେକ ଚାରି ଜଣଙ୍କ ମଧ୍ୟରେ ଜଣେ ଏହିପରି ବ୍ରେନ୍ ଷ୍ଟ୍ରୋକର ଶିକାର ହେବାର ସମ୍ଭାବନା ରହିଛି । ମୁଖ୍ୟତଃ ଜନସଂଖ୍ୟାର ୨୫ ପ୍ରତିଶତ ବ୍ରେନ୍ ଷ୍ଟ୍ରୋକର ଶିକାର ହେବାର ସମ୍ଭାବନା ରହିଥାଏ ।

ଅନେକ ସମୟରେ ବ୍ରେନ୍ ଷ୍ଟ୍ରୋକର ଲକ୍ଷଣ ବିଭିନ୍ନ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଦେଖାଦେଉଥିଲେ ମଧ୍ୟ ଅନେକ ଏହାକୁ ଜାଣିନପାରିବା କାରଣରୁ ବିଭିନ୍ନ ସମୟରେ ଅନେକଙ୍କ ଅକାଳରେ ଜୀବନ ଯାଉଥିବାର ନଜର ରହିଛି । ତେଣୁ ସଚେତନତା ରହିବା ଉଚିତ୍ । ଲକ୍ଷଣ ଦେଖା ଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ଅଟେ ।

'ବ୍ରେନ୍ ଷ୍ଟ୍ରୋକ୍' ବା 'ମସ୍ତିଷ୍କାଘାତ' ସାରା ବିଶ୍ୱରେ ଏକ ବଡ଼ ଜନସ୍ୱାସ୍ଥ୍ୟ ସମସ୍ୟା ହୋଇଛି । ତେଣୁ ଏ ବିଷୟରେ ଯୁବପିଢ଼ିଙ୍କ ଭିତରେ ସଚେତନତା ସୃଷ୍ଟି କରିବା ଲାଗି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଷ୍ଟ୍ରୋକ୍ ?କୁ ଜାଣନ୍ତୁ, ଜୀବନ ବଞ୍ଚାନ୍ତୁ' ଶୀର୍ଷକରେ ଏକ ବିଶେଷ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ଓ ସୂଚନା ବିଶେଷଜ୍ଞ ଏବଂ ଶିକ୍ଷାବିତ୍ ଯୋଗଦେଇ ଷ୍ଟ୍ରୋକର କିପରି ମୁକାବିଲା କରାଯାଇପାରିବ ସେ ବିଷୟରେ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ଯୋଗଥିଲେ । ତେବେ ବିଶ୍ୱବିଦ୍ୟାଳୟର ସହଭାଗିତାରେ ଆଇଏଫଆଇ ଫାଉଣ୍ଡେସନ, ସ୍ୱାସ୍ଥ୍ୟପ୍ଲସ୍ ଏବଂ ଓଡ଼ିଶା ଲାଇଭ୍ ପକ୍ଷରୁ ଏହି ଜନସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀକୁ ସଚେତନ କରିବା ସହ ଷ୍ଟ୍ରୋକର ଲକ୍ଷଣକୁ ଚିହ୍ନିବା ଏବଂ ଏହାର ନିରାକରଣ କରିପାରିଲେ ଏକ ଷ୍ଟ୍ରୋକ-ମୁକ୍ତ ସମାଜ ଗଠନ ହୋଇପାରିବ ବୋଲି କୁହାଯାଇଛି ।

ମୁଖ୍ୟତଃ ଷ୍ଟ୍ରୋକର ଲକ୍ଷଣକୁ ଚିହ୍ନି ଠିକଣା ସମୟରେ ଉଚିତ୍ ପଦକ୍ଷେପ ନେଇପାରିଲେ ଆଗାମୀ ଦିନରେ ସେମାନେ ବାସ୍ତବରେ ଷ୍ଟ୍ରୋକ୍ ଯୋଦ୍ଧା ହୋଇପାରିବେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଜିଲ୍ଲାର ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ସରୋଜ କୁମାର ମିଶ୍ର ଯୋଗଦେଇ ଷ୍ଟ୍ରୋକ୍ ମୁକାବିଲାର ବିଭିନ୍ନ ଦିଗ ବିଷୟରେ କହିଥିଲେ । ସେହିପରି ଷ୍ଟ୍ରୋକ ମୁକାବିଲାରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସଶକ୍ତ କରିବା ଉପରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ମଧ୍ୟ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ 'ଷ୍ଟ୍ରୋକ୍‌ମୁକ୍ତ ଜୀବନ' ଶୀର୍ଷକରେ ଏକ ସୂଚନା ପୁସ୍ତିକା ଲୋକାର୍ପଣ କରାଯିବା ସହ ବ୍ରେନ ଷ୍ଟ୍ରୋକର କାରଣ, ଲକ୍ଷଣ, ଚିକିତ୍ସା ଏବଂ ଷ୍ଟ୍ରୋକ ପରବର୍ତ୍ତୀ ଅବସ୍ଥାରେ ରୋଗୀଙ୍କ ସେବା ଯତ୍ନ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ 'ଡିଜିଟାଲ ପୋଷ୍ଟର ମେକିଙ୍ଗ୍' ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ପୋଷ୍ଟରକୁ ପ୍ରଦର୍ଶନ କରାଯିବା ସହ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହିତ ସମସ୍ତେ ଷ୍ଟ୍ରୋକ୍ ସଚେତନତା ଉପରେ ଶପଥ ଗ୍ରହଣ କରିଥିଲେ ।

ଏହି ଅବସରରେ ଆଲୋଚନା ସମୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ କହିଛନ୍ତି, 'ବିଶ୍ୱବିଦ୍ୟାଳୟ ସହିତ ଆଇ.ଏଫ୍.ଆଇ ଫାଉଣ୍ଡେସନ ଓ ଓଡ଼ିଶା ଲାଇଭର ମିଳିତ ସହଯୋଗରେ ଏଭଳି ଏକ ବ୍ରେନ୍ ଷ୍ଟ୍ରୋକ ସମ୍ପର୍କରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ପୂର୍ବରୁ ଆମ ମଧ୍ୟରେ ବୁଝାମଣା ପତ୍ର ଏମ୍.ଓ.ୟୁ ସ୍ୱାକ୍ଷରିତ ହୋଇଥିଲା। ବର୍ତ୍ତମାନ ସମୟରେ ଏହା ଏକ ସାଧାରଣ ସମସ୍ୟା ଭାବରେ ଦେଖାଦେଇଛି । ଏଣୁ ଏହି କ୍ଷେତ୍ରରେ ସଚେତନତା ସମସ୍ତଙ୍କ ମଧ୍ୟରେ ନିହାତି ଜାଗ୍ରତ ହେବାର ଆବଶ୍ୟକତା ରହିଥିବା ବେଳେ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଠାରୁ ଆରମ୍ଭ କରି ଶିକ୍ଷକ ଅଣଶିକ୍ଷକଙ୍କ ମଧ୍ୟରେ ବ୍ୟାପକ ସଚେତନତା ଆବଶ୍ୟକତା ରହିଛି ।'

ରାଜଧାନୀ ଭୁବନେଶ୍ୱରର ଆଇ.ଏଫ୍.ଆଇ ଫାଉଣ୍ଡେସନର ସଦସ୍ୟ ପ୍ରଣତି ପରିଡ଼ା କହିଛନ୍ତି, 'ଗତ ତିନି ବର୍ଷ ଧରି ଆମେ ଏଭଳି ବ୍ରେନ୍ ଷ୍ଟ୍ରୋକ ସମ୍ପର୍କରେ ସଚେତନତା ଭଳି କାର୍ଯ୍ୟକ୍ରମ କରି ଆସୁଛୁ । ଷ୍ଟ୍ରୋକକୁ ଚିହ୍ନିଲେ ହିଁ ଆମେ ଜିଣିବା । ମୁଖ୍ୟତଃ ଏଭଳି ରୋଗର କୌଣସି ବ୍ୟକ୍ତି ବିଶେଷ ଶିକାର ହେଲେ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥାଏ । ପୂରା ପରିବାର ଅଚଳ ହୋଇଯାଇଥାଏ ଏଣୁ ଏଭଳି ସ୍ଥିତିରେ ତାହାର ଲକ୍ଷଣ ଜାଣିବାର ଆବଶ୍ୟକତା ରହିଛି । କାରଣ ଲକ୍ଷଣ ଜାଣିପାରିଲେ ହିଁ ଆମେ ତୁରନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରିପାରିବା । ଏଥିସହ ଗୋଲଡେନ ସମୟରେ ଚିକିତ୍ସା କରି ବ୍ୟକ୍ତିର ଜୀବନ ବଞ୍ଚାଇ ପାରିବା ।' ଷ୍ଟ୍ରୋକ କେବେ କାହାକୁ ହୋଇପାରେ । ଏଭଳି ଅନେକ ଉଦାହରଣ ଦେଖିବାକୁ ମିଳିଛି। ୩୦ ରୁ ୩୫ ବର୍ଷ ବୟସର ବ୍ୟକ୍ତିବିଶେଷ ମଧ୍ୟ ଏହିପରି ବ୍ରେନ୍ ଷ୍ଟ୍ରୋକରେ ଶିକାର ହେଉଥିବା ଦେଖିବାକୁ ମିଳିଛି । ଏଣୁ ଏହି ରୋଗ ବିଷୟରେ ଅନେକ ଜାଣିପାରୁନଥିବା ଯୋଗୁଁ ଅନେକଙ୍କ ଜୀବନ ଚାଲିଯାଉଛି।

# ବନ୍ଦେ ମାତରଂ

## ଭାରତର ରାଷ୍ଟ୍ରଗୀତର କିଛି ତଥ୍ୟ



ଏହି ଗୀତ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ରାଜନୈତିକ ଉପନ୍ୟାସ 'ଆନନ୍ଦ ମଠ'ର ଭାଗ ଅଟେ। ଆନନ୍ଦ ମଠ ଏକ ରାଜନୈତିକ ଉପନ୍ୟାସ ହୋଇଥିଲେ ମଧ୍ୟ ଏହାର ଅଧିକାଂଶ ଘଟଣାର ପୃଷ୍ଠଭୂମି ସତ୍ୟ ଅଟେ।

ଆନନ୍ଦ ମଠରେ ହୋଇଥିବା ରାଜନୈତିକ ଆନ୍ଦୋଳନର ନେତୃତ୍ୱ ସନ୍ୟାସୀମାନେ ହିଁ ନେଇଥିଲେ।

ଇଂରେଜଙ୍କ ବିରୁଦ୍ଧରେ ସର୍ବପ୍ରଥମ ସଂଗ୍ରାମ ଯାହାକି ମୁଖ୍ୟତଃ ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୁଦ୍ଧରେ କରାଯାଇଥିଲା ତାହା ସନ୍ୟାସୀମାନଙ୍କ ଦ୍ୱାରା ହିଁ କରାଯାଇଥିଲା।

ସେହି ସନ୍ୟାସୀମାନେ, ଘରଦ୍ୱାର ଛାଡିଦେଇଥିଲେ କିନ୍ତୁ ନିଜ କର୍ତ୍ତବ୍ୟ କର୍ମରୁ ହଟି ନଥିଲେ। ସେମାନେ ଗୀତା ଜ୍ଞାନର ସନ୍ୟାସୀ ଥିଲେ। ସନ୍ୟାସୀ ବିଦ୍ରୋହ ଏହା ଶିକ୍ଷା ଦେଇଥାଏ କି ସ୍ୱତନ୍ତ୍ରତା କେବଳ ରାଜନୀତି ନୁହେ ବରଂ ଆଧ୍ୟାତ୍ମିକ ଚେତନାର ବିଷୟ ଅଟେ। ଯେତେବେଳେ ଦେଶର ଆତ୍ମା ଉପରେ ଆଘାତ ହୋଇଥାଏ , ତ ସମାଜର ପ୍ରତି ବର୍ଗ, ସେ ସାଧୁ ହେଉ କି ସୈନିକ, ସମସ୍ତଙ୍କୁ ସଂଘର୍ଷ ପାଇଁ ଉଠି ଠିଆହେବାକୁ ପଡିଥାଏ ଓ ସନ୍ୟାସୀ ସେମାନଙ୍କ ନେତୃତ୍ୱ ନେବାରେ କେବେବି ପଛାଇ ନଥାଏ।

ସନ୍ୟାସୀ ବିଦ୍ରୋହର ପୃଷ୍ଠଭୂମି

ଏହି ଆନ୍ଦୋଳନ ୧୭୬୦ ରୁ ୧୮୦୦ ମଧ୍ୟରେ ବଙ୍ଗଳା, ବିହାର ଓ ଆସାମର କିଛି ଅଞ୍ଚଳରେ ହୋଇଥିଲା।

ସେ ସମୟରେ ବଙ୍ଗଳାରେ ଇଂରେଜ ମାନେ ଇଷ୍ଟ ଇଣ୍ଡିଆ କମ୍ପାନୀ ମାଧ୍ୟମରେ ରାଜସ୍ୱ ବ୍ୟବସ୍ଥା ନିଜ ହାତକୁ ନେଇଯାଇଥିଲେ। ଅତ୍ୟଧିକ କର, ଅକାଳ ଓ ଜନତା ଉପରେ ଅତ୍ୟାଚାର ଜନଜୀବନର ମେରୁଦଣ୍ଡ ଭାଙ୍ଗି ଦେଇଥିଲା।

ଏହି ପରିସ୍ଥିତିରେ ସନ୍ୟାସୀମାନେ, ଜନତାର ପୀଡା ଦେଖି ଇଂରେଜ ଶାସନ ବିରୁଦ୍ଧରେ ଅସ୍ତ୍ର ଉଠାଇବାକୁ ବାଧ ହୋଇଥିଲେ ଓ ସନ୍ୟାସୀ ଆନ୍ଦୋଳନର ଆରମ୍ଭ ହେଲା।

### ।। ବନ୍ଦେ ମାତରମ ।।

ବନ୍ଦେ ମାତରମ
ସୁଜଲାଂ ସୁଫଲାଂ ମଲୟଜ ଶୀତଲାଂ
ଶସ୍ୟ ଶ୍ୟାମଲାଂ ମାତରମ
ବନ୍ଦେ ମାତରମ

ଶୁଭ୍ରଜ୍ୟୋତ୍ସ୍ନା ପୁଲକିତୟାମିନୀଂ
ଫୁଲ୍ଲକୁସୁମିତ ଦ୍ରୁମଦଲ ଶୋଭିନୀଂ
ସୁହାସିନୀଂ ସୁମଧୁର ଭାଷିଣୀଂ
ସୁଖଦାଂ ବରଦାଂ ମାତରମ ।।
ବନ୍ଦେ ମାତରମ

କୋଟିକୋଟି କଂଠ କଲକଲ ନିନାଦକରାଲେ
କୋଟି କୋଟି ଭୁଜୈ ଧୃତ ଖର କରବାଲେ
ଅବଲା କେନୋ ମା ଏତୋ ବଲେ
ବାହୁବଲ ଧାରିଣୀଂ ନମାମି ତାରିଣୀଂ
ରିପୁଦଲବାରିଣୀଂ ମାତରମ୍ ।।
ବନ୍ଦେ ମାତରମ ।।

ତୁମି ବିଦ୍ୟା ତୁମି ଧର୍ମ ତୁମି ହୃଦି ତୁମି ମର୍ମ
ତ୍ୱଂ ହି ପ୍ରାଣାଃ ଶରୀରେ
ବାହୁତେ ତୁମି ମା ଶକ୍ତି ହୃଦୟେ ତୁମି ମା ଭକ୍ତି
ତୋମାରଇ ପ୍ରତିମା ଗଡି ମନ୍ଦିରେ ମନ୍ଦିରେ ।। ବଂଦେ।।

ତ୍ୱଂ ହି ଦୁର୍ଗା ଦଶ ପ୍ରହରଣ ଧାରିଣୀ
କମଲା କମଲଦଲ ବିହାରିଣୀ
ବାଣୀ ବିଦ୍ୟାଦାୟିନୀ
ନମାମି ତ୍ୱାଂ
ନମାମି କମଲାଂ ଅମଲାଂ ଅତୁଲାଂ
ସୁଜଲାଂ ସୁଫଲାଂ ମାତରମ୍
ଶ୍ୟାମଲାଂ ସରଲାଂ ସୁସ୍ମିତାଂ ଭୂଷିତାଂ
ଧରଣୀଂ ଭରଣୀଂ ମାତରମ


**ସଂଗୃହୀତ**

# ବାୟୁ ପ୍ରଦୂଷଣ ଫୁସଫୁସ୍ କର୍କଟର କାରଣ

ଫୁସଫୁସ୍ କର୍କଟ ଏକ ଗମ୍ଭୀର ରୋଗ ଯାହା ସାରା ବିଶ୍ୱରେ ଲୋକଙ୍କୁ ଆକ୍ରାନ୍ତ କରି ଚାଲିଛି । ବିଶ୍ୱରେ ଅନେକ ଲୋକ ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି, ଏବଂ ଅନେକ ଲୋକ ନିଜର ଜୀବନ ମଧ୍ୟ ହରାଇଛନ୍ତି । ବହୁ ବର୍ଷ ଧରି ଲୋକମାନେ ଭାବୁଥିଲେ ଯେ ଧୂମପାନ ଫୁସଫୁସ କର୍କଟ ରୋଗର ମୁଖ୍ୟ କାରଣ, କିନ୍ତୁ ବର୍ତ୍ତମାନ ଏହାର ଅନ୍ୟାନ୍ୟ କାରଣ ମଧ୍ୟ ଅଛି । ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନ ରିପୋର୍ଟ ଅନୁଯାୟୀ, ଏହି ରୋଗର ଆଉ ଏକ ବିପଦଜ୍ଜନକ କାରଣ ହେଉଛି ଆମେ ନିଶ୍ୱାସ ନେଉଥିବା ବାୟୁ । ଭାରତରେ, ବିଶେଷକରି ମେଟ୍ରୋ ସହର ଏବଂ ଶିଳ୍ପ କ୍ଷେତ୍ରରେ, ବାୟୁ ପ୍ରଦୂଷଣ ଫୁସଫୁସ କର୍କଟ ରୋଗ ପାଇଁ ଏକ ପ୍ରମୁଖ ବିପଦର କାରଣ ପାଲଟିଛି। ଏପରି କି ଯେଉଁମାନେ ଧୂମପାନ କରନ୍ତି ନାହିଁ ସେମାନଙ୍କ ପାଇଁ ମଧ୍ୟ ବିପଦ ପାଲଟିଛି। ଏହା ଅଧିକ ବିପଦପୂର୍ଣ୍ଣ କାରଣ ଏହା ଅଦୃଶ୍ୟ । ଆମେ ଏହାକୁ ଦେଖିପାରୁନାହୁଁ, ତଥାପି ଏହା ପ୍ରତ୍ୟେକ ନିଶ୍ୱାସ ସହିତ ଆମର ଫୁସଫୁସରେ ପହଞ୍ଚିଥାଏ।



# ନାଇଟ୍ ଡ୍ୟୁଟି



ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ନାଇଟ୍ ସିଫ୍ଟ ସିଷ୍ଟମ ରହିଛି। ଯୁବତୀ ହୁଅନ୍ତୁ ଅବା ଯୁବକ, ସିଫ୍ଟ ଅନୁଯାୟୀ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବାକୁ ପଡୁଛି। ରାତିଅନିଦ୍ରା ହେବା ତଥା ଲାଇଫ୍ ଷ୍ଟାଇଲ୍ ବଦଳିଯିବା ଦ୍ୱାରା ଅନେକଙ୍କଠାରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଉପୁଜୁଛି। ତେବେ ଏଭଳି ପରିସ୍ଥିତିରେ ସୁସ୍ଥ ରହିବା ଲାଗି କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଜରୁରୀ...

**ହେଲ୍‌ଦି ଡାଏଟ୍:** ଏକ ସୁସ୍ଥ ଜୀବନ ପାଇଁ ଶରୀରର ଆବଶ୍ୟକତା ଓ ପରିଶ୍ରମ ଅନୁଯାୟୀ ଖାଦ୍ୟ ଖାଇବା ଆବଶ୍ୟକ। ଯଦି ଆପଣ ନାଇଟ୍ ସିଫ୍ଟରେ କାମ କରୁଛନ୍ତି, ତେବେ ସୁଷମ ଖାଦ୍ୟ ଖାଆନ୍ତୁ। ତଟକା ପନିପରିବା, ଫଳ ଆଦି ଖାଆନ୍ତୁ। ରାତ୍ର ଭୋଜନରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। କାରଣ ଭାରି ଖାଦ୍ୟ ଖାଇଲେ ନିଦ ଆସିଥାଏ ଏବଂ କେବେକେବେ ଗ୍ୟାସ୍, ବଦହଜମି ଭଳି ସମସ୍ୟା ବି ଉପୁଜିପାରେ। କେବଳ ଏତିକି ନୁହେଁ, ଭାରି ଖାଦ୍ୟ ଖାଇ ଅଧିକ ସମୟ ବସି କାମ କରିବା ଦ୍ୱାରା ଶରୀରରେ ଚର୍ବି ଜମା ହୋଇ ମେଦବହୁଳତା ଦେଖାଦେବାର ଆଶଙ୍କା ଅଧିକ। ତେଣୁ ଲାଇଟ୍ ଡିନର କରନ୍ତୁ, ଯାହା ଶରୀରକୁ ଫୂର୍ତ୍ତି ରଖିବା ସହ ମେଦବହୁଳତା ସମସ୍ୟା ବି ଦେଖାଦେବ ନାହିଁ। ଏହା ବ୍ୟତୀତ ଯଦି ଆପଣଙ୍କୁ ରାତିରେ କାମ କରିବା ବେଳେ ଭୋକ ଲାଗୁଛି ତେବେ ତେଲ ମସଲା, ଛଣାଛଣି ବଦଳରେ ମଝିରେ ମଝିରେ କିଛି ହାଲୁକା ସ୍ନାକ୍ସ ଖାଆନ୍ତୁ। ନିଦ ଦୂର କରିବା ଲାଗି ଅଧିକ ଚା, କଫି ପିଇବା ବି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ।

**ନିଅନ୍ତୁ ପର୍ଯ୍ୟାପ୍ତ ନିଦ୍ରା:** ସାଧାରଣତଃ ଆମେ ଦିନରେ କାମ କରି ରାତିରେ ଶୋଇଥାଉ। ହେଲେ ନାଇଟ୍ ସିଫ୍ଟରେ କାମ କରୁଥିବା ଯୁବପିଢ଼ିଙ୍କୁ ରାତିରେ ନ ଶୋଇ କାମ କରିବାକୁ ପଡ଼ିଥାଏ। ଫଳରେ ସେମାନଙ୍କ ଜୀବନଶୈଳୀ ପରିବର୍ତ୍ତନ ହୋଇଯାଏ। ଏମିତିରେ କାମବେଳେ ନିଦ ଲାଗିବା କିମ୍ବା ରାତି ଅନିଦ୍ରାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ବୃଦ୍ଧି ପାଇଥାଏ। ହେଲେ ଏପରି ନ ହେବା ଲାଗି ଦିନରେ ଭଲ ଭାବେ ଶୋଇବା ପାଇଁ ଚେଷ୍ଟା କରନ୍ତୁ। ଦେଖିବେ, ରାତିରେ କାମ ବେଳେ ନିଦ ଆସିବ ନାହିଁ ଏବଂ କାମରେ ଧ୍ୟାନ କେନ୍ଦ୍ରିତ ହେବା ସହ ସ୍ୱାସ୍ଥ୍ୟ ସମସ୍ୟା ବି ଦେଖା ଦେବ ନାହିଁ।

**ପାଣି ପିଅନ୍ତୁ:** ଆମେ ଦିନରେ ଅଧିକ ପାଣି ପିଉଥିବା ବେଳେ ରାତିରେ ଅପେକ୍ଷାକୃତ କମ୍ ପାଣି ପିଇଥାଉ। ଏହାର ମୁଖ୍ୟ କାରଣ ହେଉଛି ରାତିରେ ଶୋଇବା। ହେଲେ ନାଇଟ୍ ସିଫ୍ଟ କରୁଥିଲେ ରାତିରେ ଅଧିକ ସମୟ ଅନିଦ୍ରା ରହିବାକୁ ପଡୁଥିବାରୁ ଆଦୌ କମ୍ ପାଣି ପିଇବା ଠିକ୍ ନୁହେଁ। ନଚେତ୍ ଖାଦ୍ୟ ଭଲ ଭାବେ ହଜମ ହୋଇ ନ ପାରି ବଦହଜମି, ଗ୍ୟାସ୍, ଏସିଡିଟି, କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଭଲ ଭାବେ ପାଣି ପିଅନ୍ତୁ।

**ମଝିରେ ମଝିରେ ନିଅନ୍ତୁ ବ୍ରେକ୍:** ରାତିରେ ଅଧିକ ସମୟ ବସି କାମ ବା ଡେସ୍କ ଜବ୍ କରୁଥିଲେ ମଝିରେ ମଝିରେ ବ୍ରେକ୍ ନିଅନ୍ତୁ। ନିଜ ସିଟ୍‌ରୁ ଉଠି କିଛି ସମୟ ଚାଲନ୍ତୁ, କିଛି ସ୍ନାକ୍ସ ଖାଆନ୍ତୁ, ପାଣି ପିଅନ୍ତୁ। ଏହାଦ୍ୱାରା ଉଭୟ ଶରୀର ଏବଂ ଆଖିକୁ ରେଷ୍ଟ ମିଳିବ। ଡେସ୍କ ଜବ୍ କରୁଥିଲେ କିଛି ଦିନ ପରେ ଅନେକଙ୍କଠାରେ ପିଠି ଯନ୍ତ୍ରଣା ଦେଖାଦିଏ। ଏପରି ହେଉଥିଲେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହି କାମ ନ କରି ମଝିରେ ମଝିରେ ସିଟ୍‌ରୁ ଉଠି ହାତ ଉଠାଇବା, ବେକ ଏବଂ ପିଠିକୁ ରିଲାକ୍ସ କରିବା ଭଳି ହାଲୁକା ଏକ୍ସରସାଇଜ୍ କରନ୍ତୁ।

**ଲାଇଟ୍ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ:** ବର୍ତ୍ତମାନ ଅଧିକାଂଶ କାମ କମ୍ପ୍ୟୁଟରରେ କରାଯାଉଛି। ଦିନରେ ଜବ୍ କରୁଥିଲେ ସୂର୍ଯ୍ୟାଲୋକ ଥିବାରୁ ଅଫିସ ଭିତରେ ଅଳ୍ପ ଲାଇଟ୍ ବ୍ୟବସ୍ଥା ଥିଲେ ବି ଏହା ବ୍ୟାକ୍‌ଗ୍ରାଉଣ୍ଡ ଲାଇଟ୍ ପାଇଁ ବେଶ୍ କାମରେ ଆସିଥାଏ। ହେଲେ ରାତିରେ ଚାରିଆଡ଼ ଅନ୍ଧାର ହୋଇଥିବାରୁ ଲାଇଟ୍ ବ୍ୟବସ୍ଥା ଠିକ୍ ରହିବା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। କାରଣ କମ୍ ଲାଇଟ୍‌ରେ କାମ କଲେ ଚାପ ପଡ଼ିବା ଯୋଗୁ ଚକ୍ଷୁ ସମସ୍ୟା ଉପୁଜିବାର ଆଶଙ୍କା ରହିଛି।

**ଯୋଗ, ବ୍ୟାୟାମ ବେଶ୍ ଜରୁରୀ:** ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ କରିବା ଆବଶ୍ୟକ। ବିଶେଷକରି ଯଦି ଆପଣ ନାଇଟ୍ ସିଫ୍ଟ ଡ୍ୟୁଟି କରୁଛନ୍ତି, ତେବେ ଦିନରେ ଏଥିପାଇଁ କିଛି ସମୟ ନିହାତି ବାହାର କରନ୍ତୁ। ଦେଖିବେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବାରେ ଏହା ବେଶ୍ ସାହାଯ୍ୟ କରିବ।

**ଗାଡି ଚଳାଇବା ବେଳେ ରୁହନ୍ତୁ ସତର୍କ:** ଯେଉଁମାନେ ଲେଟ୍ ନାଇଟ୍ ପର୍ଯ୍ୟନ୍ତ ବାହାରେ କାମ କରନ୍ତି ବା ଫିଲ୍ଡ ଜବ୍ କରନ୍ତି ସେମାନଙ୍କୁ ଗାଡି ଚଳାଇବା ସମୟରେ ଯେପରି ନିଦ ନ ଆସେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ସେହିପରି ରାତିରେ ଗାଡି ସ୍ପିଡ୍ ନ ଚଳାଇ ଧିରେ ଧିରେ ଚଳାନ୍ତୁ। କାରଣ ଏହାଦ୍ୱାରା ଦୁର୍ଘଟଣା ହେବାର ଆଶଙ୍କା ଅଧିକ।




# ପୃଥିବୀର ରହସ୍ୟମୟ ସ୍ଥାନ

ପୃଥିବୀରେ ଏମିତି ଅନେକ ସ୍ଥାନ ରହିଛି, ଯେଉଁଠାରେ ଏଭଳି କିଛି ଘଟଣା ଦେଖିବାକୁ ମିଳେ; ଯାହାକି ଏବେବି ରହସ୍ୟମୟ। ବହୁ ଗବେଷଣା ପରେ ମଧ୍ୟ ଉକ୍ତ ସ୍ଥାନ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିନାହିଁ। ଜାଣିବା ସେମିତି କେତେକ ସ୍ଥାନ ବିଷୟରେ...

**ଯେଉଁଠି ପଥର ଚାଲେ:** କାଲିଫର୍ନିଆ ଏବଂ ନେଭାଡା ସୀମାରେଖାକୁ ଲାଗି ରହିଥିବା ଡେଥ୍ ଭ୍ୟାଲି ନ୍ୟାଶନାଲ୍ ପାର୍କରେ ଚାଲେ ପଥର। ଏକଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବ। ହେଲେ ଆପଣ ଜାଣନ୍ତି କି, ଏହି ପାର୍କରେ ରହିଛି ଏକ ଶୁଖିଲା ହ୍ରଦ। ଏହାକୁ କୁହାଯାଏ ରେସ୍‌ଟ୍ରାକ୍ ପ୍ଲାୟା। ଏଠାରେ ଛୋଟ ଛୋଟ ପଥରରୁ ଆରମ୍ଭ କରି ପ୍ରାୟ ୧୦୦ ପାଉଣ୍ଡରୁ ଅଧିକ ଓଜନ ବିଶିଷ୍ଟ ପଥର ହ୍ରଦର ଏକ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ଶହ ଶହ ମିଟର ଦୂର ଆପେ ଆପେ ଘୁଞ୍ଚତ୍ ଘୁଞ୍ଚତ୍ ଯାଉଥିବା ଦେଖିବାକୁ ମିଳେ। ତେବେ କେତେକ ବୈଜ୍ଞାନିକ ସେଠାରେ ଅଧିକ ପବନ ବହିବା ଫଳରେ ଏପରି ହେଉଛି ବୋଲି ଅନୁମାନ କରୁଥିବା ବେଳେ ଏହା ପଛର ପ୍ରକୃତ ତଥ୍ୟ ଏଯାଏଁ ଜଣାପଡ଼ିନାହିଁ। ଯଦିଓ ପଥର ଘୁଞ୍ଚୁଥିବା ବେଳେ କେହି ଏହାକୁ ଦେଖିନାହାନ୍ତି, ହେଲେ ଘୁଞ୍ଚିବା ଦ୍ୱାରା ମାଟିରେ ହେଉଥିବା ଦାଗରୁ ଏହା ଜଣାଯାଏ।

**ଗୁମ୍ଫାରେ ଜଳେ ନିଆଁ:** ଆମେରିକାର ନ୍ୟୁୟର୍କ ସହରରେ ରହିଛି ଚେଷ୍ଟନଟ୍ ରିଜ୍ ପାର୍କ। ଏଠାରେ ରହିଛି ଏକ ଛୋଟ ଝରଣା। ଯାହା ତଳକୁ ଏକ ଗୁମ୍ଫା ରହିଛି, ଯେଉଁଠାରେ ଅହ ରହ ନିଆଁ ଜଳୁଥିବାର ଦେଖିବାକୁ ମିଳେ, ଯାହାର ନାମ ରହିଛି ଏଟର୍ନାଲ୍ ଫ୍ଲେମ୍ ଫଲ୍ସ। ସେଠାରେ ପ୍ରାକୃତିକ ଉପାୟରେ ମିଥେନ୍ ଗ୍ୟାସ୍ ପ୍ରସ୍ତୁତ ହେଉଥିବାରୁ ନିଆଁ ଜଳୁଥିବା ଅନେକ ବୈଜ୍ଞାନିକ ମତ ଦେଉଥିଲେ ବି ଏହାର ପ୍ରକୃତ କାରଣ ଏବେବି ରହସ୍ୟମୟ।

**ସମୁଦ୍ର କୂଳରେ ଗଦା ଗଦା ଅଣ୍ଡା:** ନ୍ୟୁଜିଲାଣ୍ଡର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଗୁଡିକ ମଧ୍ୟରେ ରହିଛି ଡ୍ରାଗନ୍ ଏଗ୍ ବିଚ୍। ଏହାର ନାମ ଏପରି ହେବାର କାରଣ ଏହି ବେଳାଭୂମୀରେ ଥିବା ବହୁ ସଂଖ୍ୟାରେ ଗୋଲାକାର ପଥର ଯାହାକି ଡ୍ରାଗନ ଭଳି କୌଣସି ବଡ ଜୀବ ଅଣ୍ଡାର ଭ୍ରମ ସୃଷ୍ଟି କରେ। ତା'ଛଡା ଏହି ପଥରଗୁଡ଼ିକରେ ଥିବା ବହୁସଂଖ୍ୟାରେ ଫାଟ ଅଣ୍ଡାରୁ ଛୁଆ ଫୁଟି ବାହାରିବା ଭଳି ଦେଖାଯାଇଥାଏ। ତେବେ ଏହି ପଥର ୬୦ ମିଲିୟନ ବର୍ଷ ପୁରୁଣା ବୋଲି ଅନୁମାନ କରାଯାଏ। ଏହି ବେଳାଭୂମୀର ନିଆରା ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥିବାରୁ ଏଠାରେ ନା କେବଳ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଜମେ ବରଂ ଅନେକ ଚଳଚ୍ଚିତ୍ର ମଧ୍ୟ ଦୃଶ୍ୟାୟନ କରାଯାଇଛି।

# ସକାଳେ ପିଅନ୍ତୁ ତେଜପତ୍ର ପାଣି, ଦୂରେଇ ଯିବ ଅନେକ ରୋଗ

ତେଜପତ୍ର ହେଉଛି ଏକ ଔଷଧ ଯାହା ଆମ ରୋଷେଇ ଘରେ ସହଜରେ ଉପଲବ୍ଧ। ଏହା ଏମିତି ଏକ ଜଡିବୁଟି ଯାହାର ଅନେକ ଲାଭ ଅଛି, ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଆମ ରୋଷେଇ ଘରେ ମସଲା ଭାବରେ ବ୍ୟବହୃତ ହେଉଥିବା ଏହି ପତ୍ର ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ହୋଇପାରେ। ସକାଳେ ତେଜପତ୍ରକୁ ସିଝାଇ ଏହାର ପାଣି ପିଇବା ଦ୍ୱାରା ଅନେକ ଆଶ୍ଚର୍ଯ୍ୟଜନକ ସ୍ୱାସ୍ଥ୍ୟ ଉପକାର ମିଳିପାରେ। ଏହା କେବଳ ପାରମ୍ପାରିକ ରେସିପି ନୁହେଁ, ବୈଜ୍ଞାନିକ ଅନୁସନ୍ଧାନ ଦ୍ୱାରା ସମର୍ଥିତ ଏକ ସ୍ୱାସ୍ଥ୍ୟ ବର୍ଦ୍ଧକ ପ୍ରକ୍ରିୟା ମଧ୍ୟ। ପାଣିରେ ଫୁଟାଯାଇଥିବା ତେଜପତ୍ର ପିଇବା ଦ୍ୱାରା ଓଜନ ହ୍ରାସ କରିବାରେ ଏହା ସାହାଯ୍ୟ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଉପାଦାନଗୁଡ଼ିକ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ସକାଳେ ଏହି ପାଣି ପିଇବା ଦ୍ୱାରା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ। ଏହା ଆମ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ମଧ୍ୟ ସହାୟକ ହୋଇଥାଏ।

- ◆ତେଜପତ୍ରର ଜଳ ଓଜନ ହ୍ରାସ ପ୍ରକ୍ରିୟାରେ ସାହାଯ୍ୟ କରେ। ଏହା ଆମର ଭୋକକୁ ହ୍ରାସ କରିଥାଏ ଏବଂ ଶରୀରକୁ ଡିଟକ୍ସାଇଫ କରିବାରେ ସାହାଯ୍ୟ କରିଥାଏ।
- ◆ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଅଟେ ଯାହା ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ଆଣ୍ଟିଅକ୍ସିଡାଣ୍ଟଗୁଡିକ ମୁକ୍ତ ରେଡିକାଲ ନାମକ କ୍ଷତିକାରକ ପଦାର୍ଥ ସହିତ ଲଢେ ଯାହା ଅନେକ ରୋଗ ସୃଷ୍ଟି କରେ।
- ◆ତେଜପତ୍ର ଜଳରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଆମ କୋଷକୁ କ୍ଷତିରୁ ରକ୍ଷା କରିଥାଏ।
- ◆କୋଷ୍ଠକାଠିନ୍ୟ ଏବଂ ଅଦୃଶ୍ୟତା ଭଳି ପେଟ ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ । ଶରୀରକୁ ଶକ୍ତି ଆଣେ ଏବଂ ଥକ୍କାପଣ ଦୂର କରେ।
- ◆ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରିବ । ଏହି ପତ୍ରରେ ପ୍ରଚୁର ପରିମାଣରେ ଭିଟାମିନ ସି ମିଳିଥାଏ। ଆମ ସ୍ୱାସ୍ଥ୍ୟ ପାଇଁ ଭିଟାମିନ ସି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଫୁସଫୁସ ଏବଂ ହୃଦରୋଗ ସହିତ ଲଢିବାରେ ମଧ୍ୟ ସକ୍ଷମ।

# ମୁଣ୍ଡରେ ସାମାନ୍ୟ ଆଘାତ ସାଜିପାରେ ମୃତ୍ୟୁର କାରଣ, ସତର୍କତା ଜରୁରୀ

ମାନବ ଶରୀରର ମସ୍ତିଷ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ତେବେ ମୁଣ୍ଡରେ କୌଣସି ଛୋଟ ଆଘାତ ଲାଗିବା ଦ୍ୱାରା ମଧ୍ୟ କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀ ଏବଂ ମସ୍ତିଷ୍କର ବଡ କ୍ଷତି ଘଟାଇବାର ସମ୍ଭାବନା ରହିଥାଏ । ବେଳେବେଳେ ଏହା ଅକ୍ଷମତା କରିଦେବା ସହିତ ମୃତ୍ୟୁ ହେବାର ସମ୍ଭାବନା ମଧ୍ୟ ଅଧିକ ରହିଥାଏ । ତେଣୁ ମୁଣ୍ଡରେ କୌଣସି ପ୍ରକାର ଆଘାତକୁ ଅଣଦେଖା କରିବା ଉଚିତ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି । ଯଦି କୌଣସି ପ୍ରକାର ଲକ୍ଷଣ, ଆଘାତ ଲାଗେ ତାହାଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରାଇବା ଜରୁରୀ ଅଟେ । ତେବେ ପ୍ରତିବର୍ଷ ମାର୍ଚ୍ଚ ୨୦ରେ 'ବିଶ୍ୱ ମସ୍ତିଷ୍କ ଆଘାତ ସଚେତନତା ଦିବସ' ବା ୱାର୍ଲ୍ଡ ହେଡ୍ ଇଞ୍ଜୁରି ଆୱାରନେସ୍ ଡେ' ପାଳନ କରାଯାଏ । ମୁଣ୍ଡରେ ଆଘାତର ଗମ୍ଭୀରତାକୁ ଏଡାଇବା ପାଇଁ ସତର୍କତା କରାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ । ମୁଣ୍ଡରେ ଆଘାତ କାହିଁକି ବିପଜ୍ଜନକ ?: ମୁଣ୍ଡରେ ଆଘତକୁ ବୟସ୍କଙ୍କଠାରେ ଅକ୍ଷମତା ଏବଂ ମୃତ୍ୟୁର ଏକ ସାଧାରଣ କାରଣ ଭାବରେ ବିବେଚନା କରାଯାଇଥାଏ । କେବଳ ଦୁର୍ଘଟଣା ଯୋଗୁଁ ମୁଣ୍ଡରେ ଆଘାତ ଲାଗିଥାଏ ତାହା ନୁହେଁ ବରଂ ଖେଳିବା, ଡେଇଁବା ସମୟରେ ମଧ୍ୟ ଲାଗିଥିବା ସାମାନ୍ୟ ଆଘାତ ଗୁରୁତର ସମସ୍ୟା ସୃଷ୍ଟି କରିପାରେ ଏବଂ କେତେକ କ୍ଷେତ୍ରରେ ମୃତ୍ୟୁର ମଧ୍ୟ କାରଣ ସାଜିଥାଏ । ଉତ୍ତରାଖଣ୍ଡର ଜଣେ ଅର୍ଥୋପେଡିକ୍ ବିଶେଷଜ୍ଞ ଡାକ୍ତର ହେମ ଯୋଶୀଙ୍କ କହିବା ଅନୁସାରେ, 'କୌଣସି କାରଣରୁ ମୁଣ୍ଡରେ ଆଘାତ ଲାଗିବା ପରେ ଯଦି ମୁଣ୍ଡରେ କ୍ଷତ ଚିହ୍ନ ଦେଖାଯାଏ, ଯନ୍ତ୍ରଣା ହୁଏ, ଆଖି ଫୁଲିଯିବା ଏବଂ ଆଖିପତା ବନ୍ଦ ହେବା, ନାକ କିମ୍ବା କାନରୁ ରକ୍ତସ୍ରାବ, ବେକରେ କଠିନତା, ଦେଖିବା ଏବଂ କହିବାରେ ଅସୁବିଧା ହୁଏ ତାହାଲେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ ନେବା ଆବଶ୍ୟକ । ଯଦି ପ୍ରାରମ୍ଭିର ଲକ୍ଷଣକୁ ଅଣଦେଖା କରାଯାଏ ଏବଂ ସଠିକ ସମୟରେ ଚିକିତ୍ସା କରାନଯାଏ ତାହାଲେ ପରିଣାମ ଗମ୍ଭୀର ହେବାର ସମ୍ଭାବନା ରହିଛି ।' ଦିବସ ପାଳନର ଉଦ୍ଦେଶ୍ୟ: ସରକାରୀ ଆକଳନ ଅନୁସାରେ, ସାରା ବିଶ୍ୱରେ ପ୍ରତି ୪ମିନିଟରେ ଜଣେ ମୁଣ୍ଡରେ ଆଘାତ ଲାଗି ମୃତ୍ୟୁବରଣ କରିଥାଆନ୍ତି । ଭାରତରେ ଏହା ୭ ମିନିଟ ରହିଛି । ଅର୍ଥାତ ପ୍ରତି ୭ ମିନିଟରେ ଜଣଙ୍କର ମୃତ୍ୟୁ ହୋଇଥାଏ । ବିଶ୍ୱରେ ପ୍ରାୟ ୫ ପ୍ରତିଶତରୁ ଅଧିକ ଲୋକ ଦୁର୍ଘଟଣାରେ ମୁଣ୍ଡରେ ଆଘତ ଯୋଗୁଁ ମୃତ୍ୟୁ ହୋଇଥାଏ । ସରକାରୀ ତଥ୍ୟ ଅନୁଯାୟୀ, ୨୦୨୨ ମସିହାରେ ଭାରତରେ ମୋଟ ୪ ଲକ୍ଷ ୬୧ ହଜାରରୁ ଅଧିକ ସଡକ ଦୁର୍ଘଟଣା ଘଟିଥିଲା। ଯେଉଁଥିରେ ୧ ଲକ୍ଷ ୬୮ ହଜାର ଲୋକ ମୃତ୍ୟୁ ବରଣ କରିଥିଲେ । ସଡକ ଦୁର୍ଘଟଣା ଯୋଗୁଁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ମୁଣ୍ଡରେ ଆଘାତ ଲାଗିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ବିଷୟରେ ସଚେତନ କରାଇବା ବିଶ୍ୱ ମସ୍ତିଷ୍କ ଆଘାତ ସଚେତନତା ଦିବସର ମୂଳ ଉଦ୍ଦେଶ୍ୟ ଅଟେ । ଗାଡି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ସ୍କାଏକିଂ ଏବଂ ଅନ୍ୟାନ୍ୟ ବିପଦପୂର୍ଣ୍ଣ ଖେଳ ସମୟରେ ସତର୍କତା ଅବଲମ୍ବନ କରିବା ଜରୁରୀ ଅଟେ । କିଭଳି ରହିବେ ସତର୍କ: ଯାନବାହାନ ଚଳାଇବା ସମୟରେ ସତର୍କତା ଅବଲମ୍ବନ, ହେଲମେଟ୍ ପିନ୍ଧିବା ଜରୁରୀ ଅଟେ । ନିୟନ୍ତ୍ରଣ ଗତିରେ ଗାଡ଼ି ଚଳାନ୍ତୁ । ଗାଡ଼ି ଚଳାଇବା ସମୟରେ ମଦ୍ୟପାନ କିମ୍ବା କୌଣସି ପ୍ରକାର ନିଶା ସେବନ କରନ୍ତୁ ନାହିଁ । ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତୁ ନାହିଁ । ଖେଳକୁଦ ସମୟରେ ବ୍ୟାପକ ସତର୍କତା ଅବଲମ୍ବନ କରନ୍ତୁ ।



# ଆନ୍ତଃ ଉଚ୍ଚ ମାଧ୍ୟମିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ହାଇଟେକ୍, ଭୁବନେଶ୍ୱର ଚାମ୍ପିଅନ



**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ବ୍ୟାସନଗର କଲେଜ ଖେଳ ପଡ଼ିଆରେ ଚାଲୁଥିବା ଆନ୍ତଃ ଉଚ୍ଚ ମାଧ୍ୟମିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ, ରାଉରକେଲା ଓ ହାଇଟେକ୍ ମେଡିକାଲ ଉଚ୍ଚ ମାଧ୍ୟମିକ, ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଟସ୍‌ରେ ବିଜୟୀ ହୋଇ ମ୍ୟୁନିସିପାଲ, ରାଉରକେଲା ପ୍ରଥମେ ବ୍ୟାଟିଙ୍ଗ କରିବାର ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ହାଇଟେକ ୧୦୯ରନ କରି ଅଲଆଉଟ ହୋଇଥିଲେ। ଦଳ ତରଫରୁ ଶୁଭମ ସାହୁ ୨୬ ଓ ଦେବାଂଶୁ ଯାଦବ ୨୮ ରନ କରିଥିଲେ। ଏହାର ଜବାବରେ ମ୍ୟୁନିସିପାଲ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ କରିଥିଲେ। ମାତ୍ର ୨ରନରେ ହାଇଟେକ, ଭୁବନେଶ୍ୱର ଚାମ୍ପିଅନ ହୋଇଥିଲେ।

ଏହି ଉଦ୍‌ଯାପନ ଉତ୍ସବ କଲେଜର ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୋରାଇର ବିଧାୟକ ଆକାଶ ଦାସନାୟକ, ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସେକ୍ରେଟେରୀ ଶୁଭ୍ରାବାଳା ବେହେରା ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ଉପସଭାପତି ଆଥ୍‌ଲେଟିକ୍ କ୍ଲବର ଶଶିକାନ୍ତ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ନିରଞ୍ଜନ ପୃଷ୍ଟି ଧନ୍ୟବାଦ ଦେବା ସହିତ ଟୁର୍ଣ୍ଣାମେଣ୍ଟର ବିବରଣୀ ପ୍ରଦାନ କରିଥିଲେ। ହାଇକୋର୍ଟର ଦେବାଂଶୁ ଯାଦବଙ୍କୁ ତେଜ ହୋଣ୍ଡା ତରଫରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଖେଳକୁ ପବିତ୍ର ମଲ୍ଲିକ, ପ୍ରଦୀପ ମଲ୍ଲିକ, ବି. ମୋହନେଶ ପରିଚାଳନା କରିଥିଲେ।



# ୧୪ରୁ ଭାରତ ବନାମ ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜ୍

**ନୂଆଦିଲ୍ଲୀ**

ଆସନ୍ତା ଶୁକ୍ରବାର ଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ଭାରତୀୟ ଦଳ ଆସନ୍ତା କାଲିଠୁ ଐତିହାସିକ ଇଡେନ ଗାର୍ଡେନ୍ସରେ ପ୍ରସ୍ତୁତି ଆରମ୍ଭ କରିବ। ଇତି ମଧ୍ୟରେ ସମସ୍ତ ଖେଳାଳି କୋଲକାତାରେ ପହଞ୍ଚି ସାରିଛନ୍ତି। ଦଳର ଅଭ୍ୟାସ ଶିବିର ଆରମ୍ଭ ହେବା ସହ ଟିମ୍ ମ୍ୟାନେଜମେଣ୍ଟ ଏକାଦଶ ଚୟନରେ ଲାଗି ପଡ଼ିବ। ବର୍ତ୍ତମାନ ଧ୍ରୁବ ଜୁରେଲଙ୍କ ଫର୍ମ ଟିମ୍ ଇଣ୍ଡିଆ ପାଇଁ ଖୁସିର ବିଷୟ ହୋଇଥିଲେ ହେଁ କୋଚିଂ ସଦସ୍ୟମାନଙ୍କ ପାଇଁ ମୁଣ୍ଡବିନ୍ଧା ସାଜିଛି। କାରଣ ଏକାଦଶରେ ଜୁରେଲଙ୍କୁ ସାମିଲ କରିବା କଷ୍ଟକର ହେବା ନିଶ୍ଚିତ।

ଘରୋଇ ଟେଷ୍ଟ ସିରିଜ ପାଇଁ ପ୍ରାୟତଃ ଏକାଦଶ ଚୂଡ଼ାନ୍ତ ହୋଇ ସାରିଛି। ଭାରତ ୨ଜଣ ସ୍ପିନ୍ ବୋଲିଂ ଅଲରାଉଣ୍ଡର, ୨ଜଣ ପେସ୍ ବୋଲର, ଜଣେ ସ୍ପିନର ନେଇ ଖେଳିବା ନିଶ୍ଚିତ। ବାକି ୬ଜଣ ବ୍ୟାଟର ରହିବେ। ଏଭଳି ହେଲେ ଜୁରେଲଙ୍କୁ ଏକାଦଶରେ ସ୍ଥାନ ମିଳି ପାରିବ ନାହିଁ। କାରଣ ପ୍ରାୟତଃ ସବୁ ଖେଳାଳି ଏକାଦଶରେ ସ୍ଥାନ ସୁରକ୍ଷିତ କରି ସାରିଛନ୍ତି। କିଛି ଖେଳାଳିଙ୍କ ପ୍ରତି ମୁଖ୍ୟ କୋଚ୍ ଓ ତାଙ୍କ ମ୍ୟାନେଜମେଣ୍ଟର ଜୋରଦାର ସମର୍ଥନ ରହିଛି। ଭାରତୀୟ ଦଳର ଚୂଡ଼ାନ୍ତ ଏକାଦଶ ଦେଖିଲେ ସାଇ ସୁଦର୍ଶନ ଓ ନୀତିଶ କୁମାର ରେଡ୍ଡୀ ବାରମ୍ବାର ସୁଯୋଗ ପାଇବା ସତ୍ତ୍ୱେ ସଫଳ ହୋଇ ନାହାନ୍ତି। ଫଳରେ ଏହି ଦୁଇ ଖେଳାଳିଙ୍କ ମଧ୍ୟରୁ ଜଣଙ୍କ ପରିବର୍ତ୍ତେ ଜୁରେଲଙ୍କୁ ଏକାଦଶରେ ସାମିଲ କରାଯାଇ ପାରିବ। ତେବେ ସବୁକିଛି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ତାଙ୍କ ଟିମ୍ ଉପରେ ନିର୍ଭର କରିବ।



ଭରତୀୟ ପିଚ୍ ସ୍ପିନରଙ୍କୁ ସହାୟତା କରିବା ନିଶ୍ଚିତ ଥିବାରୁ ମିଡିୟମ ପେସ୍ ବୋଲିଂ ଅଲରାଉଣ୍ଡରଙ୍କ ତୁଳନାରେ ଜଣେ ପ୍ରମୁଖ ବ୍ୟାଟରଙ୍କୁ ଖେଳାଇବା ଉପଯୁକ୍ତ ନିଷ୍ପତ୍ତି ହୋଇପାରେ। ଏକାଦଶରେ ସ୍ଥାନ ପାଇଲେ ଜୁରେଲ ୬ନଂ ସ୍ଥାନରେ ଖେଳିବେ। ୭ ଓ ୮ ନଂ ସ୍ଥାନରେ ରବିନ୍ଦ୍ର ଜାଡ଼େଜା ଓ ୱାସିଂଟନ ସୁନ୍ଦର ରହିବେ। ବାକି ଶେଷ ୩ଟି ସ୍ଥାନରେ ୨ଜଣ ପେସ୍ ବୋଲର ଓ କୁଲଦୀପ ଯାଦବ ଖେଳିବେ। ଏହା ସମ୍ଭବ ହେଲେ ଏକ ସନ୍ତୁଳିତ ଏକାଦଶ ଗଠନ ହୋଇ ପାରିବ। ନଚେତ ୩ନଂ ସ୍ଥାନରୁ ସାଇ ସୁଦର୍ଶନଙ୍କୁ ବାଦ୍ ଦେଇ ଜୁରେଲଙ୍କୁ ଖେଳାଯାଇ ପାରିବ। ଘରୋଇ ପରିବେଶ ଓ ପିଚ୍‌ରେ ଜୁରେଲ ସବୁ ସ୍ଥାନରେ ବ୍ୟାଟିଂ କରିବାର କ୍ଷମତା ରଖିଛନ୍ତି।

# ସୋସିଆଲ ମିଡ଼ିଆରେ ଭାଇରାଲ ହେଲା ରୋହିତଙ୍କ ଡ୍ୟାନ୍ସ

**ମୁମ୍ବାଇ**


ଭାରତୀୟ କ୍ରିକେଟର ରୋହିତ ଶର୍ମାଙ୍କ ଏକ ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ଯେଉଁଥିରେ ସେ ଏକ ଦମ୍ପତିଙ୍କ ଭିଡ଼ିଓ ସଟ୍‌ରେ ଗୀତ ଗାଇ ଡ୍ୟାନ୍ସ କରୁଥିବା ଏବଂ ମସ୍ତି କରୁଥିବା ନଜର ଆସିଛନ୍ତି। ଏହି ଭିଡ଼ିଓ ତାଙ୍କ ଫ୍ୟାନ୍ସଙ୍କୁ ଖୁବ୍ ପସନ୍ଦ ଆସୁଛି, କାରଣ ସେଥିରେ ତାଙ୍କର ଏକ ବିଲକୁଲ୍ ଭିନ୍ନ ଏବଂ ମସ୍ତି ଭରା ଅନ୍ଦାଜ ଦେଖିବାକୁ ମିଳୁଛି। ରୋହିତଙ୍କ ଏହି ସରପ୍ରାଇଜ୍ ନା କେବଳ ବର-କନ୍ୟାଙ୍କୁ ଆଶ୍ଚର୍ଯ୍ୟ କଲା ବରଂ ତାଙ୍କର ଭିଡ଼ିଓ ସୁଟ୍‌କୁ ବହୁତ ଖାସ୍ କରିଦେଲା। ଭିଡ଼ିଓରେ ରୋହିତ ଶର୍ମା ନିଜ କୋଠରିର ଝରକାରେ ସ୍ପିକର ନେଇ ଛିଡ଼ା ହୋଇଛନ୍ତି। ତଳେ ଜଣେ ଦମ୍ପତି ନିଜ ଭିଡ଼ିଓ ସୁଟ୍ କରୁଥିଲେ, ସେତେବେଳେ ରୋହିତ ହିନ୍ଦୀ ଗୀତ 'ଆଜ୍ ମେରେ ୟାର କି ଶାଦୀ ହେ' ଗୀତ ବଜାଇବା ଆରମ୍ଭ କରିଦେଲେ ଏବଂ ଗୀତର ଧୂନ୍ ଉପରେ ନିଜେ କୋଠରିରେ ମସ୍ତିଭରା ଅନ୍ଦାଜରେ ଡ୍ୟାନ୍ସ କରୁଥିବା ନଜର ଆସୁଛନ୍ତି। ରୋହିତଙ୍କ ଏହି ଅଚାନକ କରାଯାଇଥିବା ଆକ୍ଟ ଦେଖି ତଳେ ଛିଡ଼ା ହୋଇଥିବା ଦମ୍ପତି ଏବଂ ଭିଡ଼ିଓ ସୁଟର ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ରୋହିତଙ୍କ ଏହି ଡ୍ୟାନ୍ସ ଦେଖି ବର-କନ୍ୟା ନିଜ ହସ ରୋକିପାରିନଥିଲେ। ସେ ହସିହସି ରୋହିତଙ୍କ ଅଭିବାଦନ କରିଛନ୍ତି। ଏହି ଘଟଣା ତାଙ୍କ ଭିଡ଼ିଓ ସୁଟ୍‌ରେ ଏକ ସ୍ମରଣୀୟ ମୁହୂର୍ତ୍ତ ଯୋଡ଼ିଦେଲା।



# ସିଏସକେ ଛାଡ଼ି ରାଜସ୍ଥାନ ରୟାଲ୍ସକୁ ଯିବେ ରବିନ୍ଦ୍ର ଜାଡ଼େଜା !

**ନୂଆଦିଲ୍ଲୀ**

ସଞ୍ଜୁ ସାମସନଙ୍କ ବଦଳରେ ରବିନ୍ଦ୍ର ଜାଡ଼େଜା ଏବଂ ସାମ କୁରାନ ଚେନ୍ନାଇ ସୁପର କିଙ୍ଗ୍‌ସ ଛାଡ଼ି ରାଜସ୍ଥାନ ରୟାଲ୍ସକୁ ଯାଇପାରନ୍ତି। କ୍ରିକ୍‌ବଜ୍ ଅନୁଯାୟୀ, ଏହି ତିନି ଖେଳାଳି ବାଣିଜ୍ୟ ପାଇଁ ରାଜି ହୋଇ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ତଥାପି ବାଣିଜ୍ୟ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ନିଶ୍ଚିତକରଣ ମିଳିନାହିଁ। ରିପୋର୍ଟ ହୋଇଛି ଯେ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାକୁ କିଛି ସମୟ ଲାଗିପାରେ, ଯାହା ପରେ ସାମସନଙ୍କ ସିଏସ୍‌କେକୁ ସ୍ଥାନାନ୍ତର ଏବଂ ଜାଡ଼େଜା ଏବଂ କରନଙ୍କ ରାଜସ୍ଥାନ ରୟାଲ୍ସକୁ ସ୍ଥାନାନ୍ତର ନିଶ୍ଚିତ ହେବା ଆଶା କରାଯାଉଛି।



ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହେବା ପାଇଁ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିଆଇ) ଆବଶ୍ୟକ। ରିପୋର୍ଟ ଅନୁଯାୟୀ, ସୋମବାର ସନ୍ଧ୍ୟା ସୁଦ୍ଧା, ରାଜସ୍ଥାନ କିମ୍ବା ଚେନ୍ନାଇ ଫ୍ରାଞ୍ଚାଇଜ ଉଭୟ ଆଇପିଏଲ କିମ୍ବା ବିସିସିଆଇ ଅଧିକାରୀଙ୍କୁ ବାଣିଜ୍ୟ ବିଷୟରେ ଆନୁଷ୍ଠାନିକ ଭାବରେ ଜଣାଇ ନଥିଲେ।

ଆଇପିଏଲ ନିୟମ ଅନୁଯାୟୀ, ଯେକୌଣସି ବିଦେଶୀ ଖେଳାଳି ବାଣିଜ୍ୟ ପାଇଁ ଏନଓସି (ନୋ ଅବଜେକ୍ସନ ସାର୍ଟିଫିକେଟ) ଆବଶ୍ୟକ। ଯେହେତୁ ସାମ କୁରାନ ଜଣେ ଇଂଲିଶ ଖେଳାଳି, ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତାଙ୍କୁ ବାଣିଜ୍ୟ କରିବା ପ୍ରକ୍ରିୟାରେ ସାମିଲ କରାଯାଇପାରେ।

ସଞ୍ଜୁ ସାମସନ ଏବଂ ରବିନ୍ଦ୍ର ଜାଡ଼େଜାଙ୍କୁ ଗତ ସିଜନରେ ସେମାନଙ୍କ ନିଜ ନିଜ ଦଳ ୧୮ କୋଟିରେ ରିଟେନ କରିଥିଲେ। ତଥାପି, ଏହି ବାଣିଜ୍ୟ ଚୁକ୍ତିରେ, ଜାଡ଼େଜାଙ୍କ ସହିତ, ସାମ କୁରାନ ମଧ୍ୟ ରାଜସ୍ଥାନ ରୟାଲ୍ସକୁ ଯାଉଛନ୍ତି। ଗତ ସିଜନରେ ଚେନ୍ନାଇ ସୁପର କିଙ୍ଗସ ଦ୍ୱାରା ୨.୪ କୋଟି ଦିଆଯାଇଥିବା କରନଙ୍କୁ ମଧ୍ୟ ବାଣିଜ୍ୟ କରାଯାଉଛି। ଅନ୍ୟାନ୍ୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରାଜସ୍ଥାନ ରୟାଲ୍ସ ପରିଚାଳନା ପ୍ରଥମେ ଜାଡେଜାଙ୍କ ସହିତ ଡେୱାଲ୍ଡ ବ୍ରେଭିସ ଦାବି କରିଥିଲା, କିନ୍ତୁ ସିଏସକେ ପରିଚାଳନା ସେହି ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲା। ପରବର୍ତ୍ତୀ ସମୟରେ, ବାଣିଜ୍ୟ ଚୁକ୍ତିରେ ସାମ କୁରାନଙ୍କ ନାମ ସାମ୍ନାକୁ ଆସିଥିଲା।

# ରାଜ୍ୟ ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ୍ : ହର୍ଷିତଙ୍କୁ ତ୍ରିମୁକୁଟ, ନିମିଷା, ସୌମ୍ୟଜିତଙ୍କୁ ଦ୍ୱିମୁକୁଟ

**ଭୁବେନଶ୍ୱର**

ରାଜ୍ୟ ଉପକନିଷ୍ଠ (୧୫ ବର୍ଷ ଓ ୧୭ ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଉଦ୍‌ଯାପିତ ହୋଇଯାଇଛି। ହର୍ଷିତ ପ୍ରିୟଦର୍ଶୀ ତ୍ରିମୁକୁଟ ପାଇଥିବା ବେଳେ ନିମିଷା ଓଝା ଓ ସୌମ୍ୟଜିତ୍ ଦ୍ୱିମୁକୁଟ ଅର୍ଜନ କରିଛନ୍ତି। ୧୫ ବର୍ଷରୁ କମ୍ ବର୍ଗରେ କଟକର ହର୍ଷିତ ପ୍ରିୟଦର୍ଶୀ ବେହେରା ସମ୍ବଲପୁରର ଅୟଙ୍କ କୁମାର ସାହୁଙ୍କୁ ଏକକ ଫାଇନାଲରେ ୨୧-୧୧, ୧୬-୨୧ ଓ ୨୧-୧୬ରେ ପରାସ୍ତ କରିଥିଲେ। ଯୁଗଳରେ ହର୍ଷିତ-ଅୟଙ୍କ କୁମାର ସାହୁଙ୍କ ୨୩-୨୫, ୨୧-୧୬ ଓ ୨୧-୧୩ରେ ନୀତେଶ ପଟ୍ଟନାୟକ ଓ ସାଇ ଚନ୍ଦନ ମହାନ୍ତିଙ୍କୁ ପରାସ୍ତ କରିଥିଲେ। ମିଶ୍ରିତ ଯୁଗଳରେ ହର୍ଷିତ ପ୍ରିୟଦର୍ଶୀ ଓ ଆଦ୍ୟାଶା ମହନ୍ତ ୨୧-୧୫, ୧୮-୨୧, ୨୧-୧୬ରେ ଅୟଙ୍କ ସାହୁ ଓ ମୁସ୍କାନ ପଣ୍ଡାଙ୍କୁ ପରାସ୍ତ କରିଥିଲେ। ୧୭ ବର୍ଷରୁ କମ୍ ବାଳକ ଏକକରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ନିଜ ଜିଲ୍ଲାର ବାପୁନ ରାଉତଙ୍କୁ ସିଧାସଳଖ ୨୧-୧୩, ୨୧-୧୭ରେ ପରାସ୍ତ କରି ବିଜେତା ହୋଇଥିଲେ। ମିଶ୍ରିତ ଯୁଗଳେର ସୌମ୍ୟଜିତ ଭଦ୍ରକର ଜେସିକା ସାହୁଙ୍କୁ ସାଥୀ କରି ୨୧-୧୮, ୨୧-୧୪ରେ ଅଂଶୁମାନ ସିଂହ ଓ ଅଂଶିକା ବିରୋକଙ୍କୁ ହରାଇ ଦେଇଥିଲେ।



ଖୋର୍ଦ୍ଧାର ନିମିଷା ଓଝା ୧୫ ବର୍ଷରୁ କମ୍ ବାଳିକା ଏକକ ଫାଇନାଲରେ କଟକର ସ୍ୱାତୀ ନାୟକଙ୍କୁ ୨୧-୧୬, ୧୮-୨୧ ଓ ୨୧-୧୫ରେ ପରାସ୍ତ କରିଥିଲେ। ବାଳିକା ଯୁଗଳ ଫାଇନାଲରେ ସ୍ୱାତୀ ନାୟକଙ୍କୁ ସାଥୀ କରି ନିମିଷା ଓଝା ୨୧-୪ ଓ ୨୧-୯ରେ ବୁଡୁପୁ ଲକ୍ଷ୍ମୀ ରେଡ୍ଡୀ ଓ ରୀତିକା ଦାଶଙ୍କୁ ହରାଇ ଦେଇଥିଲେ। ୧୭ ବର୍ଷରୁ କମ୍ ବାଳିକା ଏକକ ଫାଇନାଲେର କଟକର ସ୍ୱାତୀ ନାୟକ ୨୧-୧୭, ୧୮-୨୧ ଓ ୨୧-୮ରେ ନିମିଷା ଓଝାଙ୍କୁ ହରାଇ ଦେଇଥିଲେ। ଏହି ବୟସ ବର୍ଗର ବାଳକ ଯୁଗଳରେ ଖୋର୍ଦ୍ଧା-ସମ୍ବଲପୁର ଯୋଡ଼ି ବାପୁନ ରାଉତ ଓ ଜୟକୃଷ୍ଣ ଗର୍ଡିଆ ୨୧-୧୮, ୨୨-୨୦ରେ ସୌମ୍ୟଜିତ ସାହୁ ଓ ବିଭୁଦତ୍ତ ବିଶ୍ୱାଳଙ୍କୁ ହରାଇ ବିଜେତା ହୋଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ସେବା ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟ ମୁଖ୍ୟ ଅତିଥି ଭାବେ ଯୋଗେଦଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସ୍‌ବା ସଂପାଦକ ନିଲୀନ କୁମାର, ଆୟୋଜନ କମିଟି ସଂପାଦକ କମଳ ଦାଶ ଓ ଅଜିତ ମହାନ୍ତି, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଶିବମ୍ ଅଗ୍ରୱାଲ, କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ରଂଜନ ମହାନ୍ତି, ପ୍ରତିଯୋଗିତାର ନିର୍ଦ୍ଦେଶକ ଶୁଭମ ନାୟକ, ମୁଖ୍ୟ ରେଫରି ରୀତା ଦାଶ, ସଂଯୋଜକ ଜୟ ପ୍ରକାଶ ଜେନା ଓ ତାରାକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବିରାଟ କୋହଲିଙ୍କ ସହ ଆଉ ଏକ ଅନାବଶ୍ୟକ ରେକର୍ଡର ସମକକ୍ଷ ହେଲେ ବାବର ଆଜମ

**ନୂଆଦିଲ୍ଲୀ**



ପାକିସ୍ତାନର ଷ୍ଟାର୍ ବ୍ୟାଟର୍ ବାବର ଆଜମ୍‌ଙ୍କ ଖରାପ ଫର୍ମ ଜାରି ରହିଛି। ମଙ୍ଗଳବାର ରାୱଲପିଣ୍ଡିରେ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍ ସମୟରେ, ସେ ଶ୍ରୀଲଙ୍କା ସ୍ପିନର୍ ୱାନିନ୍ଦୁ ହସରଙ୍ଗାଙ୍କ ଏକ ଚମତ୍କାର ବଲରେ ଆଉଟ୍ ହୋଇଥିଲେ।

ପାକିସ୍ତାନ ଇନିଂସ୍‌ର ୨୪ତମ ଓଭରରେ ହସରଙ୍ଗାଙ୍କ ବଲ୍ ଅଫ୍-ଷ୍ଟମ୍ପ୍ ବାହାରେ ପଡ଼ି ଅତ୍ୟଧିକ ସ୍ପିନ୍ ହେବା ଫଳରେ ବାବରଙ୍କ ଡିଫେନ୍ସକୁ ଭେଦ କରି ଷ୍ଟମ୍ପରେ ବାଜିଥିଲା। ବାବର ୫୧ ବଲରେ ମାତ୍ର ୨୯ ରନ୍ କରିଥିଲେ। ଏହି ମ୍ୟାଚ୍ ପରେ ଅନ୍ତର୍ଜାତୀୟ କ୍ରିକେଟରେ ବାବରଙ୍କ ଶତକ ନକରିବା ଇନିଂସ ସଂଖ୍ୟା ୮୩ ରେ ପହଞ୍ଚିଛି। ତାଙ୍କର ଶେଷ ଶତକ ଏସିଆ କପ୍ ୨୦୨୩ ରେ ନେପାଳ ବିପକ୍ଷରେ ଆସିଥିଲା। ଏହି ବିଫଳତା ସହିତ ବାବର ଅନ୍ତର୍ଜାତୀୟ କ୍ରିକେଟରେ ଶତକ ନକରି ସର୍ବାଧିକ ୮୩ ଇନିଂସ୍ ଖେଳିବାରେ ଭାରତୀୟ ବ୍ୟାଟର୍ ବିରାଟ୍ କୋହଲିଙ୍କ ଅଲୋଡ଼ା ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଏସୀୟ ବ୍ୟାଟରମାନଙ୍କ ମଧ୍ୟରେ ଶ୍ରୀଲଙ୍କାର ସନତ ଜୟସୂରିୟା (୮୮ ଇନିଂସ୍) ଏହି ତାଲିକାର ଶୀର୍ଷରେ ଅଛନ୍ତି।

# ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲାରେ ହକି ପ୍ରତିଯୋଗିତା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ହକିର ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ହକି ଆସୋସିଏସନ ତରଫରୁ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ମୋରଡ଼ା ବ୍ଲକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗାଁ ପରିସରରେ ଓଡ଼ିଶା ସରକାର ଓ ଟାଟା ହକି ଦ୍ୱାରା ପରିଚାଳିତ ଗ୍ରାସରୁଟ ହକିକେନ୍ଦ୍ର ଠାରେ ମୟୂରଭଞ୍ଜ ଜିଲ୍ଲାର ୪ଟି ଦଳକୁ ନେଇ ପ୍ରତିଯୋଗିତା ହୋଇଥିଲା। ଭାରତୀୟ ହକିର ଏହି ଶହେ ବର୍ଷ ପୂର୍ତ୍ତି ଅବସରରେ ହକି କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨ଟି ବାଳକ୍ ଓ ୨ଟି ବାଳିକା ଦଳମଧ୍ୟରେ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା ଓ ସୁନିଲ କୁମାର ମହାନ୍ତ, ଡେଭିଡ ସାରଙ୍ଗ ଓ ଲକ୍ଷ୍ମୀପ୍ରିୟା ପୃଷ୍ଟି ପ୍ରତିଯୋଗିତା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗାଁର ପ୍ରଧାନ ଶିକ୍ଷକ ରାଇସେନ୍ ମୁର୍ମୁ ଚାମ୍ପିୟନ ହୋଇଥିବା ଚଢେଇଗାଁ ଉଚ୍ଚ ବିଦ୍ୟାଳୟର ଉଭୟ ବାଳକ ଓ ବାଳିକା ଦଳକୁ ପୁରସ୍କୃତ କରିଥିଲେ।



# 'ଗଞ୍ଜାମର କବିତାଘର'ର ବାର୍ଷିକ ସାହିତ୍ୟ ଉତ୍ସବ



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସର୍କିଟ ହାଉସ ସଭାଗୃହରେ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ ନିଜର ଏକାଦଶ ବାର୍ଷିକ ସାହିତ୍ୟ ଉତ୍ସବ ଆଡ଼ମ୍ବରପୂର୍ଣ୍ଣ ରୂପେ ପାଳିତ କଲା ଯେଉଁଥିରେ କେନ୍ଦ୍ରାପଡ଼ାରୁ ସମ୍ପାଦକ ବନମାଳି ସେନାପତି ମୁଖ୍ୟଅତିଥି, ଫୁଲବାଣୀରୁ କବି ବିଦେଶୀ ନାୟକ ସମ୍ମାନିତ ଅତିଥି, ଖଲ୍ଲିକୋଟରୁ କବି ସୁଧାଂଶୁ ଶେଖର ସାହୁ ଓ ଭୁବନେଶ୍ୱରରୁ ଶିକ୍ଷା ପ୍ରଶାସକ ଅବିନାଶ ଶତପଥି ସମ୍ମାନିତ ଅତିଥି, ଡା. ରାଜେନ୍ଦ୍ର କୁମାର ବେହେରା ସଭାପତି ଓ ଭାଗୀରଥି ବେହେରା ସଂଚାଳକ ଆସନରେ ଆସୀନ ଥିଲେ। ଏହି ଉତ୍ସବରେ କବି ଗୋପୀନାଥ ଦାଶଙ୍କୁ ରାଜ୍ୟସ୍ତରୀୟ କବିତା ସମ୍ମାନ, କବି ଧର୍ମାନନ୍ଦ ମହାରଣାଙ୍କୁ ଜିଲ୍ଲାସ୍ତରୀୟ କବିତା ସମ୍ମାନ, କବି ପ୍ରହଲ୍ଲାଦ ବେହେରାଙ୍କୁ ସ୍ୱର୍ଗତା ଦେବମଣି ସାହୁ କବିତା ପୁସ୍ତକ ସ୍ମୃତି ସମ୍ମାନ, କବି ସରୋଜବାଳା ପଟ୍ଟନାୟକଙ୍କୁ ସ୍ୱର୍ଗତା ରୁକୁଣା ବେହେରା କବିତା ପୁସ୍ତକ ସ୍ମୃତି ସମ୍ମାନ, କବି ଜ୍ୟୋସ୍ନା ରାଣୀ ଦେବୀଙ୍କୁ ସ୍ୱର୍ଗତା ପ୍ରମିଳା ସ୍ୱାଇଁ କବିତା ପୁସ୍ତକ ସ୍ମୃତି ସମ୍ମାନ ଏବଂ ଶ୍ରୀ ବନମାଳି ସେନାପତିଙ୍କୁ 'ପରାଗ' ପତ୍ରିକା ନିମନ୍ତେ ସମ୍ପାଦକ ସମ୍ମାନ ପ୍ରଦାନ କରାଗଲା। ତତ୍ ସହିତ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଭାଗୀରଥୀ କବିତାର ଗଙ୍ଗା ୨୦୨୫', ସ୍ୱତନ୍ତ୍ର ସଂକଳିତ କବିତା ସଙ୍କଳନ 'ମାଆ', ସୁଶ୍ରୀ ସନ୍ଧ୍ୟାରାଣୀ ଦେବୀଙ୍କ କବିତା ସଙ୍କଳନ 'ମୋ ଝର୍କାରୁ କୃଷ୍ଣଚୂଡ଼ା, ଜ୍ୟୋସ୍ନା ରାଣୀ ଦେବୀଙ୍କ କବିତା ସଙ୍କଳନ 'ନୀଳଛାୟା' ଓ ଗଳ୍ପ ସଂକଳନ 'ଅଜନ୍ମା', ଭାଗୀରଥି ବେହେରାଙ୍କ ଦୁଇଟି ଉପନ୍ୟାସ ତୃତୀୟ ପୁରୁଷ, ମାନବ ହିନ୍ଦୀ ସଂସ୍କରଣ ଓ ଯୋଗେଶ ଚନ୍ଦ୍ର ପ୍ରଧାନଙ୍କ ଗୀତିନାଟ୍ୟ 'ସାଧବ କନ୍ୟା' ଉନ୍ମୋଚିତ ହେଲା। କବିତା ପର୍ବରେ ଗୋପୀନାଥ ଦାଶ, ପ୍ରହଲ୍ଲାଦ ବେହେରା, ସୁବାସ ଚନ୍ଦ୍ର ସାହୁ, ତ୍ରିଲୋଚନ ଦାସ, ସରୋଜବାଳା ପଟ୍ଟନାୟକଙ୍କ ଉପସ୍ଥିତି ଏବଂ ଜ୍ୟୋସ୍ନା ରାଣୀ ଦେବୀ ସହ ସୁଶ୍ରୀ ସନ୍ଧ୍ୟାରାଣୀ ଦେବୀଙ୍କ ସଂଯୋଜନାରେ ଅନେକ କବି ନିଜର କବିତା ପାଠ କରି ସମ୍ବର୍ଦ୍ଧିତ ହେଲେ। ସହ ସଂପାଦକ ଧର୍ମାନନ୍ଦ ମହାରଣାଙ୍କ ସହ ଭାଗିରଥୀ ପଣ୍ଡା, ଜୟନ୍ତୀ ବେହେରା, ଶେଷଦେବ ବେହେରା, ସୁଦାମ ପାଣିଗ୍ରାହୀ, ରବି ନାରାୟଣ ମିଶ୍ର, ରବି ସେଠୀ ଆଦି କର୍ମକର୍ତ୍ତା ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

# ଝରଣା ବନ୍ଧର ଉନ୍ନତିକରଣ ଦାବି ନେଇ ସୋନପୁର ବଲାଙ୍ଗୀର ଏନ୍ ଏଚ୍‌୫୭ ରାସ୍ତା ଅବରୋଧ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ସଦର ବ୍ଲକ ଅନ୍ତର୍ଗତ ଏସ୍ କଳାପଥର ଗ୍ରାମର ଜନସାଧାରଣ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ତାଙ୍କ ଗ୍ରାମର ଏକମାତ୍ର ଜଳାଶୟର ଉନ୍ନତି କରଣ ପାଇଁ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ନପାଇବାରୁ ବାଧ ହୋଇ ସୋନପୁର ବଲାଙ୍ଗୀର ମୁଖ୍ୟ ଏନ୍‌ଏଚ୍ ୫୭ ଓ ସୋନପୁର ବିନିକା ରାସ୍ତା ଅବରୋଧ କରି ରାସ୍ତାମଝିରେ ବସିରହିଥିଲେ ଯାଫଳରେ ରାସ୍ତା ର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମଟର ଅଟକି ରହିଥିଲା। ପରେ ଖବରପାଇ ଜିଲ୍ଲାପାଳ ଡ. ନୃପରାଜସାହୁ ଓ ଏସ୍‌ପି ନାରାୟଣ ନାୟକ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ପରେ ଜିଲ୍ଲା ପାଳ ଡ. ସାହୁ ସ୍ଥିତି ପରଖିବା ପାଇଁ ସଂପୃକ୍ତ ଲୋକମାନଙ୍କ ସହ ଝରଣା ବନ୍ଧକୁ ଯାଇ ସରଜମିନ ତଦନ୍ତ ପୂର୍ବକ ତା'ର ଗୁରୁତ୍ୱକୁ ଉପଲବ୍ଧି କରି ସେଗୁଡ଼ିକର ସମାଧାନ ପାଇଁ ଉପସ୍ଥିତ ଜନସାଧାରଣଙ୍କ ସହ ଆଲୋଚନା କରି ତାଙ୍କର ଦାବିକୁ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଲୋକମାନେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ଆଧାର କରି ରାସ୍ତା ଅବରୋଧକୁ ହଟେଇ ନେଇଥିଲେ। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।



# ହର୍ମନପ୍ରୀତଙ୍କୁ କ୍ୟାପ୍ଟେନ୍ସିରୁ ହଟାଇବା ଦରକାର : କ୍ରିକେଟର ଶାନ୍ତା ରଙ୍ଗାସ୍ୱାମୀ



**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ଶାନ୍ତା ରଙ୍ଗାସ୍ୱାମୀ କ୍ୟାପ୍ଟେନ ହର୍ମନପ୍ରୀତ କୌରଙ୍କ ବିଷୟରେ ଏକ ବଡ଼ ବୟାନ ଦେଇ କହିଛନ୍ତି। ହର୍ମନପ୍ରୀତ ଅଧିନାୟକ ପଦ ଛାଡ଼ି ତାଙ୍କ ବ୍ୟାଟିଂ ଏବଂ ଫିଲ୍ଡିଂ ଉପରେ ଅଧିକ ଧ୍ୟାନ ଦେବା ଉଚିତ ବୋଲି କହିଛନ୍ତି। ରଙ୍ଗାସ୍ୱାମୀ ଜୋର ଦେଇଛନ୍ତି ଯେ ଦଳର ଭବିଷ୍ୟତକୁ ଧ୍ୟାନରେ ରଖି ଏହି ପରିବର୍ତ୍ତନ କରାଯିବା ଉଚିତ୍। ହର୍ମନପ୍ରୀତଙ୍କ ନେତୃତ୍ୱରେ ଭାରତ ବିଶ୍ୱ ବିଜୟୀ ହୋଇଛି। ତାଙ୍କ ବିଷୟରେ ପୂର୍ବ କ୍ରିକେଟରଙ୍କ ବୟାନକୁ ନେଇ ହଇଚଇ ସୃଷ୍ଟି କରିଛି। ଏହାକୁ ନେଇ ପ୍ରଶଂସକମାନେ ରଙ୍ଗାସ୍ୱାମୀଙ୍କୁ ସମାଲୋଚନା କରିଛନ୍ତି।

ଅନ୍ୟପକ୍ଷରେ, ଜାତୀୟ ଗଣମାଧ୍ୟମକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ, ପୂର୍ବତନ ଭାରତୀୟ ଅଧିନାୟକ ଅଞ୍ଜୁମ ଚୋପ୍ରା ରଙ୍ଗାସ୍ୱାମୀଙ୍କ ବୟାନ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ପ୍ରତ୍ୟେକ ବିଶ୍ୱକପ୍ ପରେ ଏହିପରି ଏକ ବୟାନ ବାହାରକୁ ଆସେ। ଗତ ୪ କିମ୍ବା ୫ଟି ବିଶ୍ୱକପ୍ ଦେଖନ୍ତୁ ଏପରି ବୟାନ କେତେଥର ଦିଆଯାଇଛି। ଯେତେବେଳେ ଭାରତ ଏକ ଟୁର୍ଣ୍ଣାମେଣ୍ଟ ହାରିଯାଏ, ସେମାନେ କୁହନ୍ତି ଯେ ହର୍ମନପ୍ରୀତଙ୍କୁ ହଟାଇବା ଉଚିତ୍। ଯେତେବେଳେ ଭାରତ ଏକ ଟୁର୍ଣ୍ଣାମେଣ୍ଟ ଜିତିଥାଏ, ସେମାନେ କୁହନ୍ତି ଯେ, ହର୍ମନପ୍ରୀତଙ୍କୁ ହଟାଇବା ଉଚିତ୍। ଏହା ବଡ଼ ବିଚିତ୍ର। ପ୍ରତିଥର ଏପରି ବୟାନ ଦିଆଯାଇଥାଏ। ମୁଁ ଏବେ ଏହା ଉପରେ ମନ୍ତବ୍ୟ ଦେବାକୁ ଚାହୁଁନାହିଁ କାରଣ ଏହା ଭାରତର ବିଜୟର ମୁହୂର୍ତ୍ତକୁ ନଷ୍ଟ କରିଦେବ।

ହର୍ମନପ୍ରୀତଙ୍କ ବିଷୟରେ ପୂର୍ବ ଭାରତୀୟ କ୍ୟାପ୍ଟେନ ଅଞ୍ଜୁମ ଅହୁରି କହିଛନ୍ତି, 'ଯେତେବେଳେ ମୁଁ ପ୍ରଥମ ଦିନରେ ତାଙ୍କୁ ଦେଖିଥିଲି, ସେ ଆମ ସହିତ ଘରୋଇ କ୍ରିକେଟ୍ ଖେଳୁଥିଲେ। ପରେ, ଆମେ ସମସ୍ତେ ୨୦୦୭-୦୮ରେ ଚ୍ୟାଲେଞ୍ଜର ଟ୍ରଫି ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ମୁମ୍ବାଇର ଏକ ଭାରତୀୟ ଶିବିରରେ ଥିଲୁ। ମୁଁ ଅନୁଭବ କଲି ଯେ ସେ କେତେ ପ୍ରତିଭାବାନ, ଜଣେ ୧୯ ବର୍ଷରୁ କମ୍ ଖେଳାଳି ଯିଏ ବଲକୁ ବହୁତ ଦୂରକୁ ମାରି ପାରୁଥିଲେ। ମୁଁ ନିଶ୍ଚିତ ହୋଇଗଲି ଯେ ସେ ସ୍ୱତନ୍ତ୍ର। ଭାରତୀୟ ଦଳରେ ଯୋଗ ଦେବା ପୂର୍ବରୁ, ମୁଁ ତାଙ୍କ ସହିତ ଘରୋଇ କ୍ରିକେଟ୍ ଖେଳିଥିଲି। ସେହି କିଛି ମ୍ୟାଚ୍‌ରେ ସେ ଯେଉଁ ଦକ୍ଷତା ପ୍ରଦର୍ଶନ କରିଥିଲେ ତାହା ମୋତେ ବହୁତ ପ୍ରଭାବିତ କରିଥିଲା। ପ୍ରଥମ ଦିନରୁ ଆଜି ପର୍ଯ୍ୟନ୍ତ, କେବେ ଭାବି ନଥିଲି ଯେ ସେ ମ୍ୟାଚ୍ ବିଜେତା ନୁହଁନ୍ତି।



# ଭୁବନେଶ୍ୱରରେ ଏସବିଆଇ ଏଫପିଓ କନେକ୍ଟ କାର୍ଯ୍ୟକ୍ରମର ଆୟୋଜନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱର ସର୍କଲ, ଏପିଏମଏଏସ ଏବଂ ସିଓ୍ୱାଇଏସଡି ପକ୍ଷରୁ ଭୁବନେଶ୍ୱର ସ୍ଥିତ ଷ୍ଟେଟ ବ୍ୟାଙ୍କ ଇନଷ୍ଟିଚ୍ୟୁଟ ଫର ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ ଠାରେ ତା ୦୭.୧୧.୨୦୨୫ ରିଖ ରେ ଏସବିଆଇ ଏଫପିଓ କନେକ୍ଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଏସବିଆଇର ୨୦ରୁ ଅଧିକ ଅଧିକାରୀଙ୍କ ସହିତ ମୋଟ ୪୯ଟି ଏଫପିଓ ଏବଂ ୧୬ ଜଣ ଏଫପିଓ ପ୍ରମୋଟର ପ୍ରତିନିଧି ଯୋଗ ଦେଇଥିଲେ । ୪୭ଟି ଏଫପିଓର ଡେସ୍କ ଆକଳନ କରାଯାଇଥିଲା ଏବଂ ୪୫ଟି ଏଫପିଓକୁ ନୀତିଗତ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା । ଭାରତରେ ଏଫପିଓଗୁଡ଼ିକର ଏକ ସଂକ୍ଷିପ୍ତ ବିବରଣୀ ଏବଂ ଏଫପିଓଗୁଡ଼ିକୁ କିଭଳି ଭାବେ ବ୍ୟବସାୟିକ ସଂଗଠନରେ ବିକଶିତ କରାଯାଇପାରିବ ସେ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ସୂଚନା ଦିଆଯାଇଥିଲା । ଏଫପିଓ ଗୁଡିକ ପାଣ୍ଠି ଯୋଗାଣକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିବା ପାଇଁ, ସଦସ୍ୟ ମାଲିକାନା, ସେମାନଙ୍କର ଆକାଉଣ୍ଟିଂ ଏବଂ ବୁକକିପିଂ ପ୍ରଣାଳୀ ତଥା ବ୍ୟବସାୟ ଯୋଜନା ଓ ବଜାର ସଂଯୋଗ ସହିତ ସେମାନଙ୍କର ବ୍ୟବସାୟ-ପ୍ରସ୍ତୁତିରେ ଉନ୍ନତି ଆଣିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଭାରତୀୟ ଷ୍ଟେଟ ବ୍ୟାଙ୍କ ବିଭିନ୍ନ ସିବିବିଓ / ଏନଜିଓ ସହଯୋଗରେ ସାରା ଭାରତରେ ଏଭଳି ଏଫପିଓ କନେକ୍ଟ କାର୍ଯ୍ୟକ୍ରମ ଆୟୋଜନ କରୁଛି । ଏହି ସିରିଜର ଏହା ୧୪ ତମ କାର୍ଯ୍ୟକ୍ରମ ଥିଲା ।

# ବାଲି ଯାତ୍ରା ପାଇଁ କଟକ ରେଳ ଷ୍ଟେସନରେ ଖୋଲିଲା ଅତିରିକ୍ତ ଟିକେଟ କାଉଣ୍ଟର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲି ଯାତ୍ରା ମହୋତ୍ସବ ସମୟରେ କଟକ ଆସୁଥିବା ବହୁ ସଂଖ୍ୟକ ଯାତ୍ରୀମାନଙ୍କୁ ସୁବିଧା ଯୋଗାଇବା ପାଇଁ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ସୁଗମ ଟିକେଟିଂ ବ୍ୟବସ୍ଥା, ଯାତ୍ରୀ ସୁବିଧା ଏବଂ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି । ବାଲି ଯାତ୍ରା ସମୟରେ ମାତ୍ରାଧିକ ଯାତ୍ରୀ ଭିଡ଼କୁ ପରିଚାଳନା କରିବା ପାଇଁ କଟକ ରେଳ ଷ୍ଟେସନରେ ଅତିରିକ୍ତ ଟିକେଟ ବୁକିଂ କାଉଣ୍ଟର ଖୋଲାଯାଇଛି ଏବଂ ହଠାତ୍ ବୃଦ୍ଧି ପାଉଥିବା ଚାହିଦାକୁ ପୂରଣ କରିବା ପାଇଁ ଏଟିଭିଏମ ରୁ ଟିକେଟ୍ ପାଇବାରେ ସାହାଯ୍ୟ କରିବା ପାଇଁ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି । ଯାତ୍ରୀମାନଙ୍କୁ ସହାୟତା କରିବା ଏବଂ ଦ୍ରୁତ ଟିକେଟ୍ ସେବା ସୁନିଶ୍ଚିତ କରିବା ପାଇଁ ବାଣିଜ୍ୟ ବିଭାଗ ତରଫରୁ ପର୍ଯ୍ୟାପ୍ତ ମାନବସମ୍ବଳ ନିୟୋଜିତ କରାଯାଇଛି । ଯାତ୍ରୀଙ୍କ ନିରାପତ୍ତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରେଳ ସୁରକ୍ଷା ବଳ କୁ ସତର୍କ ରଖାଯାଇଛି । କଟକ ଷ୍ଟେସନ ଏବଂ ଏହାର ଆଖପାଖ ପରିସରରେ ନିରନ୍ତର ଭିଡ଼ ତଦାରଖ ଏବଂ ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟକାରୀ କରାଯାଉଛି । ସୁଗମ ଯାତ୍ରୀ ଭିଡ଼ ଗତିବିଧି ପାଇଁ ଯାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ସହାୟତା କରିବା ପାଇଁ ବାଣିଜ୍ୟିକ ବିଭାଗରୁ ଅତିରିକ୍ତ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ବାଲି ଯାତ୍ରା ସମୟରେ ଏକ ସୁରକ୍ଷିତ ଏବଂ ସୁଖଦ ଯାତ୍ରା ଅଭିଜ୍ଞତା ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ସମସ୍ତ ଯାତ୍ରୀଙ୍କୁ ରେଳ କର୍ମଚାରୀ ଓ ଅଧିକାରୀମାନଙ୍କୁ ସହଯୋଗ କରିବା ଏବଂ ଷ୍ଟେସନ ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଉଛି ।

# ନୂଆପଡ଼ାରେ ନକଲି ଭୋଟରଙ୍କୁ ଆୟୁଧ କରିଛି ବିଜେପି: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆପଡ଼ାର ଅସଲି ଭୋଟରଙ୍କ ଜାଗାରେ ଭୋଟ ଦେଇଛନ୍ତି ଛତିଶଗଡ଼ରୁ ଆସିଥିବା ଲୋକ । ଆଜି ମତଦାନକୁ ନେଇ ଏପରି ସାଙ୍ଘାତିକ ଅଭିଯୋଗ ଆଣି ବିଜେପି ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି ବିଜୁ ଜନତା ଦଳ । ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ ଅଭିଯୋଗ ପତ୍ରରେ କୁହାଯାଇଛି ଯେ, ନୂଆପଡ଼ା ଉପନିର୍ବାଚନରେ ବ୍ୟାପକ ହେରଫେରରେ ବିଜେପି ସାମିଲ ଅଛି । ଏକ ବଡ଼ ଷଡ଼ଯନ୍ତ୍ରକ୍ରମେ ବିଜେପି ଛତିଶଗଡ଼ ଓ ଅନ୍ୟାନ୍ୟ ସ୍ଥାନରୁ ଲୋକଙ୍କୁ ଆଣି ସଂଗଠିତ ଭାବେ ବିଭିନ୍ନ ବୁଥ୍ ନିକଟରେ ରଖିଥିଲା । ସେମାନେ ନକଲି ପରିଚୟପତ୍ର ବଳରେ ବିଭିନ୍ନ ବୁଥ୍ରେ ପଶି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ସପକ୍ଷରେ ଭୋଟ ଦେଇଛନ୍ତି ବୋଲି ବିଜେଡି ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି । ବିଜେଡ କହିଛି ଯେ, କ୍ଷମତା ହାତେଇବା ନିଶାରେ ବିଜେପି ନେତାମାନେ ଲୋକତନ୍ତ୍ରକୁ ଥଟ୍ଟା ମଜାରେ ପରିଣତ କରିଛନ୍ତି । ନୂଆପଡ଼ାବାସୀଙ୍କ ଆକ୍ରୋଶ ଭୋଟରେ ପ୍ରତିଫଳିତ ହେଉଥିବା ଦେଖି ବିଜେପି ବିରାଟ ବଡ଼ ଷଡ଼ଯନ୍ତ୍ର କ୍ରମେ ନକଲି ଭୋଟରଙ୍କ ସହାୟତା ନେଇ ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ପଛାଇ ନାହିଁ । ସୁଚିନ୍ତିତ ଯୋଜନାକ୍ରମେ ଅପରାହ୍ନ ୩.୩୦ ପରେ ନକଲି ଭୋଟର ମାନଙ୍କୁ ବିଭିନ୍ନ ବୁଥ୍ରେ ପଶିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଦୂରଦୂରାନ୍ତରୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ କାହିଁ କେତେ ସାଧାରଣ ଭୋଟର ଧାଇଁ ଆସିଥିଲେ । କିନ୍ତୁ ନକଲି ଭୋଟର ଓ ପ୍ରଶାସନିକ ବିଫଳତା ପାଇଁ ସେମାନେ ନିଜ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଲେ । ନୂଆପଡ଼ାର ସମସ୍ତ ଅତିସମ୍ବେଦନଶୀଳ ବୁଥ୍ ଗୁଡ଼ିକ ସମ୍ପର୍କରେ ବିଜେଡି ଆଗୁଆ ସୂଚନା ଦେଇ ବିହିତ ପଦକ୍ଷେପ ନେବା ଲାଗି ଅନୁରୋଧ କରିଥିଲା । କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ । ସବୁ ନୀତି, ନୈତିକତାକୁ ଜଳାଞ୍ଜଳି ଦେଇ ବିଜେପି ନୂଆପଡ଼ା ଉପନିର୍ବାଚନ ଜିତିବା ପାଇଁ ଉଦ୍ୟମ କରିଛି । ଏହାକୁ ବିଜେଡି ଘୋର ନିନ୍ଦା କରିବା ସହିତ ନିର୍ବାଚନର ପବିତ୍ରତା ରକ୍ଷା କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ବିଜେଡିର ଏହି ପ୍ରତିନିଧି ଦଳରେ ଶ୍ରୀମତୀ ସୁଲତା ଦେଓ, ଡ଼ ଲେନିନ୍ ମହାନ୍ତି, ଶ୍ରୀ ମିହିର ରାୟ, ଶ୍ରୀ ତୁମ୍ବନାଥ ପଣ୍ଡା, ଶ୍ରୀମତୀ ଇପସୀତା ସାହୁ, ଶ୍ରୀ ନାରାୟଣ ଜେନା, ସୋଫିଆ ଆଲାମ, ଶ୍ରୀମତୀ ରୀତାଞ୍ଜଳି ପ୍ରଧାନ, ଶ୍ରୀମତୀ ଇଲ୍ଲା ସ୍ୱାଇଁ, ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ପରିଡ଼ା ଓ ଶ୍ରୀମତୀ ଅଂଶୁ ତ୍ରିପାଠୀ ସାମିଲ ଥିଲେ ।

# ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ ମେଗା ଶିବିର ଆୟୋଜନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ କରାଇବା କ୍ଷେତ୍ରରେ ସହଜ ସେବା ଉପଲବ୍ଧ କରାଇବା ପାଇଁ ରେଳ ମନ୍ତ୍ରଣାଳୟର ପରାମର୍ଶ ଅନୁଯାୟୀ ଦେଶବ୍ୟାପୀ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ ୪.୦ ନଭେମ୍ବର ମାସ ପହିଲା ଠାରୁ ୩୦ ନଭେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେଉଛି । ହିତାଧିକାରୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୁନିଶ୍ଚିତ କରିବା ପାଇଁ, ରେଳମଣ୍ଡଳ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନଗୁଡ଼ିକରେ ବ୍ୟାନର ଏବଂ ସୂଚନା ପ୍ରଦର୍ଶନ ମାଧ୍ୟମରେ ପ୍ରଚାର କାର୍ଯ୍ୟକ୍ରମ ଗ୍ରହଣ କରିଥିଲାବେଳେ ସେମାନଙ୍କ ସୂଚନା ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରିଥିଲା । ପଲାସା, ବ୍ରହ୍ମପୁର, ବାଲୁଗାଁ ଏବଂ ପୁରୀରେ ଚାରିଟି ଡିଏଲସି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇସାରିଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଆଗାମୀ ମେଗା ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ (ଡିଏଲସି) ଶିବିରଗୁଡ଼ିକ ମଧ୍ୟରେ ୧୩ ନଭେମ୍ବରରେ ଖୋର୍ଦ୍ଧା ରୋଡ୍ ମୁଖ୍ୟାଳୟ (ଟ୍ରାଫିକ୍ କଲୋନି କଲ୍ୟାଣ ମଣ୍ଡପ) ଠାରେ ସ୍ୱାସ୍ଥ୍ୟ ଶିବିର ସହିତ ଆୟୋଜିତ ହେବାକୁ ଥିବାବେଳେ ୧୫ ନଭେମ୍ବରରେ ଭୁବନେଶ୍ୱର (ଷ୍ଟେସନ୍), ୧୭ ନଭେମ୍ବରରେ କଟକ ରେଳ ଇନସ୍ଟିଚ୍ୟୁଟ, ୧୯ ନଭେମ୍ବରରେ କେନ୍ଦୁଝରଗଡ଼ ରେଳ ଷ୍ଟେସନ, ୨୦ ନଭେମ୍ବର ରେ ଅନୁଗୁଳ (ଇଲେକ୍ଟ୍ରିକ୍ ଲୋକୋ ସେଡ୍ ମିଟିଂ ହଲ୍), ୨୪ ନଭେମ୍ବର ୨୦୨୫ରେ ତାଳଚେର ରେଳ ଷ୍ଟେସନ, ୨୭ ନଭେମ୍ବର ୨୦୨୫ରେ ଭଦ୍ରକ ରେଳ ଷ୍ଟେସନ




ଏବଂ ୨୮ ନଭେମ୍ବର ୨୦୨୫ରେ ପାରାଦୀପ (ଏରିଆ ମ୍ୟାନେଜର ବିଲଡିଂ)ରେ ଏହି ମେଗା ଶିବିର ଆୟୋଜନ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି ।

ସମସ୍ତ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସୁଗମ ଭାବରେ ଦାଖଲ କରିବା ପାଇଁ ନିକଟତମ ଶିବିରରେ ଯୋଗଦେବାକୁ ଅନୁରୋଧ କରାଯାଇଛି ଏବଂ ସେମାନଙ୍କୁ ସେମାନଙ୍କର ଆଧାର କାର୍ଡ, ପେନସନ ପେ ଅର୍ଡର (ପିପିଓ) ନମ୍ବର, ପେନସନ ଆକାଉଣ୍ଟ ନମ୍ବର ଏବଂ ଆଧାର ସହିତ ଲିଙ୍କ୍ ଥିବା ପଞ୍ଜିକୃତ ମୋବାଇଲ୍ ନମ୍ବର/ଫୋନ ଆଣିବାକୁ ପରାମର୍ଶ ଦିଆଯାଇଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମସ୍ତ ସମ୍ପୃକ୍ତ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସମୟସୀମାରେ ଦାଖଲ କରିବା ପାଇଁ ଏହି ଶିବିରଗୁଡ଼ିକର ସୁବିଧା ନିଅନ୍ତୁ ଯାହା ଦ୍ୱାରା ନିରବଚ୍ଛିନ୍ନ ପେନସନ ବଣ୍ଟନ ସୁନିଶ୍ଚିତ ହୋଇପାରିବ।

# ମିଶନ ପାୱାରର ପ୍ରଥମ ବୈଠକ : ସମନ୍ୱିତ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ପାଇଁ ଗଠନ ହେବ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗ୍ରାମ ହେଉ ଅବା ସହରାଞ୍ଚଳ, ନିର୍ବିଶେଷରେ ବିଦ୍ୟୁତ, ପାନୀୟ ଜଳ ଯୋଗାଣ ଏବଂ ସଡ଼କ ହେଉଛି ନାଗରିକଙ୍କ ତିନିଟି ମୌଳିକ ଆବଶ୍ୟକତା । ଏହି ସମସ୍ୟାଗୁଡ଼ିକର ସମାଧାନ ଏବଂ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ, ମିଶନ ପାୱାର ନାମକ ଏକ ସମନ୍ୱିତ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ରାଜ୍ୟର ପ୍ରତ୍ୟେକ ଗ୍ରାମରେ ୨୦୨୭ ସୁଦ୍ଧା ନିତିଦିନିଆ ରାସ୍ତା, ବିଜୁଳି ଓ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୋଣ ଏବଂ ନିର୍ଦ୍ଦେଶକୁ ସାକାର କରିବା ପାଇଁ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ମଧ ବୈଠକରେ ଉପସ୍ଥିତ ଥିଲେ । ନିୟମିତ ଭାବେ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ପାଇଁ ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କ ସହିତ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ଆଲୋଚନା ଅନୁଯାୟୀ, ନିୟମିତ ଭାବରେ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ପାଇଁ ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କ ସହିତ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯିବ । ପଞ୍ଚାୟତୱାରୀ ସ୍ଥିତି ରିପୋର୍ଟ ପାଇଁ ରୋଡମ୍ୟାପ୍ ଏବଂ ସମୟସୀମା ଧାର୍ଯ୍ୟ କରାଯାଇ ନିୟମିତ ଭାବରେ ଜିଲ୍ଲା କଲେକ୍ଟରମାନଙ୍କ ଠାରୁ ସଂଗ୍ରହ କରାଯିବ । 'ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍, ପାନୀୟ ଜଳ ଏବଂ ଶେଷ ମାଇଲ୍ ପର୍ଯ୍ୟନ୍ତ ସଡ଼କ ସଂଯୋଗୀକରଣ ଯୋଗାଇବା ଏହି ମିଶନ୍ ପାୱାରର ଉଦ୍ଦେଶ୍ୟ' । ଏହି ମିଶନ୍ ତିନୋଟି ପରିଭାଷିତ ନୀତି ଯଥା, 'ଗତି, ପରିମାଣ ଏବଂ ମାନକ (ଗୁଣବତ୍ତା)' ଉପରେ କାର୍ଯ୍ୟ କରିବ ବୋଲି, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ମାର୍ଚ୍ଚ ୨୦୨୭ ସୁଦ୍ଧା ପାନୀୟ ଜଳର ସାର୍ବଜନୀନ କଭରେଜ ବା ପ୍ରତ୍ୟେକ ଘରକୁ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସୁସ୍ଥ ଜୀବନ ସୁନିଶ୍ଚିତ କରିବା ପାଇଁ ଫ୍ଲୋରାଇଡ ପ୍ରଭାବିତ ଅଞ୍ଚଳରେ ଫ୍ଲୋରାଇଡ୍ ରିମୁଭର ଯୋଜନା ମଧ ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବ । ଶେଷ ମାଇଲ ସଡ଼କ ସଂଯୋଗୀକରଣ ପାଇଁ ଜିଲ୍ଲାପାଳମାନଙ୍କ ସହାୟତାରେ ସମସ୍ତ ତିନୋଟି ବିଭାଗ ଦ୍ୱାରା ଏକ ସାଚୁରେସନ ଡ୍ରାଇଭ୍ କରାଯିବ । ବାକି ଥିବା ବସତି, ଗ୍ରାମଗୁଡ଼ିକୁ ଛୋଟ କିମ୍ବା ଏକକ ପ୍ରକଳ୍ପ ମାଧ୍ୟମରେ ଯୋଡ଼ାଯାଇ କାର୍ଯ୍ୟାନ୍ୱୟନ କରାଯିବ । ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ କମିଶନର ତଥା ଶାସନ ସଚିବ ଏସଏନ ଗିରିଶ, ନିର୍ଦ୍ଦେଶକ ପାନୀୟ ଜଳ ଓ ପରିମଳ ବିନୀତ କୁମାର ଭରଦ୍ୱାଜ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶକ୍ତି, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

# ଓଏମ୍ସି ଏମ୍ଡ଼ି ସୁଧାଂଶୁ ମୋହନଙ୍କ ୨ଦିନିଆ ବଡ଼ବିଲ ଖଣି ଅଞ୍ଚଳ ପରିଦର୍ଶନ : ଉତ୍ପାଦନ ବୃଦ୍ଧିକୁ ଫୋକସ୍



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଖଣି ନିଗମ ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ବଡ଼ବିଲ ଅଞ୍ଚଳରେ ନିଗମର ଲୁହା ଖଣିଗୁଡ଼ିକର ଦୁଇ ଦିନିଆ ସମୀକ୍ଷା ପରିଦର୍ଶନ କରିଛନ୍ତି । ତାଙ୍କ ସହିତ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଲ, ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣି ଏବଂ ମୁଖ୍ୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପରିଦର୍ଶନରେ ଓଏମସିର ଲୁହା ପଥର ଖଣି ଗୁଡ଼ିକରେ ଉତ୍ପାଦନ ବୃଦ୍ଧି ସହ ବିଭିନ୍ନ ଯନ୍ତ୍ରପାତିର ସୁବିନିଯୋଗ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପ୍ରଥମ ଦିନରେ, ଗୁଆଳି, ବାଂଶପାଣି ଏବଂ ଜିଲିଙ୍ଗ-ଲାଙ୍ଗାଲୋଟା ଲୁହା ଖଣିରେ ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ କାର୍ଯ୍ୟ ସମୀକ୍ଷା କରିଥିଲେ । ଏହା ପରେ ବଡ଼ବଲି ଅଂଚଳରେ ଓଏମସି ର ସମସ୍ତ ଖଣି ପରିଚାଳକ ମାନଙ୍କ ସହିତ ଆଲୋଚନା କରି ଚଳିତ ଆର୍ଥିକ ବର୍ଷ ରେ ଉତ୍ପାଦନ ବୃଦ୍ଧି ବଜାୟ ରଖି ଗତ ଆର୍ଥିକ ବର୍ଷ ତୁଳନାରେ ଲୁହା ଉତ୍ପାଦନରେ ଅଧିକ ଅଭିବୃଦ୍ଧି ସୁନିଶ୍ଚିତ କରି ନୂତନ ରେକର୍ଡ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଗୁଆଳି, ବାଂସପାଣି, ଜିଲିଙ୍ଗ-ଲାଙ୍ଗାଲୋଟା, ଗନ୍ଧମାର୍ଦ୍ଦନ, ତିରିଂପାହାର, ରୋଇଡା ସି, ଉଞ୍ଚାବାଲି, ଖଣ୍ଡବନ୍ଧ ଏବଂ ଦୁବନା-ସେକରାଡିହି ସମେତ ବଡ଼ବିଲ ଅଞ୍ଚଳର ଖଣି ପରିଚାଳକମାନଙ୍କ ସହିତ ଆଲୋଚନା କରିଥିଲେ । ଦ୍ୱିତୀୟ ଦିନରେ, ଓଏମ୍ସି ପରିଚାଳନା ନିର୍ଦ୍ଦେଶକ ରୋଇଡା ସି, ତିରିଂପାହାଡ , ଖଣ୍ଡବନ୍ଧ, ଉଞ୍ଚାବଲି ଏବଂ ଡୁବୁନା-ସେକରାଡିହି ଖଣିରେ କାର୍ଯ୍ୟକ୍ଷମତା ସ୍ଥିତି ସମୀକ୍ଷା କରିଥିଲେ । ଉକ୍ତ ଉତ୍ପାଦନ ଲକ୍ଷ୍ୟ ହାସଲ କରିବା ସହ, ଚଳିତ ଆର୍ଥିକ ବର୍ଷର ବିକ୍ରୟ ଲକ୍ଷ୍ୟ ପୂରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ' ଉଦ୍‌ଘାଟିତ

# ୩୦ ଜିଲ୍ଲାର ପ୍ରାୟ ୫୦୦ ଶିଶୁ ହେଲେ ସାମିଲ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ୫ ଦିନ ଧରି କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେଉଛି । ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଶିଶୁ ଅଂଶଗ୍ରହଣ କରି ଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରିବେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ଯୋଜନାର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ କୃତିବାସ ରାଉତ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରତ୍ୟେକ ଶିଶୁ ମଧ୍ୟରେ ଭରି ରହିଥିବା ପ୍ରତିଭାର ପରିପ୍ରକାଶ ନିମନ୍ତେ 'ମହକ' ଏକ ପ୍ରକୃଷ୍ଟ ମଞ୍ଚ ହେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ । ରାଜ୍ୟର ଶିଶୁମାନଙ୍କ ମଧ୍ୟରେ ଓଡ଼ିଶାର ଆଗାମୀ ଦିନର ଭବିଷ୍ୟତ ସୁପ୍ତ ଭାବରେ ରହିଛି ଓ ଉପଯୁକ୍ତ ମାର୍ଗଦର୍ଶନ ଏବଂ ପରିବେଶ ନିର୍ମାଣ ହୋଇପାରିଲେ ସେମାନେ ଉତ୍ତମ ନାଗରିକ ସଂସ୍କୃତି ନିର୍ମାଣ ସହ ଦେଶ ଓ ଜାତିର ବିକାଶରେ ଭାଗୀଦାର ହୋଇପାରିବେ । ଏହି ଉଦ୍‌ଘାଟନୀ ଉତ୍ସବରେ ମିଶନ ବାତ୍ସଲ୍ୟ ସଫଳତା ଉପରେ ଏକ ବୃତ୍ତଚିତ୍ର ପରିବେଷିତ ହୋଇଥିଲା । ଏଥି ସହ ଓଡ଼ିଶାରେ ଶିଶୁ ସୁରକ୍ଷା ଯାତ୍ରା ଉପରେ ଆଧାରିତ ଏକ କଫି ଟେବୁଲ୍ ବୁକ୍‌କୁ ଅତିଥିମାନେ ଉନ୍ମୋଚିତ କରିଥିଲେ ।

# ଆସନ୍ତା ୧୮ରେ ରାଷ୍ଟ୍ରପତି ପ୍ରଦାନ କରିବେ ଜଳ ସଞ୍ଚୟ ଜନ ଭାଗିଦାରୀ ପୁରସ୍କାର : ରାଜ୍ୟର ୫ ଜିଲ୍ଲା ମନୋନୀତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଳ ଶକ୍ତି ମନ୍ତ୍ରଣାଳୟ ଜଳ ସଂଚୟ ଜନ ଭାଗୀଦାରୀ ପ୍ରୟାସ ଅନ୍ତର୍ଗତ ଉତ୍କୃଷ୍ଟ ପ୍ରଦର୍ଶନକାରୀଙ୍କ ପାଇଁ ପୁରସ୍କାର ଘୋଷଣା କରିଛି । ଏଥିରେ ଓଡିଶାର ୫ଟି ଜିଲ୍ଲା ମନୋନୀତ ହୋଇଛି । ଓଡ଼ିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା,କଟକ ଜିଲ୍ଲା ରହିଛି । ପୁରସ୍କାର ବାବଦକୁ ୨୫ ଲକ୍ଷ ଟଙ୍କା ମିଳିବ । ୨୦୨୫ ମସିହା ପାଇଁ ପୁରସ୍କାରଗୁଡ଼ିକ ନଭେମ୍ବର ୧୮ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ଏକ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ କରିବେ । ଜଳ ସଞ୍ଚୟ ଜନ ଭାଗିଦାରୀ ପଦକ୍ଷେପ ୨୦୨୪ ସେପ୍ଟେମ୍ବର ୬ରେ ଗୁଜୁରାଟର ସୁରଟ ଠାରେ ଆରମ୍ଭ କରାଯାଇଥିଲା । ଏହି ପଦକ୍ଷେପ ଅଧୀନରେ ରାଜ୍ୟଗୁଡ଼ିକୁ ପାଞ୍ଚଟି ଜୋନରେ ବିଭକ୍ତ କରାଯାଇଛି । ଜିଲ୍ଲାଗୁଡ଼ିକୁ ସର୍ବନିମ୍ନ ୧୦ ହଜାର କୃତ୍ରିମ ପୁନଃଭରଣ ଏବଂ ସଂରକ୍ଷଣ ଢାଞ୍ଚା ନିର୍ମାଣ କରିବେ । ଉତ୍ତର-ପୂର୍ବ ଏବଂ ପାହାଡିଆ ରାଜ୍ୟଗୁଡ଼ିକର ଜିଲ୍ଲାଗୁଡ଼ିକ ପାଇଁ ଏହି ସଂଖ୍ୟା ୩ ହଜାର ରହିଛି । ଯେତେବେଳେ ଦେଶବ୍ୟାପୀ ନଗର ନିଗମ ପାଇଁ ଏହା ୧୦ ହଜାର ରହିଛି । ଏହି ଢାଞ୍ଚାଗୁଡ଼ିକ ମଧ୍ୟରେ ଛାତ ଉପରେ ବର୍ଷାଜଳ ଅମଳ, ହ୍ରଦ, ପୋଖରୀ ଏବଂ ଷ୍ଟେପୱେଲର ପୁନରୁଦ୍ଧାର ଅନ୍ତର୍ଭୁକ୍ତ । ସହରାଞ୍ଚଳ ଜଳ ସଂରକ୍ଷଣ ପ୍ରୟାସକୁ ସୁଦୃଢ଼ କରିବା ପାଇଁ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଜଳ ଶକ୍ତି ମନ୍ତ୍ରଣାଳୟ ସହିତ ସହଭାଗୀ ରହିଛି । ଚଳିତ ବର୍ଷ ମୋଟ ୧୦୦ ପୁରସ୍କାର ଘୋଷଣା କରାଯାଇଛି ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଦିଲ୍ଲୀ ବିସ୍ଫୋରଣ ...

ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି ସମୟରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଙ୍ଗୋଲାରୁ ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ଫୋନରେ କଥା ହୋଇ ଦିଲ୍ଲୀ ବିସ୍ଫୋରଣ ବିଷୟରେ ପଚାରି ବୁଝିଥିଲେ ।

## ଇସଲାମାବାଦ...

ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ । ଆହତମାନଙ୍କୁ ପିଏମଆଇଏସ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନେକ ଆହତଙ୍କ ଅବସ୍ଥା ଗୁରୁତର ରହିଛି । ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରିଦିଆଯାଇଛି ।

## ହାଇକୋର୍ଟରେ...

ଅଦାଲତ ଅବମାନନା ନଚଳାଇବାକୁ କହିଛନ୍ତି ହାଇକୋର୍ଟ । ମାମଲା ବିଚାରାଧୀନ ଥିବା ବେଳେ ଏଭଳି ମନ୍ତବ୍ୟ ନହେବାକୁ କୋର୍ଟ ଏସପିଙ୍କୁ ତାଗିଦ କରିଛନ୍ତି । ଏହାସହ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ଡିଜିପିଙ୍କୁ ଅବଗତ କରାଇବାକୁ କୁହାଯାଇଛି ।

## ମହିଳା ମୁଖ୍ୟମନ୍ତ୍ରୀଙ୍କ...

ଜେଜେବାପା ତାର ୪ ବର୍ଷର ନାତୁଣୀକୁ ମଶାରୀ ତଳୁ ଟେକି ନେଇ ଦୁଷ୍କର୍ମ କରିଛି । ଏମିତି ଏକ ଲଜ୍ଜାଜନକ ଘଟଣା ମଣିଷ ସମାଜର ମୁଣ୍ଡକୁ ତଳକୁ କରି ଦେଇଛି ।

## ସନ୍ଧ୍ୟା ୭ଟା...

୬ ଜଣ ଲେଖାଏ ମୋଟ୍ ୪୮ ଜଣ ପୋଲିଂପାର୍ଟି ନିୟୋଜିତ ହୋଇଥିଲେ । ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଥରକରେ ୬ ଜଣ ଲେଖା ୮ଥରରେ ପୋଲିଂପାର୍ଟିକୁ ଦୁର୍ଗମ ଅଞ୍ଚଳରେ ଥିବା ବୁଥ୍ରେ ସୁରକ୍ଷିତ ଛଡ଼ାଯାଇଥିଲା । ମିଳିଥିବା ସୂଚନା ଅନୁସାରେ କୁଳିଆବନ୍ଧ ୩୬ ନମ୍ବର ବୁଥ୍ ଦାୟିତ୍ୱରେ ଥିବା ଜଣେ ପିଜାଇଡିଂ ଅଫିସର ଧନଞ୍ଜୟ ମଲ୍ଲିକଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ସସ୍‌ପେଣ୍ଡ କରାଯାଇଛି ।

e-mail ID- rw_sambalpur@yahoo.co.in
Phone No.0663-2401850
No. 4748 dated. 27.10.2025
Government of Odisha "e" procurement Notice
O-1330
Bid Identification No, TENDER ONLINE SBPR- 09 OF 2025-26

1. Name of the work : Buildings Works as per DTCN available in the website. www.tendersodisha.gov.in
2. Total No. of Work : 52nos (Fifty Two) Nos.
3. Estimated Cost : Varies from Rs.1.26 lakhs to Rs.10.92 lakhs
4. Period of Completion : 02(Two) Calendar months
5. Period and time of availability of bid document in the portal for bidding : 10.11.2025 at 11.00AM to 24.11.25 up to 5.00 PM
6. Date and time of opening of Tender : 25.11.2025 at 11.00AM
7. Name and address of the officer inviting bid : S.E.R.W. Divn. Sambalpur

(1) Other details can be seen from detailed notice inviting tenders, available in website www.tendersodishagov.in
(2) Corrigendum if any shall only be published in the website: www.tendcrodisha.gov.in

Sd/- Superintending Engineer
Rural Works Division, Sambalpur

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR
O-1323
e-PROCUREMENT NOTICE NO.Tender Online 10 JJPT of 2025-26

1. Name of work : Road Work.
2. Total No of Work : 1 No Road Work.
3. Estimated Cost (Approx.) : Rs. 58.73 Lakhs
4. Period of Completion : 60 Days
5. Class of contractors : B Class

Other details as follows :
a) Procurement officer : Superintending Engineer, Rural Works Division, Jajpur
b) Availability of tender online & submission of bid : 11.11.2025 at 10.00 AM to 21.11.2025 upto5.00 PM
c) Last date & time of seeking of tender clarification : 20.11.2025 up to 5.00 PM
d) Opening of Technical Bid : 24.11.2025 at 11:00 AM.

Further details can be seen from the Govt, website www.tendersodisha.gov.in
**Note:- If situation arises the transparent lottery will be held on 28.11.2025, At 11:30 AM**

Sd/- Superintending Engineer
Rural Works Division, Jajpur

ଭୁବନେଶ୍ୱର
୧୨ ନଭେମ୍ବର,
ବୁଧବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# ପୋତୁଆଁ ହେବେ ଶ୍ରୀଜୀଉ : ମାମୁଁ ଘର ମାଧବାନନ୍ଦଜୀଉ ପୀଠରୁ ଗଲା ପ୍ରଥମାଷ୍ଟମୀ ଭାର

**ନିଆଳୀ, ୧୧/୧୧**
**ନ୍ୟୁଜ ବ୍ୟୁରୋ**

ବୁଧବାର ପ୍ରଥମାଷ୍ଟମୀ । ପୋତୁଆଁ ହେବେ ଚତୁର୍ଦ୍ଧାମୂର୍ତ୍ତି । ଏଥିପାଇଁ ମହାପ୍ରଭୁଙ୍କ ମାମୁଁ ଘର ମାଧବାନନ୍ଦଜୀଉ ପୀଠରୁ ଶ୍ରୀଜୀଉଙ୍କ ପାଇଁ ପଠାଯାଇଛି ପୋତୁଆଁ ଭାର। ନୂଆ ବସ୍ତ୍ରଠୁ ନେଇ ଫଳମୂଳ ଆଦି ମାମୁଁ ଘରୁ ଶ୍ରୀମନ୍ଦିରକୁ ପଠାଯାଇଛି । ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁଁ ଘର କଟକ ଜିଲ୍ଲା ନିଆଳି ବ୍ଲକର ମାଧବ ସ୍ଥିତ ମାଧବାନନ୍ଦଜୀଉଙ୍କ ପୀଠ। ପ୍ରଥମାଷ୍ଟମୀରେ ମାମୁଁ ଘରୁ ନୂଆ ବସ୍ତ୍ର, ପିଠାମିଠା ଆସିବାର ଓଡ଼ିଆ ପରମ୍ପରା ରହିଛି। କୋଟି ଓଡ଼ିଆର ମଉଡମଣିଙ୍କ ପାଇଁ ମାମୁଁ ଘର ମାଧବାନନ୍ଦଜୀଉଙ୍କ ପୀଠରୁ ପୋତୁଆଁ ଭାର ପଠା ଯାଇଛି। ପ୍ରତିବର୍ଷ ଅଷ୍ଟମୀ ପୂର୍ବଦିନ ପୋତୁଆଁ ଭାର ପଠାଯାଏ ଶ୍ରୀମନ୍ଦିରକୁ। ମଝିରେ କୌଣସି କାରଣ ନେଇ କିଛି ବର୍ଷ ଏହି ପରମ୍ପରା ବନ୍ଦ ରହିଥିବା ବେଳେ ପୁଣି ମାଧବାନନ୍ଦଜୀଉ ବିକାଶ ପରିଷଦ ପକ୍ଷରୁ ଏହି ପରମ୍ପରାକୁ ପୁନରୁଦ୍ଧାର କରାଯାଇଛି। ଆବାହମାନ କାଳରୁ ପୋତୁଆଁ ଭାର ନୀତି ନିୟମ ସହକାରେ କରାଯାଉଥିବା ବେଳେ ଦିନକୁ ଦିନ ଏହି କାର୍ଯ୍ୟକ୍ରମର ଆଦର ଓ ପ୍ରସାର ପ୍ରଚାର ବୃଦ୍ଧି ପାଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ଉଦ୍ଦେଶ୍ୟରେ ପାଟ ବସ୍ତ୍ର, ପିଠା ପାଇଁ ବିରି, ନଡିଆ, ଗୁଡ, ଛେନା, କଦଳୀ, ସହିତ ବିଭିନ୍ନ ପ୍ରକାରର ଫଳ ମୂଳ, ତୁଳସୀ, ଫୁଲ, ଚନ୍ଦନ, ଅଗୁର ଆଦି ଭାରରେ ଯାଇଥାଏ। ଅଷ୍ଟମୀ ପୂର୍ବ ଦିନଠାରୁ ଏହି ଭାର ଅଞ୍ଚଳବାସୀଙ୍କ ସହଯୋଗରେ ପଠାଯାଇଥାଏ। ଉତ୍କଳୀୟ ପରମ୍ପରାରେ ବାର ମାସରେ ତେର ପର୍ବ। ସେଥିମଧ୍ୟରୁ ମାର୍ଗଶୀର କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ପାଳିତ ହୁଏ ପ୍ରଥମାଷ୍ଟମୀ। ଏହି ଦିନ ଘରର ଜ୍ୟେଷ୍ଠ ପୁଅ ଓ ଝିଅମାନେ ନବ ବସ୍ତ୍ର ପରିଧାନ କରୁଥିବା ବେଳେ ପିଠାପଣା, ଭୋଗରାଗ ଘରେ ଘରେ କରାଯାଇଥାଏ । ଘରର ଜ୍ୟେଷ୍ଠ ସନ୍ତାନମାନଙ୍କ ପାଇଁ ନବ ବସ୍ତ୍ର ସାଧାରଣତଃ ମାମୁଁ ଘରୁ ଆସିଥାଏ। ସେହିପରି ଦେବାଦେବୀଙ୍କ କ୍ଷେତ୍ରରେ ଏହା ପ୍ରଚଳିତ ହୋଇଥାଏ । ଏଥି ଲାଗି ଶ୍ରୀଜୀଉଙ୍କ ଲାଗି ମାଧବାନନ୍ଦଜୀଉଙ୍କ ପୀଠରୁ ପୋତୁଆଁ ଭାର ପଠାଯାଏ । ପୂର୍ବରୁ ପ୍ରଭୁ ମାଧବାନନ୍ଦଙ୍କ ମନ୍ଦିର ପକ୍ଷରୁ ଅନେକ ଭୂ-ସମ୍ପତ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଦିଆଯାଇଥିଲା। ସେହି ଜମି ଉତ୍ପାଦିତ ସାମଗ୍ରୀ ଅଣାଯାଇ ଶ୍ରୀମନ୍ଦିରରେ ପତୁଆଁ ଭାର ରୂପେ ଦିଆଯାଉଥିଲା । ତେବେ ପରବର୍ତ୍ତୀ ସମୟରେ ଏହା କୌଣସି କାରଣରୁ ପାଳନ ହୋଇ ପାରିନଥିଲା । ପରେ ନିଆଳି ବାସିନ୍ଦା ଓ ମାଧବ ବିକାଶ ପରିଷଦ ପକ୍ଷରୁ ଏକତ୍ର ନିଷ୍ପତ୍ତି ନେଇ ଗତ ସାତ ବର୍ଷ ହେବ ମହାପ୍ରଭୁଙ୍କ ପାଇଁ ପତୁଆଁ ଭାର ଆଣି ଶ୍ରୀମନ୍ଦିରରେ ଦେଉଛନ୍ତି । ଏନେଇ ମାଧବାନନ୍ଦଜୀଉ ମନ୍ଦିର ମୁଖ୍ୟ ପୂଜକ ତ୍ରିଲୋଚନ ପୁଷ୍ପାଳକ କହିଛନ୍ତି, 'ପୋତୁଆଁ ଯାତ୍ରାରେ ସ୍ଥାନୀୟ ଅଞ୍ଚଳବାସୀ ସାମିଲ ହୋଇଛନ୍ତି ।



# ଦିଲ୍ଲୀ ବିସ୍ଫୋରଣ ପରେ କୋଣାର୍କରେ ସୁରକ୍ଷା କଡାକଡି

**କୋଣାର୍କ, ୧୧।୧୧**
**ନ୍ୟୁଜ ବ୍ୟୁରୋ**



ଦିଲ୍ଲୀ ଲାଲକିଲ୍ଲା ନିକଟରେ ଭୟଙ୍କର ବିସ୍ଫୋରଣ ପରେ ପର୍ଯ୍ୟଟନସ୍ଥଳୀ କୋଣାର୍କ ଓ ଚନ୍ଦ୍ରଭାଗାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏ ନେଇ ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। କୋଣାର୍କକୁ ଆସୁଥିବା ଯାନବାହାନ ଉପରେ ନଜର ରଖାଯାଇଛି ବୋଲି ସେ କହିଛନ୍ତି। କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଦୈନିକ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏବେ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନଙ୍କୁ ପ୍ରବେଶ ପଥରେ ଟିକେଟ ବ୍ୟତୀତ ଅନ୍ୟ କିଛି ଯାଞ୍ଚ କରାହେଉନି। ମୁଖ୍ୟ ଫାଟକରେ ହାତ ଗଣତି ସୁରକ୍ଷା କର୍ମୀ ନାମକୁମାତ୍ର ନିୟୋଜିତ ହୋଇଛନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଖୋଲା ରହୁଥିଲେ ମଧ୍ୟ ବନ୍ଧୁକଧାରୀ ସୁରକ୍ଷା କର୍ମୀ ନିୟୋଜିତ ହୋଇନାହାନ୍ତି। ଫଳରେ ଏଠାରେ ବଡ ଧରଣର ଆତଙ୍କବାଦୀ ଆକ୍ରମଣ ହେଲେ କିଛି ବି କରିବାର କ୍ଷମତା ସୁରକ୍ଷା କର୍ମୀଙ୍କର ନାହିଁ। ଏଠାରେ ବନ୍ଧୁକଧାରୀ ସୁରକ୍ଷା କର୍ମୀ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡା କଡି କରିବାକୁ ଦାବି ହେଉଛି।

## ସୁପ୍ରିମକୋର୍ଟ ନିଜ ରାୟ ଉପରେ ଲଗାଇଲେ ରୋକ

# ହିନ୍ଦୁ-ମୁସଲମାନ ଅଧିକାରୀ କରିବେ ଦଙ୍ଗାର ଯାଞ୍ଚ

**ନୂଆଦିଲ୍ଲୀ, ୧୧।୧୧**



ଅକୋଲା ଦଙ୍ଗା ମାମଲାରେ ହିନ୍ଦୁ ଓ ମୁସଲମାନ ଅଧିକାରୀଙ୍କ ଏସଆଇଟି ଯାଞ୍ଚ କରିବା ନେଇ ରାୟ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇ ଦେଇଛନ୍ତି। ୧୧ ସେପ୍ଟେମ୍ବରରେ ସୁପ୍ରିମକୋର୍ଟଙ୍କ ଏକ ଖଣ୍ଡପୀଠ କହିଥିଲେ, ମାମଲାର ଯାଞ୍ଚ ପାଇଁ ହିନ୍ଦୁ ଓ ମୁସଲମାନ ପୋଲିସ ଅଧିକାରୀଙ୍କ ସ୍ୱତନ୍ତ୍ର ଟିମ୍ ତିଆରି କରାଯାଉ। ଦୁଇ ବିଚାରପତିଙ୍କ ଖଣ୍ଡପୀଠ ଏହି ରାୟ ପ୍ରଦାନ କରିଛନ୍ତି। ଏହା ପରେ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ପୁନଃବିଚାର ଆବେଦନ ଦାଖଲ କରିଛନ୍ତି। ଶୁଣାଣି ବେଳେ ଉଭୟ ବିଚାରପତି ଭିନ୍ନ ଭିନ୍ନ ରାୟ ଦେଇଥିଲେ। ଜଣେ ସମୀକ୍ଷାର ଅନୁମତି ଦେଇଥିଲେ, ଅନ୍ୟପକ୍ଷେ ଦ୍ୱିତୀୟ ବିଚାରପତି ଏହାକୁ ଖାରଜ କରିଦେଇଥିଲେ। ଏବେ ସିଜେଆଇ ବିଆର ଗଭଇଙ୍କ ଅଧ୍ୟକ୍ଷତାରେ ତିନି ଜଣିଆ ଖଣ୍ଡପୀଠ ରାୟ ଉପରେ ରୋକ ଲଗାଇ ଦେଇଛନ୍ତି। ୧୩ ମଇ ୨୦୨୩ରେ ମହାରାଷ୍ଟ୍ରର ଅକୋଲାରେ ସାମ୍ପ୍ରଦାୟିକ ଦଙ୍ଗା ହୋଇଥିଲା। ଏହି ଦଙ୍ଗାରେ ମହାଦେବ ଗାୟକୱାଡଙ୍କ ମୃତ୍ୟୁ ହୋଇଥିଲା। ଏହାଛଡା ଅତି କମ୍‌ରେ ୮ ଜଣ ଆହତ ହୋଇଥିଲେ, ଯାହାଙ୍କ ଭିତରେ ଦୁଇ ଜଣ ପୋଲିସ କର୍ମଚାରୀ ରହିଥିଲେ। ଦଙ୍ଗାବେଳେ ପୁଲିସ ଉପରେ ପଥର ମାଡ଼ ହୋଇଥିଲା। ବହୁ ଯାନବାହାନରେ ନିଆଁ ଲଗାଇ ଦିଆଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି, ରାଜ୍ୟ ସରକାର ଦଙ୍ଗାର ଯାଞ୍ଚ ପାଇଁ ଏସଆଇଟି ଗଠନ କରିଛନ୍ତି, ଯେଉଁଥିରେ ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟର ପୁଲିସ ଅଧିକାରୀ ସାମିଲ ରହିବେ। ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ଆପତ୍ତି ପ୍ରକାଶ କରି ଏହି ନୂଆ ଆବେଦନ ଦାଖଲ କରିଥିଲେ। ରାଜ୍ୟର କହିବା ଅନୁସାରେ, ସଂସ୍ଥାଗତ ଧର୍ମ ନିରପେକ୍ଷତାର ସିଦ୍ଧାନ୍ତକୁ ଆଘାତ ଲାଗିପାରେ। ଜଷ୍ଟିସ ଶର୍ମା କହିଛନ୍ତି, ଏହି ନିଷ୍ପତ୍ତି ଉପରେ ବିଚାର କରିବା ଦରକାର। ସେଭଳି ଜଷ୍ଟିସ୍ ସଞ୍ଜୟ କୁମାର ପୁନଃବିଚାର ଆବେଦନ ଦାଖଲ କରିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଛନ୍ତି, ରାଜ୍ୟ ସରକାର ଖଣ୍ଡପୀଠଙ୍କ ଦୁଇ ବିଚାରଙ୍କ ଆଗରେ ଅଲଗା ଅଲଗା ସୂଚନା ଦେଇଛନ୍ତି। ଏଥିପାଇଁ ଜଷ୍ଟିସ୍ ସଞ୍ଜୟ କୁମାର ଆବେଦନ ଖାରଜ କରିଛନ୍ତି। ଏହା ସହ କହିଛନ୍ତି, ଦଙ୍ଗା ସମୟରେ ଏଫଆଇଆର ରୁଜୁ କରିବାରେ ପୋଲିସ ଅବହେଳା କରିଥିଲା। ସେଥିପାଇଁ ଏସଆଇଟିରେ ଉଭୟ ସମ୍ପ୍ରଦାୟର ଅଧିକାରୀଙ୍କୁ ସାମିଲ କରିବାର ନିର୍ଦ୍ଦେଶ ଦିଆଯାଇଥିଲା।

# ସୃଜନୀ ଆୟୋଜିତ ନାରାୟଣ ନାଟ୍ୟ ମହୋତ୍ସବ ଓ ଶିଶୁ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର, ୧୧/୧୧**
**ନ୍ୟୁଜ ବ୍ୟୁରୋ**



ଓଡ଼ିଶାର ଅଗ୍ରଣୀ ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୃଜନୀ ଓ ସଂସ୍କୃତି ବିଭାଗର ସହଯୋଗରେ ଆୟୋଜିତ ନାରାୟଣ ନାଟ୍ୟ ମହୋତ୍ସବ ଓ ଶିଶୁ ନାଟ୍ୟ ମହୋତ୍ସବ ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଅଛି। ଦୀର୍ଘ ୩ ଦିନ ଧରି ବିଭିନ୍ନ ଜିଲ୍ଲାର ଅନୁଷ୍ଠାନ ତରଫରୁ ନାଟକ ପରିବେଷଣ କରାଯାଇଥିଲା। ବହୁ ଲୋକଙ୍କ ସମାଗମରେ ଚାଲିଥିବା ଏହି ନାଟ୍ୟ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଅଛି। ବିଭିନ୍ନ ବିଭାଗରେ ଶିଶୁ କଳାକାରମାନଙ୍କୁ ନାଟକ ପ୍ରତିଯୋଗୀତାରେ ପୁରସ୍କାର ଦିଆଯାଇଥିଲା। ରାଜ୍ୟସ୍ତରୀୟ ଶିଶୁ ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଯୋଜନା ପାଇଥିଲେ 'କୁନି କଳାକାର' ଜଗତସିଂହପୁର ଅନୁଷ୍ଠାନ ଏବଂ ଦ୍ୱିତୀୟ ଶ୍ରେଷ୍ଠ ପ୍ରଯୋଜନା ପାଇଥିଲେ ବାଲେଶ୍ୱରର କଳାକାର ଅନୁଷ୍ଠାନ ଓ ଶ୍ରେଷ୍ଠ ନିର୍ଦ୍ଦେଶନା ପାଇଥିଲେ ନାଟକ 'ମଶା ଉବାଚ' କୁନି କଳାକାର ଜଗତସିଂହପୁରର ଅନୁଷ୍ଠାନ ଓ ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶନା ପାଇଥିଲା ନାଟକ 'ହଂସ ଶିକାର', ଗୌତମ ଡ୍ରାମା ଷ୍ଟୁଡିଓ, ଭୁବନେଶ୍ୱରର ଅନୁଷ୍ଠାନ, ଶ୍ରେଷ୍ଠ ଶୃଙ୍ଖଳିତ ନାଟ୍ୟ ଅନୁଷ୍ଠାନ ପୁରସ୍କାର ପାଇଥିଲେ କଳାକାର ଅନୁଷ୍ଠାନ, ବାଲେଶ୍ୱର। ଏହି ନାଟ୍ୟ ମହୋତ୍ସବର ଶ୍ରେଷ୍ଠ ପାଣ୍ଡୁଲିପି ପୁରସ୍କାର ପାଇଥିଲା ନାଟକ 'ରୀନାର ସ୍ୱପ୍ନ' କଳାକାର ଅନୁଷ୍ଠାନ, ବାଲେଶ୍ୱର। ଶ୍ରେଷ୍ଠ ଅଭିନେତା ଭାବେ ଅଭିନୟ କରୁଥିବା ବିନ୍ମୟ କୁମାର ସାହୁ 'ନିଧି ବୁଢା' ଭୂମିକାରେ କୁନି କଳାକାର ଅନୁଷ୍ଠାନ, ଜଗତସିଂହପୁର ଓ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଭାବେ 'ଧରମା' ଚରିତ୍ରରେ ଶୁଭସ୍ମିତା ସିଂ କଳାକାର ଅନୁଷ୍ଠାନ, ବାଲେଶ୍ୱର ପୁରସ୍କାର ଗ୍ରହଣ କରିଥିଲେ। ଶ୍ରେଷ୍ଠ ଅଭିନେତ୍ରୀ ଭାବେ 'ମହାରାଣୀ' ଭୂମିକାରେ ସୁନିତା ସାହୁ ନାଟକ 'ମଶା ଉବାଚ' କୁନି କଳାକାର ଅନୁଷ୍ଠାନ, ଜଗତ୍‌ସିଂହପୁର ଗ୍ରହଣ କରିଥିଲେ। ଦ୍ୱିତୀୟ ଶ୍ରେଷ୍ଠ ଅଭିନେତ୍ରୀ ଭାବେ 'ରୀନା' ଭୂମିକାରେ କଳାକାର ଅନୁଷ୍ଠାନ ବାଲେଶ୍ୱରର ଶ୍ରଦ୍ଧା ସୁମନ ବାରିକ ପୁରସ୍କୃତ ହୋଇଥିଲେ । ଏହି ନାଟ୍ୟ ମହୋତ୍ସବରେ ବିଚାର ପତି ପୁରସ୍କୃତ ପାଇଥିଲେ ଇଂ. ଶ୍ରୀତମ କୁମାର ସିଂହ କଳାକାର ଅନୁଷ୍ଠାନ, ବାଲେଶ୍ୱର ଏବଂ ଦ୍ୱିତୀୟ ବିଚାରପତି ପୁରସ୍କାର ପାଇଥିଲେ କୁକୁର ଭୂମିକାରେ ଅରୁଣ ବାରିକ ନାଟକ 'ମଶା ଉବାଚ', ଜଗତସିଂହପୁରର କୁନି କଳାକାର ଅନୁଷ୍ଠାନ ଏବଂ ସୃଜନୀ ଅନୁଷ୍ଠାନ ତରଫରୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିଲା 'ନିଶୁମ୍ଭ' ଭୂମିକାରେ ଅଭିନୟ କରିଥିବା ବଦ୍ରି ନାରାୟଣ ଜେନା ନାଟକ 'ହଂସ ଶିକାର', ଗୌତମ ଡ୍ରାମା ଷ୍ଟୁଡିଓ ଭୁବନେଶ୍ୱର ଏବଂ ଦ୍ୱିତୀୟ ସ୍ୱତନ୍ତ୍ର ପୁରସ୍କାର ପାଇଥିଲେ ଲକି ଭୂମିକାରେ ଅଭିନୟ କରୁଥିବା ଶିବାନୀ ସ୍ୱାଇଁ ନାଟକ 'ତୁ ମୋ ଆଖିର ତାରା' ପଲ୍ଲବୀ ନାଟ୍ୟ ପରିଷଦ, ମଠପୁର, ବାଲୁଗାଁ। ପରିଶେଷରେ ସମସ୍ତ ନାଟ୍ୟ ଅନୁଷ୍ଠାନ ଓ ଶିଶୁ ନାଟ୍ୟ ମହୋତ୍ସବରେ ଅଂଶ ଗ୍ରହଣ କରିଥିବା କଳାକାରମାନଙ୍କୁ ପୁରସ୍କାର ଏବଂ ମାନପତ୍ର ଦିଆଯାଇ ସମ୍ମାନୀତ କରାଯାଇଥିଲା ଏବଂ ଏହି ଶିଶୁନାଟ୍ୟ ମହୋତ୍ସବର ବିଚାର ପତି ଥିଲେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଇଂ ପ୍ରୀତିରଂଜନ ମିଶ୍ର ଓ ଡ. ବନବିହାରୀ ମହାପାତ୍ର । ନାରାୟଣ ନାଟ୍ୟ ମହୋତ୍ସବରେ ଅଂଶ ଗ୍ରହଣ କରିଥିବା ସ୍ରଷ୍ଟା ବାଲେଶ୍ୱର ଅନୁଷ୍ଠାନ ଓ ସୃଜନୀ ଅନୁଷ୍ଠାନର କଳାକାର ମାନଙ୍କୁ ନାଟକ ଏକ ନଷ୍ଟ ନାଟକର ନାଟ୍ୟକାର ଓ ନାଟକ 'ଦାରିଦ୍ର ମୋଚନ' ପାଇଁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା। ଦୀର୍ଘ ତିନି ଦିନ ଚାଲିଥିବା ଏହି ଶିଶୁ ନାଟ୍ୟ ମହୋତ୍ସବ ଓ ନାଟକ ମହୋତ୍ସବକୁ ଦର୍ଶକ ମାନେ ଭରପୁର ଆନନ୍ଦ ନେବା ସହିତ ଆଗାମୀ ଦିନରେ ଏହିପରି ନାଟକ ପରିବେଷଣ କଲେ ଶିଶୁମାନଙ୍କର କଳା ସଂସ୍କୃତି ପ୍ରତି ଆଗ୍ରହ ବଢିବା ସହିତ ଆଗାମୀ ଦିନରେ ଏହି ଶିଶୁମାନେ ଏକ ସୁଦୃଢ଼ କଳାକାର ହୋଇ ସମାଜରେ ପ୍ରତିଷ୍ଠିତ ହେବେ ବୋଲି ଦର୍ଶକ ମାନେ ମତଦେଇଥିଲେ। ଆଜିର ସାଂସ୍କୃତିକ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ସୃଜନୀର ଏହି ଅଭିନବ ପ୍ରୟାସକୁ ପ୍ରଶଂସିତ କରିଥିଲେ।

ବିଶିଷ୍ଟ ନାଟ୍ୟକାର, କବି, କଳାକାର, ନିର୍ଦ୍ଦେଶକ ଓ ସଂଗଠକ, ସ୍ରଷ୍ଟା ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏହି ଶିଶୁ ନାଟ୍ୟ ମହୋତ୍ସବ ଓ ନାଟ୍ୟ ମହୋତ୍ସବରେ ଅତିଥି ଭାବେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ବିଜେପି ଜିଲ୍ଲା ସଭାପତି ନୀରଞ୍ଜନ ମିଶ୍ର ଓ ଜଗନ୍ନାଥ ପ୍ରଧାନ ଯୋଗଦେବା ସହିତ ସଂସ୍କୃତି ଜଗତର ବିଶିଷ୍ଟ ଅନୁଷ୍ଠାନ ଓ କଳାକାରମାନେ ଯୋଗଦେଇଥିଲେ। ସୃଜନୀର ଉପଦେଷ୍ଟା ଭୁପିନ୍ଦର ସିଂଙ୍କ ସଭାପତିତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ରାୟ ମହାପାତ୍ରଙ୍କ ଦ୍ୱାରା ସଭାକାର୍ଯ୍ୟ ପରିଚ୍ଛଳିତ ହୋଇଥିଲା। ସୃଜନୀର ଉପସଭାପତି ପ୍ରଶନ୍ନ ରଥ, ମାନସ ରଞ୍ଜନ ରାୟ ମହାପାତ୍ର, ସଭ୍ୟା ସରଳା ସ୍ୱାଇଁ, ଶଶିପ୍ରଭା ଦାସ, ସୌଭାଗ୍ୟଲକ୍ଷ୍ମୀ, ପ୍ରଜ୍ଞା ରଥ, ରାଜଲକ୍ଷ୍ମୀ ଏବଂ ସଭ୍ୟ ବଳରାମ, ଅନିଲ ପଣ୍ଡା, ଅରୁଣ ମଲ୍ଲିକ୍ ଉପସ୍ଥିତ ଥିଲେ।

# ଷଷ୍ଠ ଜାତୀୟ ଜଳ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୧/୧୧ ନ୍ୟୁଜ ବ୍ୟୁରୋ**

ଷଷ୍ଠ ଜାତୀୟ ଜଳ ପୁରସ୍କାର ୨୦୨୪ର ସ୍କୁଲ୍ ଏବଂ କଲେଜ ବର୍ଗରେ ପ୍ରଥମ ସ୍ଥାନ (ଯୁଗ୍ମ ବିଜେତା) ହାସଲ କରିଥିବା ବ୍ରହ୍ମପୁର ସର୍କଲର ସମଗ୍ର ଦଳକୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ ଏକ୍ସ ମାଧ୍ୟମରେ ଲେଖିଛନ୍ତି ଯେ, ଷଷ୍ଠ ଜାତୀୟ ଜଳ ପୁରସ୍କାର ୨୦୨୪ର ସ୍କୁଲ୍ ଏବଂ କଲେଜ ବର୍ଗରେ ପ୍ରଥମ ସ୍ଥାନ (ଯୁଗ୍ମ ବିଜେତା) ହାସଲ କରିଥିବା ବ୍ରହ୍ମପୁର ସର୍କଲର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟର ସମଗ୍ର ଦଳକୁ ହୃଦୟର ସହିତ ଅଭିନନ୍ଦନ। ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଏହି ସମ୍ମାନଜନକ ଜାତୀୟ ମାନ୍ୟତା ରାଜ୍ୟ ପାଇଁ ଅତ୍ୟନ୍ତ ଗର୍ବର ବିଷୟ, ଯାହା ଜଳ ସମ୍ପଦ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଦଳର ଉତ୍ସର୍ଗ, ନବସୃଜନ ଏବଂ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ। ଏହି ସଫଳତା ପରିବେଶଗତ ପରିଚାଳନାରେ ଉତ୍କର୍ଷତାକୁ ଉଦାହରଣ ଦିଏ ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ସ୍ଥାୟୀ ପରିଚାଳନା ପାଇଁ ପ୍ରତିବଦ୍ଧ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟକ ମଡେଲ ଭାବରେ କାର୍ଯ୍ୟ କରେ। ଭବିଷ୍ୟତରେ ସମସ୍ତ ପ୍ରୟାସରେ ଦଳକୁ ସଫଳତା ପାଇଁ କାମନା କରୁଛି।

# ନବୀନ ପଟ୍ଟନାୟକଙ୍କୁ ଭେଟିଲେ ଡ. ସୌମ୍ୟା ସ୍ୱାମୀନାଥନ

**ଭୁବନେଶ୍ୱର, ୧୧/୧୧**
**ନ୍ୟୁଜ ବ୍ୟୁରୋ**

ପ୍ରଖ୍ୟାତ ବୈଜ୍ଞାନିକ ତଥା ଏମ.ଏସ. ସ୍ୱାମୀନାଥନ ଫାଉଣ୍ଡସନର ଅଧକ୍ଷା ଡ. ସୌମ୍ୟା ସ୍ୱାମୀନାଥନ ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଡ. ସ୍ୱାମୀନାଥନ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଶେଷ କରି ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ସଫଳ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ମିଲେଟ୍ ମିଶନ ଲୋକପ୍ରିୟ ହେବା ସହିତ ଜନଜାତି ବର୍ଗର ଆର୍ଥିକ ବିକାଶରେ ସହାୟକ ହୋଇଛି ବୋଲି ସେ ମତ ପ୍ରକାଶ କରିଥିଲେ। ମିଶନ ଶକ୍ତି କାର୍ଯ୍ୟକ୍ରମ ଓଡ଼ିଶାର ମା' ମାନଙ୍କୁ ସଶକ୍ତ କରିବା ସହିତ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ କରିବାରେ ମଧ୍ୟ ପ୍ରମୁଖ ଭୂମିକା ନେଇଛି ବୋଲି ଉଚ୍ଚ ପ୍ରଶଂସା କରିଥିଲେ । ଉଭୟଙ୍କ ମଧ୍ୟରେ ଏମ.ଏସ. ସ୍ୱାମୀନାଥନ ଫାଉଣ୍ଡେସନର କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ସୂଚନାଯୋଗ୍ୟ ଯେ, ଡ. ସୌମ୍ୟା ସ୍ୱାମୀନାଥନ ପୂର୍ବରୁ ଭାରତୀୟ ଭେଷଜ ଗବେଷଣା ପ୍ରତିଷ୍ଠାନର ମହା ନିର୍ଦ୍ଦେଶିକା ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ବୈଜ୍ଞାନିକ ଭାବରେ କାର୍ଯ୍ୟ କରିଛନ୍ତି। ସେ ହେଉଛନ୍ତି ବିଖ୍ୟାତ ବୈଜ୍ଞାନିକ ତଥା ସବୁଜ ବିପ୍ଳବର ଜନକ ସ୍ୱର୍ଗତ ଡ. ଏମ.ଏସ. ସ୍ୱାମୀନାଥନଙ୍କ କନ୍ୟା।



# ହାଇକୋର୍ଟରେ ଅବଦୁର ରେହମାନର ଜାମିନ ଖାରଜ


**କଟକ ୧୧।୧୧ ନ୍ୟୁଜ ବ୍ୟୁରୋ**

ଅବଦୁର ରେହମାନର ଜାମିନ ଖାରଜ କଲେ ହାଇକୋର୍ଟ । ଉଗ୍ରବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଥିବା ନେଇ ଅବଦୁର ରେହମାନ ନାଁରେ ଅଭିଯୋଗ ରହିଛି। କଟକ ସାଲେପୁର ପଶ୍ଚିମକଛରୁ ଗିରଫ ହୋଇଥିଲା ରେହମାନ। ୨୦୧୫ ମସିହା ଡିସେମ୍ବର ମାସରୁ ଗିରଫ ହୋଇ ଜେଲ୍‌ରେ ଅଛି ଅବଦୁର। ଆତଙ୍କବାଦୀ ସଂଗଠନ ଅଲ୍ କାଏଦା ଲିଙ୍କ୍‌ରେ ଅବଦୁରକୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା । ସୂଚନାଯୋଗ୍ୟ ଯେ, ୨୦୧୫ ମସିହା ଡିସେମ୍ବର ୧୬ ତାରିଖରେ ଜଗତପୁର ପଶ୍ଚିମକଛ ଗାଁରୁ ଅବଦୁର ରେହମାନ ଗିରଫ ହୋଇଥିଲା। କମିଶନରେଟ୍ ପୋଲିସ ସହାୟତାରେ ଅବଦୁରକୁ ଗିରଫ କରିଥିଲା ଏନଆଇଏ। ତଦନ୍ତ ବେଳେ ଅବଦୁର ରେହମାନର ଅନ୍ତର୍ଜାତୀୟ ଆତଙ୍କବାଦ ଲିଙ୍କ୍ ନେଇ ସୁରାକ ପାଇଥିଲା ଦିଲ୍ଲୀ ପୋଲିସ । ଅବଦୁର ଅନେକ ଥର ପାକିସ୍ତାନ ଯାଇଥିବା ମଧ୍ୟ ଜଣାପଡିଥିଲା। ସେଠାରେ ସେ ୨୬/୧୧ ମୁମ୍ବାଇ ଆକ୍ରମଣର ଜାକି-ଉର-ରେହମାନ ଓ ସାଜିଦକୁ ଭେଟିଥିଲା। ଅଲକାଏଦା ଆତଙ୍କବାଦୀ ସଙ୍ଗଠନରେ ମିଶିବା ସହ ସେଠାରେ ଟ୍ରେନିଂ ନେଇଥିବା ମଧ୍ୟ ଜଣାପଡିଥିଲା। ଅବଦୁର ନାଁରେ ଦେଶଦ୍ରୋହ ନେଇ ଅନେକ ଅଭିଯୋଗ ମଧ୍ୟ ରହିଥିଲା। ଏପରିକି ବେଆଇନ ମଦ୍ରାସା ଚଳାଇବା, ଅସ୍ତ୍ରଶସ୍ତ୍ର ତାଲିମ ଦେବା ଓ ଉତ୍ତେଜନା ପ୍ରବଣ ଭାଷଣ ଦେବା ନେଇ ପ୍ରମାଣ ଏନ୍‌ଆଇଏ ହାତରେ ଲାଗିଥିଲା।

# ପୁରୀ ଜିଲ୍ଲାକୁ ସୁନାମି ସତର୍କତା : ୪ ଗାଁ ସୁନାମି ପ୍ରବଣ ଘୋଷଣା, ସାମିଲ ହେବ ଆଉ ୧୦ ଗାଁ

**ପୁରୀ, ୧୧/୧୧ ନ୍ୟୁଜ ବ୍ୟୁରୋ**

ପ୍ରାକୃତିକ ବିପର୍ଯ୍ୟୟ ଭୟ ସର୍ବଦା ପୁରୀକୁ ରହିଛି । ଅଦିନିଆ ବର୍ଷା, ବାତ୍ୟା, ବନ୍ୟା ଯୋଗୁଁ କିଛି ବର୍ଷ ହେବ ପୁରୀ ପ୍ରଭାବିତ ହେଉଛି । ଭୂ-କମ୍ପ ଜୋନ୍ ୩ରେ ଥିବାରୁ ପାଦେ ପାଦେ ବିପଦ ରହିଛି। ଏହା ସାଙ୍ଗକୁ ସମୁଦ୍ରକୂଳେ ରହିଥିବାରୁ ସମୁଦ୍ର ଭିତରେ ଭୂକମ୍ପ ହେଲେ କୂଳରେ ଥିବା ଜନବସତି ଓ ଲୋକଙ୍କ ଧନଜୀବନ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। କାରଣ ପୁରୀ ଜିଲ୍ଲାର ୧୫୦ କିଲୋମିଟର ଉପକୂଳ ଦେଇ ରହିଥିବା ବଙ୍ଗୋପସାଗର ଭିତରେ ରହିଛି ଟେକ୍ଟୋନିକ୍ ପ୍ଲେଟ୍ । ପ୍ଲେଟ ହଲିଲେ ଭୂକମ୍ପ ହେବ । ୨ରୁ ୩ ଘଣ୍ଟା ଭିତରେ ସୁନାମି ମାଡ଼ି ଆସିବ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପୁରୀ ଜିଲ୍ଲାର ସମୁଦ୍ରକୂଳିଆ ୬ ବ୍ଲକ ସମେତ କୋଣାର୍କ ଏନ୍‌ଏସି, ପୁରୀ ପୌରାଞ୍ଚଳ ସୁନାମି ପ୍ରବଣ ଅଞ୍ଚଳ ଚିହ୍ନଟ କରାଯାଇଛି। ସୁନାମି ଆସିଲେ ୬ ବ୍ଲକର ୮୬ଟି ଜନବସତି କ୍ଷୟକ୍ଷତି ହେବା ଆଶଙ୍କା ପ୍ରକାଶ କରାଯାଇଛି । ଏହି ଜନବସତିରେ ଆବଶ୍ୟକ ସ୍ଥଳେ ଧନଜୀବନ ସୁରକ୍ଷା ନିମନ୍ତେ ପଦକ୍ଷେପ ମଧ୍ୟ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମଗିରି, ଅସ୍ତରଙ୍ଗ, ଗୋପ ଓ କାକଟପୁରରେ ପ୍ରତି ବ୍ଲକର ଗୋଟିଏ ଲେଖାଏଁ ଗ୍ରାମକୁ ସୁନାମି ପ୍ରବଣ ଗାଁ ଭାବେ ଘୋଷଣା କରାଯାଇଛି । ସେଗୁଡ଼ିକ ହେଲା ଅସ୍ତରଙ୍ଗ କେଉଟଜଙ୍ଗା, କାକଟପୁର ଛୋଟିପଡ଼ା, ଗୋପର ଖାଲକଟାପାଟଣା, ବ୍ରହ୍ମଗିରିର ନରସିଂହପାଟଣା। ୟୁନେସ୍କୋ ଏହାକୁ ସୁନାମି ପ୍ରବଣ ଗାଁ ଭାବେ ମାନ୍ୟତା ଦେଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦ଟି ଗ୍ରାମକୁ ସୁନାମି ରେଡି ଭିଲେଜ ଭାବେ ଘୋଷଣା କରିବାକୁ ପଦକ୍ଷେପ ନିଆଯାଇଛି । ଏନେଇ ସୂଚନା ଦେଇଛନ୍ତି ପୁରୀ ଜରୁରୀକାଳୀନ କାର୍ଯ୍ୟାଳୟର ଅଧିକାରୀ ତଥା ଡେପୁଟି କଲେକ୍ଟର ଅଣୁଶ୍ରୀ ଗନ୍ତାୟତ । ସେ କହିଛନ୍ତି, ୧୦ଟି ଗ୍ରାମ ତାଲିକା ମଧ୍ୟରେ ଗୋପରେ ଗୋଟିଏ, ବ୍ରହ୍ମଗିରିରେ ୨ଟି, ଅସ୍ତରଙ୍ଗରେ ୩ଟା ଓ କାକଟପୁରରେ ୪ଟା ଗ୍ରାମ ରହିଛି । ୮ ପଞ୍ଚାୟତରେ ଏହି ୧୦ ଗ୍ରାମ ରହିଛି । ଏହି ପଞ୍ଚାୟତ ଓ ଗ୍ରାମ ସ୍ତରରେ ସୁନାମି ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସମ୍ପୂର୍ଣ୍ଣ ସଚେତନତା କରାଯାଇଛି। ୧୨ ପରିମାପକୁ ପୂରଣ କରୁଥିବା ଅଞ୍ଚଳକୁ ସୁନାମି ରେଡି ଭିଲେଜ କରିବାକୁ ୟୁନେସ୍କୋ ଗାଇଡଲାଇନ୍ ଦେଇଛନ୍ତି । ୱାଲ ପେଣ୍ଟିଂ, ସାଇନ୍‌ଏଜ୍, ଛାତ୍ରଛାତ୍ରୀ ସଚେତନତା, ପଥପ୍ରାନ୍ତ ନାଟକ ପ୍ରଭୃତି ହୋଇଥିବା ଅଞ୍ଚଳକୁ ଏହି ତାଲିକାରେ ଯୋଡ଼ାଯାଇଛି । ୟୁନେସ୍କୋର ଜାତୀୟ ସୁନାମି ବୋର୍ଡ ଆସି ସାର୍ଟିଫିକେଟ ଦେବା ପରେ ସୁନାମି ରେଡି ଭିଲେଜ୍ ଘୋଷଣା ହେଉଛି । ପର୍ଯ୍ୟାୟ କ୍ରମେ ୬ ବ୍ଲକର ୮୬ଟି ସୁନାମିପ୍ରବଣ ଗ୍ରାମ ସମେତ କୋଣାର୍କର ଚନ୍ଦ୍ରଭାଗା, ପୁରୀ ପୌରାଞ୍ଚଳର ୧୪ ୱାର୍ଡ଼ ସମ୍ପୂର୍ଣ୍ଣ ଓ ୮ ୱାର୍ଡ ଆଶିଂକ ପରବର୍ତ୍ତୀ ସମୟରେ ସୁନାମି ରେଡି ଭିଲେଜ କରାଯିବ । ବିପର୍ଯ୍ୟୟ ହଠାତ୍ ମାଡ଼ିଆସେ । ତେଣୁ ସର୍ବଦା ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ଲୋକଙ୍କୁ ଏଥିପାଇଁ ସଚେତନ କରିବାକୁ ପଡ଼ିବ । ଯଦି ଭୂମିକମ୍ପ ସମୁଦ୍ର ମଝିରେ ହେବ ସମୁଦ୍ର ଲହଡ଼ି ସ୍ଥଳଭାଗକୁ ମାଡ଼ି ଆସିବାର ଆଶଙ୍କା ରହିଛି । ଯାହାକୁ ସୁନାମି କୁହାଯାଏ। ୨୦୦୪ ଡିସେମ୍ବରରେ ଆଣ୍ଡାମାନ ନିକୋବରରେ ସୁନାମି ଅନୁଭୂତ ହୋଇଥିଲା। ଏହି ସମୟରେ ହୋଇଥିବା ସୁନାମିରେ ୧୨ ଦେଶର ୨.୫ ଲକ୍ଷ ଲୋକ ମରିଥିଲେ । ପରେ ସମୁଦ୍ରକୂଳିଆ ସମସ୍ତ ବ୍ଲକର ସୁନାମପ୍ରବଣ ଅଞ୍ଚଳ ଚିହ୍ନଟ କରାଯାଇ ଲୋକଙ୍କୁ ପ୍ରସ୍ତୁତ ରହିବାକୁ ପଦକ୍ଷେପ ନିଆଯାଉଛି । ଭୌଗୋଳିକ ସ୍ଥିତିକୁ ପରିବର୍ତ୍ତନ କରାଯାଇ ପାରିବ ନାହିଁ । କିନ୍ତୁ ଜନସଂଖ୍ୟା ଓ ଜନବସତି ବଢ଼ି ଚାଲିଥିବାରୁ ଏହାର ସୁରକ୍ଷା ପ୍ରଶାସନ ନିମନ୍ତେ ଚାଲେଞ୍ଜ ହୋଇଛି। ସମୁଦ୍ରକୂଳ ଜନବସତି ପାଖକୁ ଚାଲିଆସୁଥିବାରୁ ଏହାର ସୁରକ୍ଷା ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ହାଇଦ୍ରାବାଦରେ ଥିବା ଆଇଏନସିଓଆଇସି ସୁନାମିର ମାତ୍ର ୨ରୁ ୩ଘଣ୍ଟା ଭିତରେ ପୂର୍ବ ସୂଚନା ଜାରି କରିବ । ବାତ୍ୟା କିମ୍ବା ବର୍ଷା ଭଳି ବହୁ ପୂର୍ବରୁ ଏ ସୂଚନା ମିଳିବନି। ତେଣୁ ପୁରୀ ଜିଲ୍ଲା ୬ ବ୍ଲକର ୨୬ଟି ସ୍ଥାନରେ ସୁନାମି ସୂଚନା ସାଇରନ୍ ଲଗାଯାଇଛି। ପୁରୀ ପୌରାଞ୍ଚଳର ସମୁଦ୍ରକୂଳ ଥାନା, ବଳିଆପଣ୍ଡା ଥାନା, ପେଣ୍ଠକଟା ବାତ୍ୟା ଆଶ୍ରୟସ୍ଥଳୀରେ ଏହି ସାଇରନ୍ ଲଗାଯାଇଛ।



# ଉପକୂଳ ସୁରକ୍ଷା ଅଭ୍ୟାସ 'ସାଗର କବଚ' ଉପରେ ସମୀକ୍ଷା



**ଭୁବନେଶ୍ୱର, ୧୧।୧୧**
**ନ୍ୟୁଜ ବ୍ୟୁରୋ**

ଗତ ସେପ୍ଟେମ୍ବର ୩ ଓ ୪ ତାରିଖରେ ଅନୁଷ୍ଠିତ ହୋଇଥିବା ସଂଯୁକ୍ତ ଉପକୂଳ ସୁରକ୍ଷା ଅଭ୍ୟାସ ସାଗର କବଚ ଉପରେ ଏକ ସମୀକ୍ଷା ବୈଠକ ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଅଛି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଉପକୂଳ ସୁରକ୍ଷା 'ସାଗର କବଚ' ଅଭ୍ୟାସ ସମୟରେ ନିଆ ଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରା ଯାଇଥିଲା। ଅଭ୍ୟାସ ସମୟରେ ଯାହା କିଛି ତ୍ରୁଟି ବିଚ୍ୟୁତି ସାମନାକୁ ଆସିଛି ପରବର୍ତ୍ତୀ ଅଭ୍ୟାସ ଗୁଡିକରେ ସେ ସବୁକୁ ସମାଧାନ କିପରି କରା ଯାଇପାରିବ ସେ ସମ୍ବନ୍ଧରେ ଅଧିକାରୀମାନଙ୍କଠାରୁ ଶ୍ରୀ ସାହୁ ପଚାରି ବୁଝିଥିଲେ। ଏଥି ସହ ତ୍ୱରିତ ସମାଧାନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏ ଦିଗରେ ରାଜ୍ୟ ତରଫରୁ ଅଧିକ ସତର୍କତା ଅବଲମ୍ବନ ପାଇଁ ଉପକୂଳବର୍ତ୍ତୀ ଜିଲ୍ଲାର ସମସ୍ତ ଆରକ୍ଷୀ ଅଧିକାରୀମାନଙ୍କୁ ନିବେଦନ କରିଥିଲେ। ସମ୍ଭାବ୍ୟ ଡ୍ରୋନ ଆକ୍ରମଣର ମୁକାବିଲା ପାଇଁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ତଟ ସୁରକ୍ଷା) ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି। ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ମତ୍ସ୍ୟ ମିତ୍ର ଓ ସାଗର ମିତ୍ର ସମେତ ତଟବର୍ତ୍ତୀ ଧିବର ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସମ୍ପୃକ୍ତିକୁ ତ୍ୱରାନ୍ୱିତ କରିବାକୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସାଗର କବଚ ଅଭ୍ୟାସ ଆସନ୍ତା ୨୦୨୬ ଫେବୃୟାରୀ ପ୍ରଥମ ସପ୍ତାହରେ ହେବ। ଇଣ୍ଡିଆନ କୋଷ୍ଟ ଗାର୍ଡ ସିପ ଗୋପାଳପୁରକୁ ମଧ୍ୟ ଏଥିରେ ସାମିଲ କରାଯିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଥିଲେ। ବୈଠକରେ ତଟରକ୍ଷୀ ବାହିନୀ, ନୌସେନା, ମେରାଇନ ପୋଲିସ, କେନ୍ଦ୍ରୀୟ ପାରାମିଲିଟାରୀ ବାହିନୀ, ମତ୍ସ୍ୟ ବିଭାଗ, ଗୃହ ବିଭାଗର ବରିଷ୍ଠ ଅଧିକରୀ, ଉପକୂଳ ଜିଲ୍ଲାମାନଙ୍କର ଆରକ୍ଷୀ ଅଧିକ୍ଷକ ଯୋଗ ଦେଇଥିଲେ।